

ଦାମ୍ପତ୍ୟ ଜୀବନରେ ଝଡ଼! ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 302 | ଭାଗ ୩୨ | ସଂଖ୍ୟା ୩୦୨ | Bhubaneswar | Saturday 25 January 2025 | Page 8 Rs. 4.00 | ଭୁବନେଶ୍ୱର ଶନିବାର ୨୫ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେ ଆରମ୍ଭ

## ସାକାର ହେବ ମୁଣ୍ଡ ଉପରେ ଛାତ ସ୍ୱପ୍ନ




**ଘର ଘର ବୁଲି ସ୍ଥିତି ପରଖିଲେ ମନ୍ତ୍ରୀ ଓ ସାଂସଦ**

**ପୁରୀ,୨୪।୧(ସଂଚାର ବ୍ୟୁରୋ):** ନିଜର ଘରଟିଏ କରିବା ସମସ୍ତଙ୍କର ସ୍ୱପ୍ନ ଥାଏ। ନୂତନ ସରକାର ଏହି ସ୍ୱପ୍ନକୁ ବାସ୍ତବ ରୂପ ଦେବା ସକାଶେ ଆଜିଠାରୁ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେର ଶୁଭାରମ୍ଭ କରିଛନ୍ତି ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ଆଜି ପୂର୍ବାହ୍ନରେ ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତର ଅର୍ଜୁନ ସିଂହପୁର ଗ୍ରାମରେ ରାଜ୍ୟସ୍ତରୀୟ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେର ଶୁଭାରମ୍ଭ ମନ୍ତ୍ରୀ ଶ୍ରୀ ନାଏକଙ୍କ ଦ୍ୱାରା କରାଯାଇଛି। ଏହାପରେ ସାତଶଙ୍ଖ ମେଳଣ ପଡିଆଠାରେ ଏକ ସାଧାରଣ ସଭାରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ନାଏକ ରାଜ୍ୟର ସମସ୍ତ ଜନସାଧାରଣଙ୍କ ପାଇଁ ପକ୍କାଘରର ବାସ୍ତବତା ପୂରଣ ହେବାକୁ ଯାଉଛି ବୋଲି କହିଥିଲେ। ବିଜେପି ସରକାର ଲୋକଙ୍କ ସରକାର। ସରକାର ଆବାସ ଯୋଜନା ୨୦୨୪ ନାମରେ ଏକ ଆପ ବ୍ୟବସ୍ଥା କରିଛନ୍ତି। ଏହାକୁ ହିତାଧିକାରୀ ଉପଯୋଗ କରି ଆବେଦନ କରିପାରିବେ। ୧୪ ହଜାର ଅଧିକାରୀ ଓ କର୍ମଚାରୀ ଏହି ସର୍ଭେ କାର୍ଯ୍ୟର ତଦାରଖ କରିବେ। କୌଣସି କ୍ଷେତ୍ରରେ ଅବହେଳା ବା ସର୍ଭେରେ ତ୍ରୁଟି କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାର ଉପଯୁକ୍ତ ତଦନ୍ତ ପରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇବାର ➪ପୃଷ୍ଠା-୬

## ଶିଳ୍ପ ବିକାଶରେ 'ଉତ୍କର୍ଷ ଓଡ଼ିଶା' ହେବ ମାଇଲଖୁଣ୍ଟ

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ଆସନ୍ତା ୨୮ରୁ ଦୁଇଦିନିଆ ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ୨୦ଟି ଦେଶର ଶତାଧିକ ଆନ୍ତର୍ଜାତିକ ପ୍ରତିନିଧି ଯୋଗଦେବେ। ଆଜି ପ୍ରସ୍ତୁତିର ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଜନତା ମଇଦାନରେ ପହଞ୍ଚି ସ୍ଥିତି ପରଖିବା ସହ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହି କାର୍ଯ୍ୟକ୍ରମ ସବୁ ଦୃଷ୍ଟିକୋଣରୁ ଐତିହାସିକ ହେବ। ରାଜ୍ୟ ପାଇଁ ଏକ ସୁଦୃଢ଼ ଅର୍ଥନୈତିକ ଓ ଶିଳ୍ପ ଭିତ୍ତିଭୂମି ପ୍ରସ୍ତୁତ କରିବା ଦିଗରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ୫ଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବାର ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ନିଶ୍ଚୟ ପୂରଣ ହେବ। ଶ୍ରମିକ, କୃଷକ ମାନଙ୍କ ପରି ସାଧାରଣ ଲୋକଙ୍କ ପାଇଁ ମଧ ବିପୁଳ ସୁଯୋଗ ସୃଷ୍ଟି ହୋଇପାରିବ। ଏହି ଇନଭେଷ୍ଟର୍ସ ମିଟ୍‌ରେ ୫ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିବାର ସମ୍ଭାବନା ରହିଛି, ଯାହା ସାଢ଼େ ୩ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବ। ୧୦୦ରୁ ଅଧିକ ନିବେଶକ ମଧ ଚୁକ୍ତି ସ୍ୱାକ୍ଷର କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆସନ୍ତା ୨୮ ତାରିଖରେ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିବେ। ଓଡିଶାରେ ପୁଞ୍ଜିନିବେଶ ପ୍ରତି ତାଙ୍କର ସ୍ୱତନ୍ତ୍ର ଧ୍ୟାନ ରହିଛି ଏବଂ ଓଡିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ ଭାବେ ଅଗ୍ରସର ହେଉଛି। ମେକ ଇନ ଓଡିଶା ୱେବସାଇଟ୍‌ରେ ସାଢ଼େ ୭ ହଜାରରୁ ଅଧିକ ପ୍ରତିନିଧି ପଞ୍ଜିକରଣ କରିଛନ୍ତି। ଏଥିରେ ୨୦ରୁ ଅଧିକ ଦେଶର ୧୦୦ରୁ ଅଧିକ ଆନ୍ତର୍ଜାତିକ ପ୍ରତିନିଧି ଅଛନ୍ତି। ସିଙ୍ଗାପୁର, ଅଷ୍ଟ୍ରେଲିଆ ଓ ମାଲେସିଆ ପରି ଆମର ପାର୍ଟନର ଦେଶମାନଙ୍କରୁ ଅଧିକ ପ୍ରତିନିଧି ଆସିବାର ସମ୍ଭାବନା ରହିଛି।

**ଯୋଗଦେବେ ୨୦ ଦେଶର ଶତାଧିକ ପ୍ରତିନିଧି**




ଏଥିରେ କେତେକ କଣ୍ଟ୍ରି ଅଫ୍ ଫୋକସ୍ ସେସନ ଅନୁଷ୍ଠିତ ହେବ, ଯେଉଁଥିରେ ପ୍ରାୟ ୨୦ଟି ଦେଶର ପ୍ରତିନିଧି ଆଲୋଚନା କରିବେ। ଏହାଦ୍ୱାରା ଆନ୍ତର୍ଜାତିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି ପାଇବ। ଏହି କନକ୍ଲେଭରେ ଏକ 'ମେକ୍ ଇନ୍ ଓଡିଶା ଏକ୍ସପୋ' ➪ପୃଷ୍ଠା-୬

### ବଢୁଛି ନିବେଶକଙ୍କ ଭରସା

**୩୨,୭୩୬ କୋଟିର ପ୍ରକଳ୍ପକୁ ମଞ୍ଜୁରୀ**

**ଭୁବନେଶ୍ୱର:** ଆଉ ମାତ୍ର ଦିନ କେଇଟା ପରେ ଉତ୍କର୍ଷ ଓଡିଶା କନକ୍ଲେଭ। ତା'ପୂର୍ବରୁ ରାଜ୍ୟକୁ ସୁଟୁଛି ପୁଞ୍ଜିନିବେଶର ସୁଅ। ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ବୈଠକରେ ୮ଟି ବୃହତ ପ୍ରକଳ୍ପକୁ ମଂଜୁରୀ ମିଳିଛି। ଏହିସବୁ ପ୍ରକଳ୍ପରେ ୩୨ ହଜାର ୭୩୬ କୋଟି ଟଙ୍କାର ପଂଜିନିବେଶ ଲକ୍ଷ୍ୟ ଥିବା ବେଳେ ୧୮ ହଜାର ୬୮୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ କରିବାକୁ ଲକ୍ଷ୍ୟ ରଖିଥିବା ବିଜେପି ସରକାର ସମନ୍ୱିତ ଶିଳ୍ପର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଆଜି ରସାୟନ, ସବୁଜ ଶକ୍ତି ଯନ୍ତ୍ରପାତି, ଜାହାଜ ତିଆରି ଓ ମରାମତି ସାଙ୍ଗକୁ ଇସ୍ପାତ ଭଳି ପ୍ରକଳ୍ପ ଗୁଡିକୁ ଆଜି ମଂଜୁରୀ ମିଳିଛି। ନିକଟରେ ମୁମ୍ବାଇ, ଦିଲ୍ଲୀ, ସିଙ୍ଗାପୁରରେ ହୋଇଥିବା ରୋଡ ଶୋ ପରେ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ନିବେଶକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଜଗତସିଂହପୁର, ସମ୍ବଲପୁର, ଖୋର୍ଦ୍ଧା ଓ ଭଦ୍ରକରେ ହେବାକୁ ଥିବା ଏହି ଶିଳ୍ପଦ୍ୱାରା ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶ ସାଙ୍ଗକୁ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହିତ ଆଗାମୀ ଦିନରେ ଓଡିଶା ପୁଞ୍ଜିନିବେଶର ଅଲଟିମେଟ ଡେଷ୍ଟିନେସନ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଆଜି ମଂଜୁରୀ ପାଇଥିବା କମ୍ପାନୀ ➪ପୃଷ୍ଠା-୬

## ଲୋକଙ୍କ ମତରେ ଲୋକାଭିମୁଖୀ ବଜେଟ୍



**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ଆସନ୍ତା ୧୩ ତାରିଖରେ ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ ଓ ୧୭ ତାରିଖରେ ସାଧାରଣ ବଜେଟ୍ ଉପସ୍ଥାପିତ ହେବ। ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ବଜେଟ୍ ଉପସ୍ଥାପନ କରିବାକୁ ଥିବାରୁ ଏହାକୁ କିପରି ଅଧିକ ଲୋକାଭିମୁଖୀ କରାଯାଇପାରିବ, ସେନେଇ ସମୀକ୍ଷା କରାଯାଇଛି। ବଜେଟ୍‌ରେ କ'ଣସବୁ ବ୍ୟବସ୍ଥା କରାଗଲେ, ଏହା ଜନସାଧାରଣଙ୍କ ପାଇଁ ଅଧିକ ଉପଯୋଗୀ ହେବ ଏବଂ ସର୍ବୋପରି ରାଜ୍ୟର ବିକାଶରେ ସହାୟକ ହେବ, ସେନେଇ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ ଓ ସାଧାରଣ ଲୋକଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି। ଏହି ମତାମତ ଆସନ୍ତା ୩୧ ତାରିଖ ସୁଦ୍ଧା ପଠାଇବାକୁ କୁହାଯାଇଛି। ସେହିପରି ରାଜ୍ୟରେ ବେକାରୀ ସମସ୍ୟା ଦୂର କରିବା ସକାଶେ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ସେଥିପାଇଁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆହୁରି ୪୦ ହଜାର ନିଯୁକ୍ତି ଦିଆଯିବ। ରାଜ୍ୟ ସରକାର ଚଳିତ ବର୍ଷ ଶେଷସୁଦ୍ଧା ମୋଟ ନିଯୁକ୍ତିକୁ ୬୫ ହଜାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ବର୍ଷ ପରି ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାକୁ ଲୋକାଭିମୁଖୀ କରିବା ପାଇଁ ଆମ ସରକାର ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜନସାଧାରଣଙ୍କଠାରୁ ବହୁମୂଲ୍ୟ ମତାମତ ଆହ୍ୱାନ ➪ପୃଷ୍ଠା-୬

- ଅଢ଼େଇ ଲକ୍ଷ କୋଟିର ନିବେଶ ଦେବ ୧.୧୦ ଲକ୍ଷ ନିଯୁକ୍ତି
- ଚଳିତ ଆର୍ଥିକ ବର୍ଷରେ ମୋଟ ୬୫ ହଜାର ନିଯୁକ୍ତି
- ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ ବର୍ଗର ପ୍ରତିନିଧିଙ୍କ ସହ ଆଲୋଚନା
- ୩୧ ସୁଦ୍ଧା ବିଶେଷଜ୍ଞ ଓ ଜନସାଧାରଣ ମତାମତ ଦେଇପାରିବେ
- ଗ୍ରାମାଞ୍ଚଳ ଓ ଅନଗ୍ରସରଙ୍କ ବିକାଶ ଉପରେ ରହିବ ଫୋକସ

## ବେସୁରା ରୁବେନ: ଚାପରେ ଚେପା

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ଜଣାଶୁଣା ବରିଷ୍ଠ ସାମ୍ବାଦିକ ରୁବେନ ବାନାର୍ଜୀ କାହା ଚାପରେ ଚେପା ହୋଇଗଲେ କି? ଏକଥା ଆମେ ଏଥିପାଇଁ କହିବାକୁ ବାଧ ହେଉଛୁ କି, ନିକଟରେ ସେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମ୍ପର୍କରେ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କଡ଼ା ଟିପ୍ପଣୀ ଦେଇଥିଲେ। କିନ୍ତୁ ହଠାତ ଆଜି ସେ ଏହି ପୋଷ୍ଟକୁ ଡିଲିଟ୍ କରିଦେଇଛନ୍ତି। କିନ୍ତୁ ଏହାର କିଛି ସମୟ ପରେ ସେ ନିଜର ପୂର୍ବ ଭିଡିଓରେ କିଛିଟା କାଟ୍‌ଛାଣ୍ଟ କରି ପୁଣିଥରେ ସମାନ ଶୀର୍ଷକ ଦେଇ ଆଉଏକ ଭିଡିଓ ଅପଲୋଡ୍ କରିଛନ୍ତି। ତେବେ ରୁବେନ୍ ଏପରି କରିବା ପଛର କାରଣ କ'ଣ ବୋଲି ଏବେ ବୁଦ୍ଧିଜୀବୀ ମହଲରେ ଆଲୋଚନା ଆରମ୍ଭ ହୋଇଯାଇଛି।

**ଶୀର୍ଷକ ସମାନ ରଖି ପାଠ ବଦଳାଇଦେଲେ**




ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ଦେଶ ଓ ରାଜ୍ୟର ରାଜନୀତିକୁ ନେଇ ସବୁ ସମୟରେ ଠୋକଠୋକ ମତ ଓ ମନ୍ତବ୍ୟ ଦେଉଥିବା ବରିଷ୍ଠ ସାମ୍ବାଦିକ ରୁବେନ ଯୁବପିଢ଼ି ସାମ୍ବାଦିକଙ୍କ ପାଇଁ ଆଦର୍ଶ ରହିଆସିଛନ୍ତି। କାରଣ ରୁବେନ୍ ଯାହା କହୁଥିଲେ ବା ଲେଖୁଥିଲେ, ସେଥିରୁ ସମସ୍ତଙ୍କୁ ଲାଗେ ଯେ ସେ ଜଣେ ନିରପେକ୍ଷ ଓ ସଚ୍ଚୋଟ ସାମ୍ବାଦିକ। ଯେଉଁଥିପାଇଁ ବହୁ ସାମ୍ବାଦିକ, ରାଜନୈତିକ ବ୍ୟକ୍ତି, ପ୍ରଶାସକ ଓ ବୁଦ୍ଧିଜୀବୀ ତାଙ୍କ ଲେଖା ଓ ବୈଦ୍ୟୁତିକ ଗଣମାଧ୍ୟମରେ ତାଙ୍କ ବିବୃତିକୁ ➪ପୃଷ୍ଠା-୬

## ଉମାଙ୍କ ଅପକର୍ମ ଖୋଜୁଛି ବିଜେଡି !



**ପୁରୀ,୨୪।୧(ସଂଚାର ବ୍ୟୁରୋ):** କଣାସରେ ଝାଡ଼ିବାନ୍ତିରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କିଛି ଲୋକ ଅସୁସ୍ଥ ହୋଇଛନ୍ତି। ଏହାର କାରଣ କ'ଣ ପ୍ରାୟ ସମସ୍ତଙ୍କୁ ଜଣା। କିନ୍ତୁ ଏହି ଘଟଣାକୁ ବିଜେଡି ଯେମିତି ରାଜନୈତିକ ରୂପ ଦେଉଛି, ତାର ପ୍ରକୃତ କାରଣ କଣ ତାହା ବୁଝାପଡୁନି। ବିଜେଡି ସରକାର କାହିଁକି ସତ୍ୟବାଦୀରୁ ହାରିଲା ତା'ର କାରଣ ଖୋଜୁଛି ନା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅପକର୍ମ ଖୋଜୁଛି ବିଜେଡି ଟିମ?

କାରଣ ଗତ ୧୦ ବର୍ଷ ଧରି ଏହି ବିଧାନସଭାର ସଦସ୍ୟ ଥିଲେ ଉମାକାନ୍ତ ସାମନ୍ତରାୟ। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ସେ ସ୍ୱାଧୀନ ବିଧାୟକ ହୋଇଥିଲେ ମଧ ବିଜେଡିକୁ ସମର୍ଥନ କରୁଥିଲେ। ସେହିଭଳି ୨୦୧୯ରୁ ୨୦୧୪ ପର୍ଯ୍ୟନ୍ତ ସେ ବିଜେଡିରୁ ପ୍ରାର୍ଥୀ ହୋଇ ଜିତିଥିଲେ। ତା' ସହ ସେ ନିଜେ ଜିଲ୍ଲା ପରିଷଦ ସଭ୍ୟ ବି ଥିଲେ। ଏବେ ତାଙ୍କ ପତ୍ନୀ ବି ସମିତି ସଭ୍ୟ ଅଛନ୍ତି। ଏହି ଆସନରୁ ଦୁଇ ଦୁଇ ଥର ବିଧାୟକ ହୋଇଥିବା ଉମାକାନ୍ତ ସମାନ୍ତରାୟ ନିଜ ଅଞ୍ଚଳ ପାଇଁ କ'ଣ କରିଥିଲେ? ନା ସେଠାକୁ ପାଇପ ପାଣି ଯାଇପାରିଛି ନା ସେଠାରେ ପର୍ଯ୍ୟାପ୍ତ ନଳକୂପ ହୋଇପାରିଛି।

ସ୍ଥାନୀୟ ଲୋକେ ଦୟା ନଦୀର ପାଣି ବ୍ୟବହାର କରିବା କିଛି ନୂଆ କଥା ନୁହେଁ। ଏକଥା କ'ଣ ଉମା ସମାନ୍ତରାୟଙ୍କୁ ଅଛପା ଥିଲା କି ବୋଲି ଏକ ସାଧାରଣ ପ୍ରଶ୍ନ ଉଠୁଛି। କଣାସରେ ଲୋକେ ଦୂଷିତ ପାଣି ପିଇ ଅସୁସ୍ଥ ହେବା ପରେ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି ବୋଧହୁଏ ➪ପୃଷ୍ଠା-୬

## ଗୋଳାବାରୁଦ କାରଖାନାରେ ବିସ୍ଫୋରଣ: ୫ ମୃତ

**୫ କିମି ଦୂରକୁ ଶୁଭିଲା ଶବ୍ଦ**



**ନାଗପୁର,୨୪।୧:** ମହାରାଷ୍ଟ୍ରର ଭଣ୍ଡାରାରେ ଥିବା ଗୋଳାବାରୁଦ କାରଖାନାରେ ଭୟଙ୍କର ବିସ୍ଫୋରଣ ହେବା ଫଳରେ ଏଥିରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ଏଥିସହ କାରଖାନାରେ ଏକାଧିକ କର୍ମଚାରୀ ଫସିରହିଥିବା ଜଣାପଡ଼ିଛି। ସକାଳ ପ୍ରାୟ ସାଢ଼େ ୧୦ଟା ସମୟରେ ଏହି ବିସ୍ଫୋରଣ ହୋଇଥିଲା। ତେବେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଆଖପାଖ ଅଞ୍ଚଳ ଥରି ଉଠିଥିଲା। ଏପରିକି ବିସ୍ଫୋରଣର ଶବ୍ଦ ପ୍ରାୟ ୫ କିମି ଦୂର ➪ପୃଷ୍ଠା-୬

### ପୁଲିସ୍ ଡିଜି-କୋଷ୍ଟ ଗାର୍ଡ ଏଡିଜି ସାକ୍ଷାତାଲୋଚନା

## ପୂର୍ବତନ ନୌସେନା ଯବାନଙ୍କୁ ମେରାଇନ୍ ଥାନାରେ ମିଳିବ ନିଯୁକ୍ତି



**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ସ୍ଥାନୀୟ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ପୁଲିସ୍ ଡିଜି) ଯୋଗେଶ ବାହାଦୁର ଖୁରାନିଆଙ୍କୁ ପୂର୍ବ ସମୁଦ୍ର ତଟର କୋଷ୍ଟ ଗାର୍ଡ କମାଣ୍ଡର ଏଡିଜି ଡନି ମିଚେଲ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉପକୂଳ ସୁରକ୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଭୟଙ୍କ ମଧ୍ୟରେ ବିଶଦ ଆଲୋଚନା ହୋଇଥିଲା। ଏଥିସହ ଆଗାମୀ ଦିନରେ ଉପକୂଳ ସୁରକ୍ଷା ନିମନ୍ତେ ଉଭୟ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ମଧ ଉଭୟ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ତଟ ସୁରକ୍ଷା ବାହିନୀ ଓ ଭାରତୀୟ ନୌସେନାରେ କାର୍ଯ୍ୟ କରି ଅବସର ନେଇଥିବା ଯବାନମାନଙ୍କୁ ଆଗାମୀ ଦିନରେ ମେରାଇନ ଥାନାଗୁଡିକରେ ନିଯୁକ୍ତି ଦିଆଯିବ ବୋଲି ଆଲୋଚନା ସମୟରେ ନିଯୁକ୍ତି ହୋଇଛି। ଓଡ଼ିଶା ପୁଲିସ ଓ ତଟ ସୁରକ୍ଷା ସହ ଯେଉଁ ସମ୍ପର୍କ ସ୍ଥାପନ ହୋଇଛି, ତାହା ଦୀର୍ଘସ୍ଥାୟୀ ରଖିବାକୁ ସବୁବେଳେ ଉଦ୍ୟମ ଜାରି ରହିବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି।

ଆହୁରି ଉପକୂଳ ଅଞ୍ଚଳରେ ପାଟ୍ରୋଲିଂକୁ ଅଧିକ ତ୍ୱରାନ୍ୱିତ କରିବା, ଆକାଶ ମାର୍ଗରୁ ଗତିବିଧି ନିରୀକ୍ଷଣ ଓ ଆଦେଶ ଅନୁଯାୟୀ ସମ୍ପୂର୍ଣ୍ଣ ଉପକୂଳ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରାଯିବା ଭଳି ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ତା'ଛଡ଼ା ତଟ ସୁରକ୍ଷା ବାହିନୀ ପକ୍ଷରୁ ଓଡ଼ିଶା ପୁଲିସକୁ ସମସ୍ତ ପ୍ରକାର ସହଯୋଗ କରିବା ନେଇ ବି ଆଲୋଚନା ହୋଇଥିବା ଜଣାପଡ଼ିଛି। ଆହୁରି ଆଗାମୀ ଦିନରେ ତଟ ସୁରକ୍ଷା ଓ ଓଡିଶା ପୁଲିସର ପଦାଧିକାରୀମାନଙ୍କୁ ➪ପୃଷ୍ଠା-୬



### କାନ ଡେରିଥା

ରାଜନୀତି ଏଠି କଳଙ୍କିତ ନୁହେଁ
କଳଙ୍କିତ କିଛି ନେତା
ନିଜ ସ୍ୱାର୍ଥ ପାଇଁ ସବୁ ସେ କରନ୍ତି
ଭୋକୁଆ ଏଠି ଜନତା
ଲାଗେ ସତେ ବର୍ଷା ଛତା...
ନେତା ଖାଇଥାନ୍ତି କୋଟିକୋଟି
ଟଙ୍କା
ଯୁବକଟି ଖୋଜେ ଭତ୍ତା।

■ ଦେବାଶିଷ

## ଘର ମାଲିକଙ୍କ ସହ ଲୁଚକାଳି ଖେଳୁଛନ୍ତି ବିଲଡର

- ହସ୍ତାନ୍ତର କରୁନାହାନ୍ତି ଆପାର୍ଟମେଣ୍ଟ ପରିଚାଳନା ଦାୟିତ୍ୱ
- କମିଟି ଗଠନରେ ସାଜୁଛନ୍ତି ବାଧକ
- ଆପାର୍ଟମେଣ୍ଟରେ ରଖୁଛନ୍ତି ଗୁଣ୍ଡା



**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ରାଜଧାନୀର ବିଭିନ୍ନ ସ୍ଥାନରେ ଆପାର୍ଟମେଣ୍ଟ ନିର୍ମାଣ କରିଥିବା ବିଲ୍ଡରମାନେ ଘର କିଣିଥିବା ଲୋକଙ୍କୁ ଆପାର୍ଟମେଣ୍ଟର ପରିଚାଳନା ଭାର ହସ୍ତାନ୍ତର କରୁନାହାନ୍ତି। ଯେଉଁଠାରେ ଘର ମାଲିକମାନେ ଏକାଠି ହୋଇ କମିଟି ଗଠନ କରୁଛନ୍ତି, ସେଥିରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ କରିବା ସହ ବହୁ ଆପାର୍ଟମେଣ୍ଟରେ ବିକ୍ରି ହୋଇନଥିବା ଘରେ ଭଡାଟିଆ ଗୁଣ୍ଡା ରଖି ଘର ମାଲିକଙ୍କୁ ନାଲିଆଖି ଦେଖାଉଛନ୍ତି।

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ (ଓରେରା)ର ନିୟମ ଅନୁଯାୟୀ, ଯେଉଁସବୁ ଆପାର୍ଟମେଣ୍ଟଗୁଡିକ ଲୋକଙ୍କୁ ବିକ୍ରିସରିଲାଣି, ସେଠାରେ ତାହାର ପରିଚାଳନା ଦାୟିତ୍ୱ ତୁରନ୍ତ ଏ ସଂକ୍ରାନ୍ତରେ ଗଠିତ କମିଟିକୁ ହସ୍ତାନ୍ତର କରାଯିବା କଥା। ହେଲେ ଅଧିକାଂଶ ବିଲଡର ଏହାକୁ ମାନୁନାହାନ୍ତି। ଏହାର କାରଣ ହେଉଛି ବହୁ କ୍ଷେତ୍ରରେ ବିଲଡରମାନେ ଆପାର୍ଟମେଣ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ଘର ବିକ୍ରି କରିଦେଇଛନ୍ତି। ଗୋଟି ଗୋଟି କରି ଘର ସମ୍ପୂର୍ଣ୍ଣ କରିବା ସହ ତାହାକୁ ମୂଲଚାଲ କରି ଚଢ଼ା ଦରରେ ବିକ୍ରି କରୁଛନ୍ତି।

ଯେଉଁସବୁ ଆପାର୍ଟମେଣ୍ଟରେ ଲୋକେ ଏକାଠି ହୋଇ କମିଟି ଗଠନ କରୁଛନ୍ତି, ସେମାନଙ୍କୁ ବି ପରିଚାଳନା ଭାର ହସ୍ତାନ୍ତର କରୁନାହାନ୍ତି। କାରଣ ବହୁ ସ୍ଥାନରେ ଘର ବିକ୍ରି କରିଦେଇଥିଲେ ମଧ ପ୍ରତିଶ୍ରୁତି ମୁତାବକ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧ କରାଉନାହାନ୍ତି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବି କରୁନାହାନ୍ତି। ଲୋକଙ୍କଠାରୁ ଅର୍ଥ ନେଇଥିଲେ ମଧ ଅତ୍ୟନ୍ତ ମନ୍ଥର ଗତିରେ କାର୍ଯ୍ୟ କରୁଛନ୍ତି। ତେଣୁ ଲୋକେ ବର୍ଷ ବର୍ଷ ଧରି ଘର କିଣି ରହିଥିଲେ ମଧ ସର୍ବନିମ୍ନ ସୁବିଧା ପାଇପାରୁନାହାନ୍ତି। ଏପରିକି ବିଦ୍ୟୁତ, ପାଣି, ମୁଖ୍ୟ ଫାଟକ, ପିଲାଙ୍କ ପାଇଁ ଉଦ୍ୟାନ ଆଦି ବି ନିର୍ମାଣ ହୋଇପାରୁନାହିଁ।

ଯେଉଁସବୁ ଆପାର୍ଟମେଣ୍ଟର ମାଲିକମାନେ ଏକାଠି ହୋଇ କମିଟି ଗଠନ କରିବା ସହିତ ପରିଚାଳନା ହସ୍ତାନ୍ତର ଓ ପ୍ରତିଶ୍ରୁତି ମୁତାବକ ଅନ୍ୟାନ୍ୟ ସୁବିଧା ପାଇଁ ଦାବି କରୁଛନ୍ତି, ସେଠାରେ ବିଲଡରମାନେ ଘର ମାଲିକଙ୍କ ମଧ୍ୟରେ ଫାଟ ସୃଷ୍ଟି କରୁଛନ୍ତି। ଦୁଇ ଦଳଙ୍କୁ ପ୍ରଲୋଭନ ଦେଖାଇ କମିଟି ଗଠନ ଦିଗରେ ବାଧା ସୃଷ୍ଟି କରୁଛନ୍ତି। ନିକଟରେ ସହିଦନଗର ଅଞ୍ଚଳରେ ଏକ ବିଲଡର ସଂସ୍ଥା ଦପ୍ତରରେ ପରିଚାଳନା ହସ୍ତାନ୍ତର ପାଇଁ ଡକାଯାଇଥିବା ବୈଠକରେ ଦୁଇ ଦଳର ଝଗଡ଼ାରେ ଶେଷ ହେବା ପରେ ବିଲଡରମାନଙ୍କ ଅସଲ ଖେଳ ପଦାକୁ ଆସିବାରେ ଲାଗିଛି।

ରେରା କର୍ତ୍ତୃପକ୍ଷ ଆଇନ୍ ତିଆରି କରିଥିଲେ ମଧ ରାଜଧାନୀର ବିଭିନ୍ନ ➪ପୃଷ୍ଠା-୬

### ସୀମାରେ ସର୍ଜିକାଲ୍ ଷ୍ଟ୍ରାଇକ୍ ଘଟଣା

## ମୃତ ମାଓବାଦୀଙ୍କ ମଧ୍ୟରେ ଜଣେ ଓଡ଼ିଆ

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ନିକଟରେ ଗରିଆବନ୍ଧ ଅପରେସନରେ ୧୬ ଜଣ ମାଓବାଦୀଙ୍କୁ ସୁରକ୍ଷାକର୍ମୀମାନେ ନିପାତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଆଜି ୧୨ ଜଣଙ୍କ ପରିଚୟ ମିଳିଛି। ସେମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ଥିବା ଜଣାପଡ଼ିଛି। ମୃତ ଓଡ଼ିଆ ମାଓବାଦୀ ଜଣକ କଟକ ନିଆଳିର ବାଉରୀବନ୍ଧୁ ସେଠୀ ଓରଫ୍ ଆଲୋକ ଓରଫ୍ ମୁନ୍ନା ଏବଂ ତା' ନାଁରେ ୧୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଓଡ଼ିଶା-ଛତିଶଗଡ଼ ସୀମାରେ ଗତ ୧୯ ତାରିଖରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ସୁରକ୍ଷା କର୍ମୀମାନେ ସେଠାରେ ଅପରେସନ୍‌କୁ ଜୋର୍‌ଦାର କରିଥିଲେ। ପରଦିନ ଭୋର୍ ସମୟରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟର୍‌ରେ ୧୬ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଏଥିରେ କୋଟିଏ ଟଙ୍କାର ପୁରସ୍କାର ରାଶି ଥିବା ଟପ୍ ମାଓନେତା ତଥା ସେଣ୍ଟ୍ରାଲ କମିଟି ସଦସ୍ୟ ଚଲପତି ମଧ ସାମିଲ୍ ଥିଲା। ଆଜି ୧୨ ➪ପୃଷ୍ଠା-୬



## ଉଠାଜଳସେଚନ ପଏଣ୍ଟରୁ ପାଣି ଚୋରି ଅଭିଯୋଗ

**ରାଜକନିକା,୨୪।୧(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଉଠାଜଳସେଚନ ବିଭାଗ ଅନ୍ତର୍ଗତ ଓଳାଭର ପଞ୍ଚାୟତ ଦେଉଳସାହି ବିରଞ୍ଚିନାରାୟଣୀ ଉଠାଜଳସେଚନ ପଏଣ୍ଟରୁ ବେଆଇନ୍ ପାଇପ୍ ଫୁଟେଇ ପାଣି ଚୋରି କରାଯାଉ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ ଦେଉଳସାହି ଗାଁର ମଠପୋଖରୀ ସନ୍ନିକଟ ଶତାଧିକ ହେକ୍ଟର ଚାଷଜମିକୁ ଉଠାଜଳସେଚନ ମାଧ୍ୟମରେ ପାଣି ଯୋଗାଣ ନିମନ୍ତେ ବିରଞ୍ଚିନାରାୟଣୀ ପଏଣ୍ଟ ୨୦୨୨-୨୩ ବର୍ଷରେ କାର୍ଯ୍ୟକ୍ଷମ ହୋଇଛି। ଏଥିପାଇଁ ୧୬ ଲକ୍ଷରୁ ଅଧିକ ଅର୍ଥ ଖର୍ଚ୍ଚ ବି ହୋଇଛି। ନିୟମ ମୁତାବକ ଏହି ପାଣି ପଏଣ୍ଟରୁ ଜମିର ବିଭିନ୍ନ ସ୍ଥାନରେ ଚ୍ୟାମ୍ବର୍ ମାଧ୍ୟମରେ ଜମକୁ ପାଣି ମଡା ଯିବାର ବ୍ୟବସ୍ଥା ରହିଛି। ହେଲେ ଚକିତ କଲା ଭଳି କଥା ହେଉଛି ଏହି ପଏଣ୍ଟ ମୂଳ ପାଇପ୍‌କୁ ଜାଣିଶୁଣି ଫୁଟା ଯାଇ ଅସାଧୁ ଉପାୟରେ ପାଣି ଚୋରି ହେଉଥିବାର ଅଭିଯୋଗ ହେଉଛି। ଯାହା ଫଳରେ ପାଣି ଜମିର ଶେଷ ମୁଣ୍ଡକୁ ମାଡି ପାରୁ ନ ଥିବାରୁ ଚାଷ କାମ ବ୍ୟାହତ ହେଉଛି। ତୁରନ୍ତ ବିଭାଗୀୟ ଅଧିକାରୀ ସରଜମିନ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ସହିତ ପାଣି ଯୋଗାଣକୁ ସୁବ୍ୟବସ୍ଥିତ କରିବାକୁ ଦାବି ହେଉଛି ।

### ସଂଚାରରେ ଖବର ପ୍ରକାଶ ପରେ ଘରେ ପହଞ୍ଚିଲେ ବିଦ୍ୟୁତ ବିଭାଗ

## ଜଳିଲା ବିଜୁଳି, ମାଉସୀ ମୁହଁରେ ଫୁଟିଲା ହସ

**ମହାକାଳପଡ଼ା,୨୪।୧(ସଂଚାର ବ୍ୟୁରୋ):** ସଂଚାରର ମହାପ୍ରଭାବ ପାଇଁ ଆଜି ଜଣେ ମାଉସୀଙ୍କ ମୁହଁରେ ହସ ଫୁଟିଛି। ଦୀର୍ଘବର୍ଷ ଧରି ବିଦ୍ୟୁତ ସେବାରୁ ବଞ୍ଚିତ ଥିବା ଅସହାୟ ବୃଦ୍ଧାଙ୍କ ଘରେ ପହଞ୍ଚି ବିଦ୍ୟୁତ ସଂଯୋଗ କରିଛି ବିଭାଗ। ଡିବିରି ଆଲୁଅରେ ରାତି କାଟୁଥିବା ମାଉସୀ ଜଣଙ୍କ ବିଜୁଳି ସୁବିଧା ପାଇବା ପରେ ସଂଚାର ଖବରକାଗଜକୁ ଧନ୍ୟବାଦ ଜଣାଇଛନ୍ତି।

ମହାକାଳପଡ଼ା ବ୍ଲକ ରାମନଗର ଗ୍ରାମ ପଞ୍ଚାୟତ ବରଜ ଗ୍ରାମରେ ରୁହନ୍ତି ୬୬ ବର୍ଷୀୟ ବୃଦ୍ଧା ସାବିତ୍ରୀ ସାମଲ। ସ୍ୱାମୀ ଠେକୁଆ ସାମଲ ଦ୍ୱିତୀୟ ପତ୍ନୀ ଓ ପୁଅକୁ ନେଇ ଅନ୍ୟ ଆଡେ ରହୁଛନ୍ତି। ଆବାସ ଯୋଜନା, ରାସନ୍ କାର୍ଡରୁ ବଞ୍ଚିତ ଅଛନ୍ତି ସାବିତ୍ରୀ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବିଜୁଳି ଆଲୁଅ ତାଙ୍କ ପାଖରେ ପହଞ୍ଚି ପାରିନାହିଁ। ରାତି ହେଉ ଅବା ଦିନ ଡିବିରି ଆଲୁଅରେ ରାତି କାଟୁଛନ୍ତି। ବିଜୁଳି, ଘର,



ରାସନ୍ କାର୍ଡ ପାଇଁ କେତେ ଲୋକଙ୍କୁ ଗୁହାରି କରିଛନ୍ତି, କେତେ ରାଜନୀତିଆ ନେତାଙ୍କୁ ଆକୁଳ ନିବେଦନ କରିଛନ୍ତି ହେଲେ ତାଙ୍କ କଥାକୁ କେହି ଶୁଣି ନାହାଁନ୍ତି। ଶେଷରେ ଭାଗ୍ୟକୁ ଆଦରି ସେହି କୁଡ଼ିଆରେ ଜୀବନ ବିତାଇବାକୁ ବାଧ୍ୟ ହୋଇଛନ୍ତି। ସବୁଠୁ ନିରାଶ ହୋଇ ଶେଷରେ ଅଞ୍ଚଳର ଜଣେ ସମାଜସେବୀ ତଥା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ରମେଶ ପରିଡ଼ାଙ୍କ ଜରିଆରେ ଅଭିଯୋଗ କରିଥିଲେ ଦୈନିକ ଖବରକାଗଜ ସଂଚାର ନିକଟରେ।

ଏନେଇ ଦୈନିକ ଖବରକାଗଜ ସଂଚାରରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଘଟଣାକୁ ଗୁରୁତର ସହ ନେଇଛି ବିଦ୍ୟୁତ ବିଭାଗ। ପ୍ରାଶାସନିକ ଚାପ ପରେ ବୃଦ୍ଧା ମାଉସୀଙ୍କ ଘରେ ବିଦ୍ୟୁତ କର୍ମଚାରୀ ପହଞ୍ଚି ନୂତନ ବିଦ୍ୟୁତ ସଂଯୋଗ କରିଛନ୍ତି। ଯେଉଁଘରେ ଦିନେ ଡିବିରି ଆଲୁଅରେ ରାତି କଟୁଥିଲା ଆଜି ଇଲେକ୍ଟ୍ରି ବଲ୍ବ ଜଳୁଛି। ଯାହା ସଂଚାର ଖବର କାଗଜ ପାଇଁ ସମ୍ଭବ ହୋଇପାରିଛି ବୋଲି ସାବିତ୍ରୀ ସାମଲ କହିଛନ୍ତି। ସେଥିପାଇଁ ସେ ଉଭୟ ରମେଶ ଓ ସଂଚାରକୁ ଧନ୍ୟବାଦ ଜଣାଇଛନ୍ତି।



## ଜାତୀୟ ଭୋଟର ଦିବସରେ ଶପଥ ପାଠ

**କେନ୍ଦ୍ରାପଡ଼ା,୨୪।୧(ସଂଚାର ବ୍ୟୁରୋ):** ଜାତୀୟ ଭୋଟର ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସାମୁହିକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ସହକାରୀ ଜିଲ୍ଲାପାଳ କୁଇନ ଜେନା, ପଲ୍ଲବୀ ପ୍ରିୟଦର୍ଶିନୀ ଙ୍କ ସମେତ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ । ପ୍ରତିବର୍ଷ ଜାନୁଆରୀ ୨୫ ତାରିଖ ଜାତୀୟ ଭୋଟର ଦିବସ ହୋଇଥିବା ବେଳେ ଚଳିତ ବର୍ଷ ଦୁଇ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ସମ୍ବିଧାନ ପ୍ରଦତ୍ତ ଭୋଟ ଅଧିକାରକୁ ସାବ୍ୟସ୍ତ କରିବା ସହ ଗଣତାନ୍ତ୍ରିକ ପଦ୍ଧତିରେ ମତଦାନ କରି ନିଜର ନାଗରିକ କର୍ତବ୍ୟ ପାଳନ କରିବାରେ ସହାୟକ ହେବେ ବୋଲି ଶପଥ ପାଠ କରିଥିଲେ। ଭୋଟ ଦାନ ଏକ ଜାତୀୟ କର୍ତ୍ତବ୍ୟ ହୋଇଥିବା ବେଳେ ଏହାକୁ ପ୍ରତ୍ୟେକ ଭୋଟର ପାଳନ କରିବା ଦେଶ ପାଇଁ ପରମ କର୍ତ୍ତବ୍ୟ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ ।

### ପରାଜିତ ପ୍ରାର୍ଥୀଙ୍କ ଦୌରାତ୍ମ୍ୟକୁ ବିରୋଧ

## ଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ, ସମିତିସଭ୍ୟ

**କେନ୍ଦ୍ରାପଡ଼ା,୨୪।୧(ସଂଚାର ବ୍ୟୁରୋ):** ପରାଜିତ ପ୍ରାର୍ଥୀଙ୍କ ଦୌରାତ୍ମ୍ୟ ଏବେ ବୃଦ୍ଧି ପାଇଛି । ପଞ୍ଚାୟତ ଏବଂ ବ୍ଲକ୍ ପ୍ରତିନିଧିମାନଙ୍କୁ ସରକାରୀ କାର୍ଯ୍ୟରେ ହଇରାଣ କରୁଛନ୍ତି ଗତ ସାଧାରଣ ନିର୍ବାଚନରେ ହୋଇଥିବା ପ୍ରାର୍ଥୀ । ସରପଂଚ, ସମିତିସଭ୍ୟ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ଶାସକ ଦଳର ପରାଜିତ ପ୍ରାର୍ଥୀମାନେ ବ୍ଲକ ଭିତରକୁ ଜୋର ଜବରଦସ୍ତ ପ୍ରବେଶ କରି ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି । ଏମାନଙ୍କର ଦୌରାତ୍ମ୍ୟରେ ନିର୍ବାଚିତ ପ୍ରତିନିଧି ମାନେ ଅସୁବିଧାର ସମ୍ମୁଖୀନ ହେବା ସହ କୌଣସି କାର୍ଯ୍ୟ କରି ପାରୁ ନାହାଁନ୍ତି । କେନ୍ଦ୍ରାପଡା ବିଡିଓ ଓ ଜିଲ୍ଲା ପ୍ରଶାସନ ଏମାନଙ୍କୁ ପରୋକ୍ଷ୍ୟ ଭାବରେ ସମର୍ଥନ କରୁଥିବା ଅଭିଯୋଗ କରିଛନ୍ତି।



ପରାଜିତ ପ୍ରାର୍ଥୀ ମାନଙ୍କର ହସ୍ତକ୍ଷେପ ଫଳରେ ବ୍ଲକର ଜିଆଇଏ ପ୍ରୋଜେକ୍ଟ ଏପର୍ଯ୍ୟନ୍ତ ଅନୁମୋଦିତ ହୋଇନାହିଁ ଫଳରେ ଉନ୍ନୟନ ମୂଳକ କାର୍ଯ୍ୟ ସଂପୂର୍ଣ୍ଣ ରୂପେ ଠପ୍ ହୋଇ ଯାଇଛି । ଏହି ପ୍ରତିନିଧି ମଣ୍ଡଳୀରେ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାଙ୍କ ସମେତ ସରପଂଚ ସୁବନୀ ସାହୁ, ଭାରତୀ ମଲିକ, ଅପର୍ଣ୍ଣା ଉଡାନସିଂହ, ଦିପାଞ୍ଜଳୀ ଜେନା, ପ୍ରସନ୍ନ ରାଉତ, ଅକ୍ଷୟ କୁମାର ସାହୁ, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଜିଲ୍ଲପାଳଙ୍କୁ ଭେଟି ଅଭିଯୋଗ କରିଥିଲେ ।

ଅଭିଯୋଗ ଅନୁସାରେ କେନ୍ଦ୍ରାପଡା ବ୍ଲକରେ ନିର୍ବାଚିତ ଲୋକ ପ୍ରତିନିଧି ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷା, ସରପଂଚ ଓ ସମିତିସଭ୍ୟ ମାନଙ୍କୁ ଉଚିତ୍ ସମ୍ମାନ ଓ ତାଙ୍କର ସାମ୍ବିଧାନିକ ପ୍ରଦତ ଅଧିକାରରୁ ବଂଚିତ କରାଯାଉ ଥିବା ଜିଲ୍ଲପାଳଙ୍କ ନିକଟରେ ଅଭିଯୋଗ ହେଇଛି । କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ ଓ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବହୁ

### ଜାତୀୟ ରାଜପଥରେ ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ମାରିବା ଘଟଣା

## ୩ ଦିନ ପରେ ବି ଅଭିଯୁକ୍ତଙ୍କୁ ଧରୁନି ମାର୍ଶାଘାଇ ପୁଲିସ

**କେନ୍ଦ୍ରାପଡ଼ା/ମାର୍ଶାଘାଇ,୨୪।୧(ସଂଚାର ବ୍ୟୁରୋ):** ଜଣେ ଦଳିତ ବର୍ଗର ଟ୍ରକ୍ ଡ୍ରାଇଭରଙ୍କୁ ମାର୍ଶାଘାଇ ଜାତୀୟ ରାଜପଥରେ ଦିନ ଦୁଇପ୍ରହରରେ ସଙ୍ଗବଦ୍ଧ ଭାବରେ ସାଧାରଣ ଲୋକଙ୍କ ଉପସ୍ଥିତରେ ମରଣାତ୍ମକ ଆକ୍ରମଣ କରାଯାଇଥିଲା । ଏନେଇ ମାର୍ଶାଘାଇ ଥାନାରେ ମାଡ଼ ଖାଇଥିବା ଡ୍ରାଇଭର ଲିଖିତ ଅଭିଯୋଗ କରିଥିଲେ। ଜାତିଆଣ ଆକ୍ଷେପ କରିବା ସହିତ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ବ୍ୟକ୍ତିଙ୍କୁ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଏତଲାରେ ଉଲ୍ଲେଖ କରିଥିଲେ। ଯେଉଁ ଘଟଣାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ପ୍ରବଳ ମାତ୍ରାରେ ଭାଇରାଲ୍ ହୋଇଥିଲା। ବିଭିନ୍ନ ବ୍ୟକ୍ତିବିଶେଷ ଏ ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ହେଲେ ଘଟଣାକୁ ୩ ଦିନ ପୁରି ଥିଲେ ମଧ୍ୟ ମାର୍ଶାଘାଇ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନି। ଯାହାକୁ ନେଇ ବୁଦ୍ଧିଜିବୀ ମହଲରେ ଉଦବେଗ ପ୍ରକାଶ ପାଇଲାଣି।

ସୂଚନା ମୁତାବକ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଅରତାମୂଳ ଗ୍ରାମର ବାବାଜି ମଲ୍ଲିକଙ୍କ ପୁଅ ମନୋଜ ମଲ୍ଲିକ (୩୮) ୨୧ ତାରିଖରେ ଓଡି ୨୯ସି ୯୯୩୮ ନମ୍ବର ବିଶିଷ୍ଟ ଏକ ଆଇରନ ଟ୍ରକ୍ ଚଳାଇ ଶିଳିପୁର ଆଡୁ ପାରାଦୀପ ଅଭିମୁଖେ ଯାଉଥିବା ସମୟରେ ଓଡି ୦୫ବିପି ୦୦୬୩ ନମ୍ବର ବିଶିଷ୍ଟ ଏକ ପର୍ଚୁନର କାର୍ ବିପରୀତ ଦିଗରୁ ଆସି ଟ୍ରକ୍ ର ଡାହାଣ ପଟରେ ବାଡେଇଥିଲା। ଟ୍ରକ୍ ଡ୍ରାଇଭରଙ୍କ କୌଣସି ଦୋଷ ନଥାଇ ମଧ ବିପରୀତ ଦିଗରୁ ଆସି ବାଡେଇଥିବା ଗାଡ଼ି

### ଖସାଇ ଦେବାକୁ ଚାଲିଛି କି ମସୁଧା ?

### ପୋଲିସର ଭୂମିକା ଉପରେ ପ୍ରଶ୍ନ !

ଭିତରେ ଥିବା କେତେଜଣ ବ୍ୟକ୍ତି ଟ୍ରକ୍ ଡ୍ରାଇଭରଙ୍କୁ ଅମାନବୀୟ ଭାବରେ ମାଡ଼ ମାରିଥିଲେ। ଜଣେ ତାଙ୍କ ମୁହଁରେ ବିଧା ମାରିବା ସହିତ ତାଙ୍କୁ ତଳେ ପକାଇ ତଣ୍ଟି ଉପରେ ଚଢ଼ି ଯାଉଥିଲା। ଅନ୍ୟଜଣେ ତାଙ୍କୁ ଗାମୁଛାରେ ବାନ୍ଧି ରାଜରାସ୍ତାରେ ଘୋଷାଡୁଥିଲା। ମନୋଜଙ୍କ ଏତଲା ଅନୁଯାୟୀ ମାର୍ଶାଘାଇ ଥାନା ଅଧୀନସ୍ଥ କଳାଗଡ ଗ୍ରାମର ସରଜୁ ନାୟକଙ୍କ ପୁଅ ରୁଦ୍ର ନାୟକ ଓ ଯଦୁପୁର ଗ୍ରାମର ବାବାଜି ବେହେରାଙ୍କ ପୁଅ ଅଶୋକ ବେହେରା ତାଙ୍କୁ ମଳିକ ଛୋଟ ଜାତି କହିବା ସହିତ ଜୀବନରୁ ମାରିଦେବାକୁ ଆକ୍ରମଣ କରିଛନ୍ତି। ଅଭିଯୋଗ କରିବାର



୩ ଦିନ ପରେ ମଧ୍ୟ ପୋଲିସ ହାତ ଖାଲି। ସମସ୍ତ ତଥ୍ୟ ପ୍ରମାଣ ପରେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ କାହିଁକି ଧରୁନି ତାହା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ମାର୍ଶାଘାଇ ଥାନା ଅଧିକାରୀଙ୍କୁ ପଚାରିବାରୁ ଏତଲା ଆଧାରରେ ତଦନ୍ତ ଚାଲିଛି ଓ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ବଜାରରେ ଖୁଣ୍ଟି ପୋତାକୁ ନେଇ ଝାମେଲା

## ୨୭ରେ ବଜାର କମିଟିର ଆନ୍ଦୋଳନ ଚେତାବନୀ

**କେନ୍ଦ୍ରାପଡା,୨୪।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର ପ୍ରବେଶ ପଥ ଦୁହୁରିଆ ଶୁଭଲକ୍ଷ୍ମୀ ବଜାର କମିଟି ୨୭ରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲ୍ଲାପଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ବଜାରରେ ଦୋକାନ ପାଇଁ ଖୁଣ୍ଟ ପୋତା ଓ ଜାଗା ଅଧିକାରକୁ ନେଇ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ପ୍ରଶାସନ ଦେଇଥିବା ପ୍ରତିଶୃତି ପୁରଣ କରିପାରୁ ନଥିବାରୁ ପୂର୍ବରୁ ଦୋକାନ କରି ଉଚ୍ଛେଦ ହୋଇଥିବା କ୍ଷୁଦ୍ର ବ୍ୟବସାୟୀମାନେ ଅଭାବ ଅନଟନରେ ରହି ଦୋକନ କରିବାକୁ ଚାହିଁ ବସିଥିବା ବେଳେ କିଛି ବାହାର ଲୋକେ ବଜାରରେ ଜୋର ଜବରଦସ୍ତ ଖୁଣ୍ଟ ପୋତି ଜାଗା ମାଡି ବସୁଥିବା ଜିଲ୍ଲପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆ ଯାଇଥିବା ପ୍ରତିଶୃତି ପାଳନ କରାଯାଇ ନାହିଁ ।



ଏଠାରେ ସୂଚନା ଯୋଗ୍ୟ ଏନଏଚ୍-୧ଏ-୫୩ ଦୁହୁରିଆ-ଚଣ୍ଡିଖୋଲ ବାଇପାସ୍ ଠାରେ ପୂର୍ବରୁ ଦୋନାକ କରିଥିବା ଛୋଟ ବ୍ୟବସାୟୀ ମାନଙ୍କୁ ରାସ୍ତା ସଂପ୍ରସାରଣ ପଇଁ ଉଚ୍ଛେଦ କରାଯାଇଥିଲା ଓ ସଂପ୍ରସାରଣ ପରେ ସେମାନଙ୍କୁ ଥଇଥାନ କରାଯିବାକୁ ସୁଯୋଗ ଦିଆଯିବ ବୋଲି ପ୍ରଶାସନ ପ୍ରତିଶୃତି ଦେଇ ସଦର ଥାନାକୁ ଦାୟିତ୍ୱ ଦେଇଥିଲା । ମାତ୍ର ଥାନା ଅଧିକାରୀ କୌଣସି ପଦକ୍ଷେପ ନ ନେବାରୁ ବାହାର ଲୋକମାନେ ଜବରଦସ୍ତ ଖୁଣ୍ଟ ପୋତି ଜାଗା ମାଡି ବସୁ ଥିବାରୁ ଚଳିତ ମାସ ୨୭ ତାରିଖରେ ଶୁଭଲକ୍ଷ୍ମୀ କ୍ରସିଂ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ରାସ୍ତାରୋକ କରାଯିବ ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇ ଦିଆଯାଇଛି । ଏହି ଦାବିପତ୍ରରେ ବଜାର କମିଟି ସଭାପତି କ୍ଷେତ୍ରବାସୀ ସାହୁ, ସାଧାରଣ ସଂପାଦକ ସନାତନ ମୁଦୁଲି, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୁଳୁଚିପଡା ଗାଁ ମୁଣ୍ଡରୁ ଟ୍ରାନ୍ସଫର୍ମର ଚୋରି



**ରାଜକନିକା, ୨୪।୧ (ସଂଚାର ବ୍ୟୁରୋ):** ରାଜକନିକା ବିଦ୍ୟୁତ ସେକ୍ସନ ଅଧୀନ ଗୁଳୁଚିପଡା ଗାଁ ମୁଣ୍ଡରୁ ଏକ ୨୫ କେଭି ଟ୍ରାନ୍ସଫର୍ମରକୁ ଗତକାଲି ରାତିରେ ଦୁର୍ବୃତ୍ତମାନେ ଚୋରି କରି ନେଇଥିବାରୁ ଏହି ଗାଁର ୩୦ରୁ ଊର୍ଦ୍ଧ୍ୱ ବିଜୁଳି ଗ୍ରାହକ ବିଜୁଳି ସେବାରୁ ବଞ୍ଚିତ ଅଛନ୍ତି । ଆଜି ରାଜକନିକା ସେକ୍ସନ ଟିପିସିଓଏଲ ପକ୍ଷରୁ ଚୋରି ସମ୍ପର୍କରେ ରାଜକନିକା ଥାନାରେ ଏତଲା ଦେବା ପରେ ଏହି ଗ୍ରାହକଙ୍କ ପାଇଁ ବିକଳ୍ପ ବିଜୁଳି ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ସହକାରୀ ମ୍ୟାନେଜର କହିଛନ୍ତି ।

ପ୍ରକାଶ ଥାଉ କି ରାଜକନିକା ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଟ୍ରାନ୍ସଫର୍ମର ଚୋରି ଲାଗି ରହିରହିବା ବେଳେ ଏଇ କିଛି ମାସ ତାହା ବନ୍ଦ ରହିଥିଲା । କିଛିଦିନର ନୀରବତା ପରେ ଗତକାଲି ରାତିରେ ପୁଣି ଏହି ଗ୍ୟାଙ୍ଗର ଉପଦ୍ରବ ଦେଖାଦେଇଛି । ତେବେ ଟାଟା ପାୱାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଯେଉଁଠି ସବୁ ସିଙ୍ଗଲ ପୋଲରେ ଏଭଳି ଟ୍ରାନ୍ସଫର୍ମର ରହିଛି ତାକୁ ଦୁର୍ବୃତ୍ତ ମାନେ ଟାର୍ଗେଟ କରି ତା ଭିତର କଏଲ ଓ ତମ୍ବା ତାର ଚୋରି କରି ଚଢ଼ା ଦରରେ ବିକ୍ରୀ କରୁଥିବା ଅନୁସନ୍ଧାନ ରୁ ଜଣାପଡିଛି। ପୋଲିସ ପକ୍ଷରୁ ଏଭଳି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିବାକୁ ସାଧାରଣରେ ଦାବୀ ହେଉଛି।

### ସମୀର ଟିଭିଏସ୍‌ରେ ରକ୍ତଦାନ ଶିବିର

## ସଂଗୃହୀତ ହେଲା ୧୧୪ ୟୁନିଟ୍

**କେନ୍ଦ୍ରାପଡା,୨୪।୧(ସଂଚାର ବ୍ୟୁରୋ):** ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଉପଲକ୍ଷେ କେଶପୁରବଜାରସ୍ଥିତ ସୀମର ଟିଭିଏସ୍ ସୋ'ରୁମ୍‌ରେ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରୁ ମୋଟ ୧୧୪ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାପଡିଛି । ସମୀର ଟିଭିଏସ୍‌ର ପରିଚାଳନା ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଉଦ୍‌ଘାଟନ କରିଥିଲେ। ରାଜ୍ୟ ବିଜେଡି ଯୁଗ୍ମ ସଂପାଦକ ରଂଜିତ୍ ସାହୁ, ବରିଷ୍ଠ ନେତା ହିଫଜୁର ରହେମାନ୍,ବରିଷ୍ଠ ସାମ୍ବାଦିକ ସୁବ୍ରତ କୁମାର ସାମଲ, ଉମାଶଙ୍କର ଜେନା ପ୍ରମୁଖ ସମ୍ମାନିତ



ଅତିଥି ଭାବେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଧାୟକ କହିଥିଲେ ଯେ ନେତାଜୀଙ୍କଠୁ ବର୍ତ୍ତମାନର ପିଢ଼ି ସାହସ, ଦେଶପ୍ରେମ ଏବଂ ରାଷ୍ଟ୍ର ସେବା ଶିଖିବା ଦରକାର। ସାଂପ୍ରତିକ ସମୟରେ ଭାରତର ଗଣତନ୍ତ୍ର, ସମ୍ବିଧାନ ଏବଂ ବ୍ୟକ୍ତିର ଅଧିକାର ଉପରେ ଯେଉଁଭଳି ଭାବେ ଆକ୍ରମଣ ହେଉଛି, ତାହା ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଆମମାନଙ୍କୁ ନେତାଜୀଙ୍କ ନୀତି ଓ ଆଦର୍ଶରେ ଚାଲିବାକୁ ପଡ଼ିବ। ଏହି ଅବସରରେ ବିଧାୟକ ୧୩୬ଥର ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀ କେ. ଅନ୍ନଦା ପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଏଭଳି ମହତ କାମକୁ ଉଚ୍ଚ ପ୍ରଶଂସା କରିଥିଲେ।

## ମାର୍ଶାଘାଇ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ମାର୍ଶାଘାଇ,୨୪।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ବୁଧବାର ଉଦଯାପିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଣୟ ପରିଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବରିଷ୍ଠ ବାଳକ ବିଭାଗରେ ସୁରଜ କୁମାର ଦାସ, ବରିଷ୍ଠ ବାଳିକା ବିଭାଗରେ ଲିପ୍ସା ବେହେରା ଚମ୍ପିୟାନ ହୋଇଥିବା ବେଳେ କନିଷ୍ଠ ବାଳକ ବିଭାଗରେ ଚନ୍ଦନ ରାଉତ ଏବଂ ବାଳିକା ବିଭାଗରେ ଜୟଶ୍ରୀ ଦାସ ଚମ୍ପିୟାନ ହୋଇ ପୁରସ୍କୃତ ହୋଇଛନ୍ତି । କ୍ରୀଡା ଶିକ୍ଷକ ଯତୀନ ମହାନ୍ତି କ୍ରୀଡା ପରିଚାଳନା କରିଥିଲେ । ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ସଭା ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ, ସତ୍ୟବ୍ରତ ମଲିକ, ଡ଼ଃ ପ୍ରଭାତ ରଞ୍ଜନ ଲେଙ୍କା,ଚିତ୍ତରଞ୍ଜନ ବିଶ୍ୱାଳ, ବିଜୟ ପାତ୍ର, ଅଧ୍ୟାପିକା କାଞ୍ଚନବାଳା ସାହୁ, ମାନସୀ ପାତ୍ର ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ । କ୍ରୀଡା ସଂସଦ ଉପସଭାପତି ରବିନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅନ୍ୟତମ ଉପ ସଭାପତି ଖଗେଶ୍ୱର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟାପକ ବସନ୍ତ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।



## ନରେନ୍ଦ୍ର ଗୁଞ୍ଜରୀ ବିଦ୍ୟାପୀଠରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

**ରାଜକନିକା,୨୪।୧(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ନରେନ୍ଦ୍ର ଗୁଞ୍ଜରୀ ବିଦ୍ୟା ପୀଠ ଓ ଘରଭଂଜା କୋଲ୍‌ହା ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଖୁଲାରୀ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳରେ ବିଭିନ୍ନ ବିଭାଗର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବାଳକ ବିଭାଗରେ ସୁବ୍ରତ ବେହେରା ଓ ବାଳିକା ବିଭାଗରେ ନଳିନୀ ଦାସ ଚମ୍ପିୟାନ ହୋଇଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା କନିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରଘୁନାଥ ରାଉତ, ମୁଖ୍ୟବକ୍ତା ଭାବେ ସିଆରସିସି ସବ୍ୟସାଚୀ ଶତପଥୀ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଉମାକାନ୍ତ ସାହୁ, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଯୋଗଦେଇ ଥିଲେ। କ୍ରୀଡ଼ା ଶିକ୍ଷକ ବିପିନ ବିହାରୀ ବେହୁରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ଅଭୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀତ୍ୱ ଅର୍ଜନ କରିଥିବା ଖେଳାଳୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ରାଜନଗରରେ ବିଜେପିର ମିଶ୍ରଣ ପର୍ବ

**ରାଜନଗର,୨୪।୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସାନବଡଗୋପାଳପୁରସ୍ଥିତ ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ନିର୍ବାଚନମଣ୍ଡଳୀ ବିଜେପି ନେତା ଲଳିତ ବେହେରାଙ୍କ ନେତୃତ୍ୱରେ କୁରୁଂଟି, ବ୍ରାହ୍ମଣସାହି, ଘଡିଆମାଳ, ଭିତରଗଡ଼ ପ୍ରଭୃତି ପଞ୍ଚାୟତର ବିଜେଡି ଓ କଂଗ୍ରେସ ଦଳ ଛାଡି ବିଜେପିରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବରେ ବରିଷ୍ଠ ବିଜେପି ନେତା ସନ୍ତୋଷ କୁମାର ମହାନ୍ତି, ରାଜୀବ ଲୋଚନ ନାୟକ ଯୋଗଦେଇ ସେମାନଙ୍କ ମିଶ୍ରଣ ରାଜନଗରରେ ବିଜେପି ଦଳକୁ ଅଧିକ ସୁଦୃଢ଼ କରିବ ବୋଲି କହିଥିଲେ। ବିଜେପି ନେତା ଶ୍ରୀ ବେହେରା ଦଳୀୟ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ନୂତନ କର୍ମୀ ମାନଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣରେ କୁରୁଂଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୁମର କୁମାର ସ୍ୱାଇଁ, ୱାର୍ଡ ସଭ୍ୟ ସୁଜିତ ସ୍ୱାଇଁ, ପୁଷ୍ପାଞ୍ଜଳି ଜେନାଙ୍କ ସମେତ ଶତାଧିକ କର୍ମୀ ଆଜି ବିଜେପିରେ ସାମିଲ ହୋଇଛନ୍ତି।

### ମହାବୀର ଚ୍ୟାଲେଞ୍ଜ ଟ୍ରଫି

## ୨ୟ ସେମିରେ ଆଳିକୁ ହରାଇ ଫାଇନାଲରେ ପାରାଦ୍ୱୀପ

**ରାଜନଗର,୨୪।୧(ସଂଚାର ବ୍ୟୁରୋ):** ମଦନପୁର ଠାରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫିର ୨ୟ ସେମି ଫାଇନାଲ ମ୍ୟାଚରେ ଖରାଖାଇ କ୍ରିକେଟ କ୍ଲବ ଆଳିକୁ ୫ ଉଇକେଟରେ ହରାଇ ଡାଇମଣ୍ଡ କ୍ରିକେଟ କ୍ଲବ ପାରାଦ୍ୱୀପ ୨ୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଖରାଖାଇ କ୍ରିକେଟ କ୍ଲବ ଆଳି ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଦଳର ସେହଜାଦ ଖାନ ୩୬ ବଲରୁ ୪ଟି ଚଉକା ଓ ୪ଟି ଛକା ସହାୟତାରେ ୪୫ ରନ କରିଥିଲେ। ଆଜମଲ ଖାନ ୫ ବଲରେ ୨ ଚଉକା ୧ ଛକା ସହାୟତାରେ ୧୫ ରନ ସଂଗ୍ରହ କରିଥିଲେ। ୨୫୦ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଡାଇମଣ୍ଡ କ୍ରିକେଟ କ୍ଲବ ପାରାଦ୍ୱୀପ ୧୮.୫ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରି ବିଜୟଲାଭ କରିଥିଲା। ଦଳର ଅନନ୍ତ ନାୟକ ୩୫ବଲରୁ ୭ ଚଉକା ଓ ୨ ଛକା ସହାୟତାରେ ୫୫ ରନ ଏବଂ ଅଧିନାୟକ ମଳୟ ସ୍ୱାଇଁ ୧୯ ବଲରେ ୩ଟି ଚଉକା ଗୋଟିଏ ଛକା ସହାୟତାରେ ୨୬ ରନ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଅନନ୍ତ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଉତ୍ସବରେ ମୁଖ୍ୟ ଅତିଥି ଭାବେ ୟୁ.କେ. ମହାବୀର ମହାବିଦ୍ୟାଳୟର ଅଧ୍ୟାପକ ଅରୁଣ କୁମାର ଦାସ, ଶୁଭକାନ୍ତ ନାୟକ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ।

## ଅଳପୁଆ ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ

**ପଟ୍ଟାମୁଣ୍ଡାଇ,୨୪।୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ନୋଡାଲ ଉଚ୍ଚବିଦ୍ୟାଳୟ ବାର୍ଷିକକ୍ରୀଡା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶିଶିର କୁମାର ନାୟକଙ୍କ ପୌରାହିତ୍ୟ ସହକାରୀ ଶିକ୍ଷକ ଚିରଞ୍ଜୀବ ସାହୁଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ର ମାନ୍ୟବର ବିଧାୟକ ଗଣେଶ୍ୱର ବେହେରା, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠି, ତରଡିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ସମାଜସେବୀ ଗଗନ ମହାଳିକ, ବବ୍ରୁବାହାନ ଧଳ, ସାମ୍ବାଦିକ ନରେନ୍ଦ୍ର ଧଳ, ଶିକ୍ଷା ସଂଯୋଜକ ପ୍ରଦୀପ ତରାଇ,ଓ କମିଟି ସଭାପତି ଉମାକାନ୍ତ



ବିହାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ରୀଡା ରେ ପାରଦର୍ଶିତା ଦେଖାଇ ଚାମ୍ପିୟନ ହୋଇଥିବା ଜୟଦେବ ମଲ୍ଲିକ, ପଲ୍ଲବୀ ସେଠି, ତନ୍ମୟ ଜେନା, ଉର୍ମିରାଣୀ ବିହାରୀ, ସୁନୀଲ ବିଶ୍ୱାଳ ଓ ଅନୁଷ୍କା ଜେନାଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ ।

ଏହି ଉତ୍ସବକୁ କ୍ରୀଡା ଶିକ୍ଷକ ସୁମିତ କୁମାର ମଲ୍ଲିକ, ଲୋକନାଥ ଲେଙ୍କା, ପ୍ରଭାତୀ ସାହୁ, ଗୌତମ ମଲ୍ଲିକ, ଅରୁନ୍ଧତୀ ବେହୁରା, ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ସୁକାନ୍ତି ଶର୍ମା ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ବକ୍ତବ୍ୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରତାପ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଲୋକସେବା ଭବନରେ ଜାତୀୟ ମତଦାତା ଦିବସ ସଂକଳ୍ପ ପାଠ



**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ୧୫ ତମ ଜାତୀୟ ମତଦାତା ଦିବସ ଉପଲକ୍ଷେ ରାଜ୍ୟ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆଜି ଶପଥ ପାଠ କରାଇଛନ୍ତି। ଜାତୀୟ ଭୋଟର ଦିବସର ସଂକଳ୍ପ ଅନୁସାରେ ଭାରତର ନାଗରିକ ଭାବରେ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି, ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ଏବଂ ମୁକ୍ତ, ଅବାଧ, ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି, ନିର୍ଭିକ ହୋଇ, ଜାତି, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହି ଶପଥ ପାଠ ସମୟରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତଥା ଅନ୍ୟ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୨ରୁ ଅନଲାଇନ୍ ଓ ୫ରୁ କାଉଣ୍ଟର୍‌ରେ ଟିକେଟ୍ ବିକ୍ରି

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମଠାରେ ଚଳିତ ଭାରତ-ଇଂଲଣ୍ଡ ଦ୍ୱିପାକ୍ଷିକ ସିରିଜ୍‌ର ଦ୍ୱିତୀୟ ଦିନିକିଆ ଖେଳାଯିବ। ଏହି ମ୍ୟାଚ୍‌କୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ସକାଶେ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ହୋଇଥିବା ବେଳେ ଆଜି କ୍ରୀଡ଼ା ମନ୍ତ୍ରୀ

**ବାରବାଟୀ ଦିନିକିଆ ପ୍ରସ୍ତୁତିର ସମୀକ୍ଷା କଲେ କ୍ରୀଡ଼ାମନ୍ତ୍ରୀ**
**ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ ୪ ହଜାର ଟିକେଟ୍**
**ସର୍ବନିମ୍ନ ଟିକେଟ୍ ମୂଲ୍ୟ ୭୦୦**
**ଦର୍ଶକଙ୍କ ପାଇଁ ଫ୍ୟାନ୍ ପାର୍କ ଓ ଏଲ୍‌ଇଡି ସ୍କ୍ରିନ୍ ବ୍ୟବସ୍ଥା**
**ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ଲିଜେଣ୍ଡ୍ରି ବକ୍ସ**

ସୂର୍ଯ୍ୟବଂଶୀ ସୂରଜ୍ ଏହାର ସମୀକ୍ଷା କରିଛନ୍ତି। ମ୍ୟାଚ୍‌ଟିକୁ କିପରି ଶୃଙ୍ଖଳାର ସହ ଶେଷ କରାଯାଇପାରିବ, ସେ ଦିଗରେ କ୍ରୀଡ଼ାମନ୍ତ୍ରୀ ଓସିଏ ସହ କଟକ ଜିଲ୍ଲା ପ୍ରଶାସନ, ପୁଲିସ ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ବୈଠକରେ ଆସନ୍ତା ୨ରୁ ଅନଲାଇନ୍‌ରେ ଟିକେଟ୍ ମିଳିବ ବୋଲି ସୂଚନା ଦିଆଯାଇଛି। ଏଥର ଅନଲାଇନ୍‌ରେ ୪ ହଜାର ଟିକେଟ୍ ଉପଲବ୍ଧ ହେବ। ସେହିପରି କାଉଣ୍ଟର୍‌ରେ ଆସନ୍ତା ୫ରୁ ଟିକେଟ୍ ବିକ୍ରି ଆରମ୍ଭ ହୋଇ ୬ ତାରିଖରେ ଶେଷ ହେବ ବୋଲି ନିଷ୍ପତ୍ତି ହୋଇଛି। ଷ୍ଟାଡିୟମ୍‌ରେ ମ୍ୟାଚ ଖେଳାଯିବା ସମୟରେ ସମସ୍ତ ଖେଳାଳି, ଦର୍ଶକ ଏବଂ ଅଂଶୀଦାରମାନଙ୍କର ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଭାବେ ଧ୍ୟାନ ଦିଆଯିବ। ଏଥିସହିତ ମ୍ୟାଚର ଟିକେଟକୁ ଦର୍ଶକମାନଙ୍କ ପାଇଁ ସୁଲଭ ଦରରେ



ବିକ୍ରି କରାଯିବା ସହିତ ଟିକେଟ ବିକ୍ରିର ସମସ୍ତ ପ୍ରକ୍ରିୟାକୁ ଯେପରି ସ୍ୱଚ୍ଛଳ ଭାବେ ନିରୂପଣ କରାଯିବ, ସେ ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ୯ ତାରିଖରେ କଟକରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବା ନିଶ୍ଚିତ ଭାବେ ସମସ୍ତ କ୍ରୀଡ଼ାପ୍ରେମୀମାନଙ୍କ ପାଇଁ ଖୁସି ଖବର। ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଟିକେଟ୍ ଉପଲବ୍ଧ ହେବାକୁ ଥିବା ବେଳେ ଚଳିତ ବର୍ଷ ଫ୍ୟାନ ପାର୍କର ବ୍ୟବସ୍ଥା କରାଯିବା ସହ ଷ୍ଟାଡିୟମ ବାହାରେ ଓ କଟକର ବିଭିନ୍ନ ସ୍ଥାନରେ ଏଲଇଡି ସ୍କ୍ରିନ ମାଧ୍ୟମରେ ମଧ୍ୟ ଦର୍ଶକମାନେ ମ୍ୟାଚକୁ ଉପଭୋଗ କରିପାରିବେ। ଚଳିତ ବର୍ଷ ସାଧାରଣ ଦର୍ଶକମାନେ ସୁଲଭ ମୂଲ୍ୟରେ ଟିକେଟ କ୍ରୟ କରି ଯେପରି ମ୍ୟାଚଟିକୁ ଉପଭୋଗ କରିପାରିବେ ସେ ଦିଗରେ ଧ୍ୟାନ ଦିଆ ଯିବା ସହ ଆଗାମୀ ଦିନରେ ହେବାକୁ ଥିବା ଟିକେଟ ବିକ୍ରିର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୱଚ୍ଛଳ ଭାବେ ନିରୂପଣ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ମ୍ୟାଚରେ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସମସ୍ତ ଖେଳାଳୀ ଓ ଦର୍ଶକଙ୍କ ସୁରକ୍ଷାଠାରୁ ଆରମ୍ଭ କରି ପାନୀୟ ଜଳ ବ୍ୟବସ୍ଥା, ସ୍ୱଚ୍ଛତା, ପୋଲିସ ଫୋର୍ସ ମୁତୟନ କରିବା ଏବଂ ସମସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ସମସ୍ତ ବ୍ୟବସ୍ଥାକୁ ତଦାରଖ କରିବା ପାଇଁ ଇଣ୍ଟିଗ୍ରେଟେଡ଼ କଣ୍ଟ୍ରୋଲ ରୁମ୍ ମଧ୍ୟ ରହିବ। ତା'ଛଡ଼ା ମ୍ୟାଚ ଦେଖିବାକୁ ଆସୁଥିବା ଦର୍ଶକ, ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କ ବସିବା ପାଇଁ ଲେଜେଣ୍ଡ୍ରି ବକ୍ସର ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିପରି ଓସିଏ ସଞ୍ଜୟ ବେହେରା କହିଛନ୍ତି ଯେ ଆଲୋଚ୍ୟ ମ୍ୟାଚଟି ଯେପରି ଶାନ୍ତିଶୃଙ୍ଖଳାର ସହ ପରିଚାଳିତ ହେବ, ସେ ଦିଗରେ ସମସ୍ତ ପଦକ୍ଷେପ ନିଆଯାଇଛି। ଚଳିତ ବର୍ଷ ଦର୍ଶକଙ୍କ ପାଇଁ ମ୍ୟାଚର ସର୍ବନିମ୍ନ ଟିକେଟ ମୂଲ୍ୟ ୭୦୦ ଟଙ୍କା ରହିଥିବା ବେଳେ, ସର୍ବମୋଟ ୬ଟି କାଉଣ୍ଟରରେ ଟିକେଟ ବିକ୍ରି କରାଯିବାର ବ୍ୟବସ୍ଥା ରହିଛି। ସମସ୍ତ କ୍ରୀଡ଼ାପ୍ରେମୀମାନେ ଷ୍ଟାଡିୟମରେ ମ୍ୟାଚକୁ ଉପଭୋଗ କରିବେ ବୋଲି ଆମେ ଆଶା କରୁଛୁ ବୋଲି ଶ୍ରୀ ବେହେରା କହିଛନ୍ତି। ପ୍ରସ୍ତୁତି ବୈଠକରେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଟକ ଚୌଦାର ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ମେୟର ସୁବାଷ ଚନ୍ଦ୍ର ସିଂ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ, କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ତଥା ହକି ପ୍ରମୋସନ କାଉନସିଲ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର ଉପସ୍ଥିତ ଥିଲେ।

# ରାଜଧାନୀରେ ପୁଣି ଏଟିଏମ୍‌ରୁ ଲୁଟ୍

## ସିସି କ୍ୟାମେରାରେ କଏଦ ହେଲା ଦୃଶ୍ୟ



**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ରାଜଧାନୀରେ ପୁଣିଥରେ ଏକ ଏଟିଏମ୍‌ରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଟଙ୍କା ଭର୍ତ୍ତି ଏଟିଏମ୍ ନେଇ ଚାଲିଯାଉଥିବାର ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଛି। ଏପରି ଲୁଟ୍ କରି ଲୁଟେରାମାନେ ରାଜଧାନୀରେ କମିଶନରେଟ ପୁଲିସକୁ ଖୋଲା ଚାଲେଞ୍ଜ ଦେଇଛନ୍ତି। ଉକ୍ତ ଲୁଟେରାମାନେ ନିଜ ପରିଚୟ ଲୁଚାଇବା ସକାଶେ ମୁହଁରେ ମୁଖା ପିନ୍ଧିଥିବା ଦେଖିବାକୁ ମିଳିଛି। ଭୁବନେଶ୍ୱର ଉପକଣ୍ଠସ୍ଥିତ ସାମନ୍ତରାପୁର ଶ୍ରୀରାମନଗର ଅଞ୍ଚଳରେ ଏପରି ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଶ୍ରୀରାମନଗରରେ ଥିବା ଏସ୍‌ବିଆଇ ଏଟିଏମ୍ କାଉଣ୍ଟର୍ ଭିତରେ ଦୁଇ ଜଣ ଲୁଟେରା ପ୍ରବେଶ କରିବା ସହ ପରବର୍ତ୍ତୀ ସମୟରେ ଉକ୍ତ ମେସିନ୍‌କୁ ନେଇ ଚାଲିଯାଇଥିଲେ। ଏନେଇ ସକାଳୁ ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଲୁଟେରାମାନଙ୍କ କୌଣସି ଖୋଜ୍‌ଖବର ପାଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସିସି କ୍ୟାମେରାର ଫୁଟେଜ୍ ଯାଞ୍ଚ୍ ପରେ ପୁଲିସ୍ ଉକ୍ତ ଏଟିଏମ୍‌କୁ ସୁନ୍ଦରପଦା-ଜଟଣୀ ରାସ୍ତାରେ ଥିବା ଗଙ୍ଗୁଆ ନାଳରୁ ଭଙ୍ଗାରୁଜା ଅବସ୍ଥାରେ ଜବତ କରିଛି। ଲୁଟେରାମାନେ ଏଟିଏମ୍ ଭାଙ୍ଗି ସେଥିରେ ଥିବା ଟଙ୍କାକୁ ନେଇଯାଇ ମେସିନ୍ ଫିଙ୍ଗି ଫେରାର୍ ହୋଇଯାଇଛନ୍ତି। ଏପରି ଏକ ଲୁଟ୍ ଘଟଣା ପରେ ସ୍ଥାନୀୟ ଲୋକେ ପୁଲିସ୍‌ର ଦୁର୍ବଳ ପାଟ୍ରୋଲିଂ ବ୍ୟବସ୍ଥାକୁ ଦାୟୀ କରିବା ସହ ଏଦିଗରେ ଠୋସ୍ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଲୁଟେରାମାନଙ୍କୁ ଧରିବା ସକାଶେ ପୁଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ କରୁଥିବା ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି।

# ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ସହାୟକ ହେବ 'ଉତ୍କର୍ଷ ଓଡ଼ିଶା' ସମ୍ମିଳନୀ

## ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଦ୍ଧପରିକର: ପ୍ରତାପ

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ପୂର୍ବୋଦୟର ବିକାଶରେ ବିକଶିତ ଭାରତ ବର୍ଷ ଗଠନ ସମ୍ଭବ। ଓଡ଼ିଶାର ବିକାଶ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଦ୍ଧପରିକର ଏବଂ ଏଥି ପାଇଁ ଶାସନ ଦାୟିତ୍ୱ ନେବାର ପ୍ରଥମ ଦିନରୁ କାର୍ଯ୍ୟ କରିଆସୁଛନ୍ତି। ମୋଦିଜୀଙ୍କ ତତ୍ତ୍ୱାବଧାନରେ ରାଜ୍ୟରେ "ଗରୀବ, ଯୁବକ, କୃଷକ ଏବଂ ମହିଳା କଲ୍ୟାଣକାରୀ ଯୋଜନା"କୁ ବାସ୍ତବ ଓ ସଫଳ ରୂପାୟନ ଦେବା ପାଇଁ ସମସ୍ତ ପ୍ରକାରର ପ୍ରୟାସ ଜାରୀ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ସାଢେ ଚାରି କୋଟି ଓଡିଆଙ୍କ ଆଶା ଓ ଆକାଂକ୍ଷାକୁ ସମ୍ମାନ ଜଣାଇ





କାର୍ଯ୍ୟ କରାଯାଉଛି। ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରାଂପରା, କଳା, ଭାଷା, ଖାଦ୍ୟ ଆଦିକୁ ବିଶ୍ୱସ୍ତରରେ ପହଞ୍ଚାଇବାର ପ୍ରୟାସ ଜାରୀ ରହିଛି। ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିଛି। ରାଜ୍ୟରେ ବର୍ତ୍ତମାନ ବିଜେପିର ଡବଲ ଇଂଜିନ ସରକାର। ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ପ୍ରଧାନମନ୍ତ୍ରୀ ମୋଦିଜୀ ୫ମ ଥର ପାଇଁ ଓଡ଼ିଶା ଆସୁଛନ୍ତି। ଓଡ଼ିଶାରେ ପ୍ରଥମ ଥର ପାଇଁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସମ୍ମିଳନୀମାନ ଆୟୋଜନ କରାଯାଉଛି। ପୋଲିସ ଡିଜି ସମ୍ମିଳନୀ, ଭାରତୀୟ ନୌସେନା ଦିବସ ପାଳନ, ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଜରିଆରେ ଓଡ଼ିଶାର ମାନ ଓ ସମ୍ମାନ ବିଶ୍ୱସ୍ତରରେ ପହଞ୍ଚି ପାରିଛି। ଶପଥ ଗ୍ରହଣ, ସୁଭଦ୍ରା ଯୋଜନାର ଶୁଭାରମ୍ଭ, ପୋଲିସ ଡିଜି ସମ୍ମିଳନୀ, ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପରେ ଆସନ୍ତା ୨୮ ତାରିଖ ଦିନ ପୁଣି ଥରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀ ବୋଲି ସାଂସଦ ତଥା ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ ସୂଚନା ଦେଇଛନ୍ତି। ଦିନିକିଆ ଗସ୍ତରେ ଓଡ଼ିଶା ଆସୁଥିବା ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୮ ତାରିଖ ସକାଳ ୧୦ଟାରେ ଏୟାରପୋର୍ଟରୁ ଆରମ୍ଭ କରି ଜନତା ମଇଦାନ ପାର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ସ୍ୱାଗତ ଜଣାଇବେ। ଏଥି ପାଇଁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦିଜୀ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଯୋଗ ଦେବେ। ଭୁବନେଶ୍ୱରର ଜନତା ମଇଦାନଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦେଶ ତଥା ବିଦେଶରୁ ପ୍ରାୟ ୫ ହଜାର ପୁଞ୍ଜି ନିବେଶକାରୀ ପ୍ରତିନିଧି ଯୋଗ ଦେବେ। ଏହି ସମ୍ମିଳନୀ ଜରିଆରେ ଓଡ଼ିଶାକୁ ବୃହତ ପରିମାଣର ପୁଞ୍ଜି ନିବେଶ ସମ୍ଭବ ହେବା ସହିତ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ସହାୟକ ହେବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି।

# ପ୍ରଧାନଶିକ୍ଷକଙ୍କ ମାଡ଼ରେ ଛାତ୍ର ଆହତ, ଥାନାରେ ଏତଲା





**ଯାଜପୁର,୨୪।୧(ସଂଚାର ବ୍ୟୁରୋ):** ପ୍ରଧାନଶିକ୍ଷକଙ୍କ ମାଡ଼ରେ ଜନୈକ ଛାତ୍ର ଆହତ ହୋଇଥିବା ବେଳେ ତାଙ୍କ ଅଭିଭାବକ ଏନେଇ ଥାନାରେ ମାମଲା ଦାଏର୍ କରିଛନ୍ତି। ଯାଜପୁର ଜିଲ୍ଲା ବ୍ରହ୍ମବରଦା ଥାନା ଅଧୀନସ୍ଥ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏପରି ଅଭାବନୀୟ ଘଟଣା ଘଟିଛି। ଛାତ୍ର ଜଣକ ବ୍ରହ୍ମବରଦା ଗାଁର ଫରିଦା ଖାତୁନଙ୍କ ପୁଅ ଆବେଜ୍ ବୋଲି ଜଣାପଡ଼ିଛି। ସେ ଗତ ବୁଧବାର ହାଜିରହିମିଆଁ ଉଚ୍ଚ ବିଦ୍ୟାଳୟକୁ ପାଠ ପଢିବାକୁ ଯାଇଥିଲେ। ତେବେ ଖେଳ ଛୁଟିରେ ଆବେଜଙ୍କର ସହପାଠୀ ଅମିନୁଲଙ୍କ ସହ ଝଗଡ଼ା ହୋଇଥିଲା। ଅମିନୁଲ ଚପଲ ଫିଙ୍ଗିବାରୁ ଆବେଜ ଉତ୍ତ୍ୟକ୍ତ ହୋଇ ତାଙ୍କ ଉପରକୁ ଏକ ପଥର ଫିଙ୍ଗିଥିଲେ। ଟେକାମାଡ଼ରେ ଅମିନୁଲଙ୍କ ମୁଣ୍ଡ ଫାଟିଯାଇଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ପ୍ରଧାନଶିକ୍ଷକ ଆଲୋକ ବିଶ୍ୱାଳ ଉଭୟ ଛାତ୍ରଙ୍କୁ ଡକାଇ ଘଟଣା ସମ୍ପର୍କରେ ପଚାରିଥିଲେ। ତେବେ ଆବେଜ୍ ଟେକା ପକାଇଥିବାରୁ ପ୍ରଧାନଶିକ୍ଷକ ଆବେଜ୍‌ଙ୍କୁ ମାଡ଼ ମାରିଥିଲେ। ଏ ଖବର ପାଇବା ପରେ ଆବେଜର ମା' ଫରିଦା ବିଦ୍ୟାଳୟରେ ପହଞ୍ଚି ଉଭୟ ଛାତ୍ରଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଅମିନୁଲଙ୍କ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଆବେଜ ମେଡିକାଲରୁ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି। ଏହି ଘଟଣାରେ ଫରିଦା ଗତକାଲି ମେଡିକାଲରୁ ଫେରିବା ପରେ ପ୍ରଧାନଶିକ୍ଷକଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ୍ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି। ଏନେଇ ବ୍ରହ୍ମବରଦା ଥାନାଧିକାରିଣୀ ଅଂଶୁମାଳା ଦାସ କହିଛନ୍ତି ଯେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ପଚରାଉଚରା କରାଯିବା ସହ ସାକ୍ଷ୍ୟ ପ୍ରମାଣ ଓ ଇନ୍‌ଜୁରୀ ରିପୋର୍ଟ ଆଧାରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ଲାନେଟୋରିୟମରେ ଗ୍ରହପୁଞ୍ଜ ପ୍ୟାରେଡ୍ ଦେଖିବାକୁ ଭିଡ଼



**ଭୁବନେଶ୍ୱର,୨୪।୧ (ସଂଚାର ବ୍ୟୁରୋ):** ସୌର ଜଗତର ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ନେପଚୁନ୍ ଓ ୟୁରେନସ୍ ସମେତ ୬ଟି ଗ୍ରହଙ୍କୁ ନେଇ ବିରଳ ମହାଜଗତିକ ଦୃଶ୍ୟ ଦେଖିବାକୁ ପଠାଣି ସାମନ୍ତ ପ୍ଲାନେଟୋରିୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ଦୃଶ୍ୟ ସନ୍ଧ୍ୟା ସମୟରେ ଅତ୍ୟନ୍ତ ମନୋରମ ହୋଇଥିବାରୁ ଏହାକୁ ଦେଖିବା ସକାଶେ ସାଧାରଣ ଲୋକଙ୍କ ଭିଡ଼ ଜମିଛି। ଏହି ମହାଜାଗତିକ ଦୃଶ୍ୟ ପରିପ୍ରେକ୍ଷୀରେ ଗ୍ରହଗୁଡ଼ିକ ଏକ ସରଳ ରେଖାରେ ରହିଛନ୍ତି। ପଠାଣି ସାମନ୍ତ ପ୍ଲାନେଟୋରିୟମଠାରେ ଟେଲିସ୍କୋପ ମାଧ୍ୟମରେ ବିଭିନ୍ନ ଗ୍ରହକୁ ଦେଖିବା ପାଇଁ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି। ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ଏଥିପାଇଁ କରାଯାଇଥିବା ବ୍ୟବସ୍ଥା ଦ୍ୱାରା ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ନେପଚୁନ୍ ଓ ୟୁରେନସ୍ ଗ୍ରହକୁ ମହାକାଶରେ ଦେଖି ସେମାନେ ଖୁସି ବ୍ୟକ୍ତ କରୁଛନ୍ତି। ନିଜ କକ୍ଷପଥରେ ଘୂରି ବୁଲୁଥିବା ଏହି ଗ୍ରହଗୁଡ଼ିକ ବର୍ତ୍ତମାନ ଗୋଟିଏ ଧାଡ଼ିରେ ଦିଶୁଛନ୍ତି। ଏହି ବିରଳ ମହାଜାଗତିକ ଦୃଶ୍ୟକୁ କିପରି ସୁବିଧାରେ ଦେଖିହେବ, ସେଥିପାଇଁ ପ୍ଲାନେଟୋରିୟମ ପରିସରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସୋମବାର ବ୍ୟତୀତ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଦର୍ଶକମାନେ ଏହି ଦୃଶ୍ୟ ଉପଭୋଗ କରିପାରିବେ। ମଙ୍ଗଳ, ଶୁକ୍ର, ବୃହସ୍ପତି ଓ ଶନି ଗ୍ରହ ଏକ ସରଳରେଖାରେ ରହି ସୁନ୍ଦର ଦୃଶ୍ୟ ସୃଷ୍ଟି କରିଛନ୍ତି ଏବଂ ଏଗୁଡିଙ୍କୁ ଖାଲି ଆଖିରେ ଦେଖିହେଉଛି। ସେହିଭଳି ଦୂରବୀକ୍ଷଣ ଓ ଟେଲିସ୍କୋପ୍ ମାଧ୍ୟମରେ ନେପଚୁନ୍ ଓ ୟୁରେନସ୍ ଦୃଶ୍ୟମାନ ହେଉଛନ୍ତି। ଏହି ଗ୍ରହପୁଞ୍ଜ ପ୍ୟାରେଡ ଦେଖିବାକୁ ୪ଟି ଟେଲିସ୍କୋପର ବ୍ୟବସ୍ଥା କରାଯାଇଛି। ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ଭାରପ୍ରାପ୍ତ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା କହିଛନ୍ତି।

# ଡିଏଭି କଳିଙ୍ଗନଗରରେ ପରାକ୍ରମ ଦିବସ





**ଭୁବନେଶ୍ୱର,୨୪।୧ (ସଂଚାର ବ୍ୟୁରୋ):** ଡିଏଭି କଳିଙ୍ଗ ନଗରରେ ପରାକ୍ରମ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଉତ୍କଳ ମାତାର ଦୁଇ ମହାନାୟକ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥିଙ୍କ ସମେତ ବିଦ୍ୟାଳୟର ଚେୟାରମ୍ୟାନ ମଦନ ମୋହନ ପଣ୍ଡା, ଅଧ୍ୟକ୍ଷ ବଳରାମ ମହାପାତ୍ର, ପର୍ଯ୍ୟବେକ୍ଷକ ପର୍ଯ୍ୟବେକ୍ଷିକା, ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏହି ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଏସଆଇଆର- ଆଇଏମଏମଟିର ବରିଷ୍ଠ ପ୍ରଧାନ ବୈଜ୍ଞାନିକ ଡଃ ଦେବୀ ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୁଇ ମୁକ୍ତି ସଂଗ୍ରାମୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ରକ୍ତଦାନ ଶିବିରରୁ ଅଭିଭାବକ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଠାରୁ ଏକଚାଳିଶ ୟୁନିଟରୁ ଊର୍ଦ୍ଧ୍ୱ ରକ୍ତ ସଂଗୃହୀତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରତି ବର୍ଷ ଭଳି ଏବର୍ଷ ମଧ୍ୟ 'ଓଲ୍ଡ ଏଜ ହୋମ'ର ବୃଦ୍ଧ ଓ ଅନାଥ ଅନ୍ତେବାସୀମାନଙ୍କୁ ସହାୟତା ପ୍ରଦାନ କରଯାଇଥିଲା । ଆମ ପରିବେଶକୁ ସବୁଜ ସୁନ୍ଦର କରିବା ଉଦ୍ଦେଶ୍ୟରେ ଶିକ୍ଷକ ଓ ଅଭିଭାବକମାନଙ୍କ ମଧ୍ୟରେ କୁଣ୍ଡରେ ଲଗାଯାଇଥିବା ବୃକ୍ଷର ଏକ ପ୍ରତିଯୋଗିତା କରଯାଇଥିଲା ।

# ଅଯୋଗ୍ୟ ହିତାଧିକାରୀଙ୍କୁ ଦଣ୍ଡବିଧାନ ବ୍ୟବସ୍ଥା

**ଭୁବନେଶ୍ୱର,୨୪।୧(ତଥ୍ୟ):** ଜାଲିଆତି କରି ମାଗଣା ଚାଉଳ ଉଠାଉଥିବା ସରକାରୀ କର୍ମଚାରୀ ଓ ସଂପନ୍ନ ବ୍ୟକ୍ତିମାନଙ୍କ ବିରୋଧରେ ଅପରାଧିକ ମାମଲା ସହିତ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ୍‌ଗତ ବ୍ୟବସ୍ଥା ରହିଛି । ଅଯୋଗ୍ୟ ହିତାଧିକାରୀମାନେ ତୁରନ୍ତ ରାସନ କାର୍ଡ ଫେରାଇବା ପାଇଁ ଯୋଗାଣ ମନ୍ତ୍ରୀ ଚେତାବନୀ ଦେବା ପରେ ଏବେ ଆଲୋଡ଼ନ ସୃଷ୍ଟି ହୋଇଛି । ଏଠାରେ ଉଲ୍ଲେଖନୀୟ ଯେ କେନ୍ଦ୍ର ସରକାର୨୦୧୩ ମସିହାରେ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ପ୍ରଣୟନ କରି ଏହାର ଆଧାରରେ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ବ୍ୟକ୍ତିମାନଙ୍କ ଲାଗି କିଲୋ ତିନିଟଙ୍କା ଦରରେ ମୁଣ୍ଡପିଛା ମାସିକ ୫ କିଲୋ କରି ଚାଉଳ କିମ୍ବା ଗହମ ଯୋଗାଣର ବ୍ୟବସ୍ଥାକରିଥିଲେ। ବିଭିନ୍ନ ରାଜ୍ୟ ସରକାର ଏହା ଉପରେ ରିହାତି ଦେଉଥିଲେ। ଓଡ଼ିଶା ସରକାର ଆଗରୁ ଏହି ଚାଉଳ ଉପରେ କିଲୋପିଛା ୨ଟଙ୍କା ରିହାତି ଦେଇ ହିତାଧିକାରୀମାନଙ୍କୁ ଟଙ୍କାଏ ମୂଲ୍ୟରେ ଚାଉଳ ଯୋଗାଉଥିଲେ । କିନ୍ତୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଗତ ସାଧାରଣ ନିର୍ବାଚନ ପୂର୍ବରୁ ଲାଗୁ କରି ସଂପୂର୍ଣ୍ଣ ମାଗଣାରେ ହିତାଧିକାରୀମାନଙ୍କୁ ଚାଉଳ/ଗହମ ଯୋଗାଇବାର ବ୍ୟବସ୍ଥା କରିଥିଲେ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ମାଧ୍ୟମରେ ସାରା ଦେଶରେ ୮୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାଗଣା ଚାଉଳ ଓ ଗହମ ଦିଆଯାଉଛି। ଓଡ଼ିଶାରେ ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଏବଂ ଗରିବ କଲ୍ୟାଣ ଅନ୍ନଯୋଜନା ମାଧ୍ୟମରେ ପ୍ରାୟ ୩କୋଟି ୩୫ଲକ୍ଷ ଲୋକଙ୍କ ଲାଗି ସରକାର ମାଗଣା ଚାଉଳ ବାଣ୍ଟୁଛନ୍ତି । ଇ-କେୱାଇସି ମାଧ୍ୟମରେ ହିତାଧିକାରୀମାନେ କଣ୍ଟ୍ରୋଲ ଦୋକାନରେ ଟିପଚିହ୍ନ ଦେବା ସହ ଆଧାର ଲିଙ୍କ୍ ଯୋଡ଼ିବାକୁ ବ୍ୟବସ୍ଥା ହୋଇଛି । ଏହି ବ୍ୟବସ୍ଥା ଲାଗୁ ହେବା ପରେ ଅନେକ ଅଯୋଗ୍ୟ ହିତାଧିକାରୀ ଏମିତିକି ମୃତ ହିତାଧିକାରୀ ବାଦ୍ ପଡିଛନ୍ତି। ଇ-କେୱାଇସି ପ୍ରକ୍ରିୟା ଚାଲୁ ରହିଥିବାରୁ ଓଡ଼ିଶାରେ ବାସ୍ତବରେ କେତେ ସଠିକ୍ ହିତାଧିକାରୀ ଅଛନ୍ତି ଓ କେତେ ଅଯୋଗ୍ୟ ହିତାଧିକାରୀ ବାଦ୍ ପଡିଛନ୍ତି ତାହାର ନିର୍ଦ୍ଦିଷ୍ଟ ପରିସଂଖ୍ୟାନ ମିଳିବ । ନିକଟରେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚାଇଛନ୍ତି ଯେ ବହୁ ସରକାରୀ କର୍ମଚାରୀ ମଧ୍ୟ ଏହି ଚାଉଳ ଉଠାଉଛନ୍ତି। ଏହାଛଡ଼ା ଆୟକର ଦେଉଥିବା ଅନେକ ଧନୀକ ବ୍ୟକ୍ତି ବି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଦୁରୁପଯୋଗ କରିଆସୁଛନ୍ତି । ଇ-କେୱାଇସିରେ ଧରାପଡ଼ିଯିବା ଭୟରେ ବହୁ ଅଯୋଗ୍ୟ ହିତାଧିକାରୀ କଣ୍ଟ୍ରୋଲ ଦୋକାନ ଦୁଆର ମାଡୁନଥିଲେ ମଧ୍ୟ କାର୍ଡ ଫେରାଉ ନାହାନ୍ତି। ଏମାନେ କାର୍ଡ ନଫେରାଇଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଛି । ଏଠାରେ ଉଲ୍ଲେଖନୀୟ ଯେ ବହୁ ଗରିବ ଲୋକ ଏବେ ବି ଏହି ଯୋଜନାରେ ସାମିଲ ହୋଇପାରିନଥିବା ବେଳେ ସେମାନଙ୍କ ଆବେଦନ ବିଚାରାଧୀନ ରହିଛି । ଆଇନ୍‌ଗତ ବ୍ୟବସ୍ଥାନୁଯାୟୀ ଯେଉଁ ସରକାରୀ କର୍ମଚାରୀମାନେ ସରକାରୀ ଯୋଜନାର ଦୁରୁପଯୋଗ କରିଥିବେ ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହିତ ଫୌଜଦାରୀ ମାମଲା ମଧ୍ୟ ରୁଜୁ ହୋଇପାରିବ । ଆଇନ୍ ବିଶାରଦମାନେ କହୁଛନ୍ତି ଯେ ଅନ୍ୟ ଅଯୋଗ୍ୟ ହିତାଧିକାରୀଙ୍କୁ ବି ଅଦାଲତର କାଠଗଡ଼ାକୁ ଟଣାଯାଇପାରିବ ।



# ଅପହରଣର ମାମଲାରେ ୬ ଅଭିଯୁକ୍ତ ଗିରଫ





**ବୋରିଗୁମ୍ମା୨୪।୧ (ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ପୁଲିସକୁ ମିଳିଛି ବଡ଼ ସଫଳତା । ବୋରିଗୁମ୍ମା ନିକଟ କେନ୍ଦୁ ଗୁଡା ଗ୍ରାମର ଡମ୍ବୁ ଭୂମିଆଙ୍କୁ ଅପହରଣ ମାମଲାରେ ବୋରିଗୁମ୍ମା ପୁଲିସ ମୋଟ ୬ ଜଣଙ୍କୁ ଗିରଫ କରିବା ସହ ବ୍ୟବହୃତ କରିଥିବା ଗୋଟିଏ ବୋଲେରୋ ସହ ସୁଜୁକି କାର ସମେତ ୨ ବାଇକ ଓ ୬ ମୋବାଇଲ ଜବତ କରିବାରେ ସକ୍ଷମ ହୋଇଛି । ଏନେଇ ବୋରିଗୁମ୍ମା ଥାନା ପରିସର ରେ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି ଅତିରିକ୍ତ ଏସପି । ଆଜି ଅପରାହ୍ନ ୩. ୩୦ ରେ ଅତିରିକ୍ତ ଏସପି ସାମ୍ବାଦିକ ସମ୍ମିଳନୀରେ କହିଥିଲେଯେ ଗତ ୧୭ /୧ /୨୫ ସନ୍ଧ୍ୟା ୭. ୩୦ଟାରେ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ନନ୍ଦର୍ଲା ଗ୍ରାମରୁ ଡମ୍ବୁ ଭୂମିଆ ଲାଇଟ, ସାଉଣ୍ଡ ଲଗାଇ ଏକ ବାଇକରେ ନିଜ ଗ୍ରାମ କେନ୍ଦୁଗୁଡା କୁ ଫେରୁଥିବା ବେଳେ ୧ ଲାଲ ରଙ୍ଗ ର ବୋଲେରୋ ଯୋଗେ ମୋଟ ୧୦ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଏକ ଲାଲ ରଙ୍ଗର ବୋଲେର ଗାଡ଼ିରେ ଆସି ଡମ୍ବୁ ଭୂମିଆଙ୍କ ଦୁଇ ସାଙ୍ଗଙ୍କୁ ଆକ୍ରମଣ କରି ଡମ୍ବୁ ଭୂମିଆଙ୍କୁ ଅପହରଣ କରି ନେଇଥିଲେ।

# ଆଳୁ ଚାଷ ପ୍ରତି ବଢୁଛି ଆଗ୍ରହ



**ଭୁବେନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଦେଖାଯାଉଥିବା ଆଳୁ ସଙ୍କଟକୁ ନେଇ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଏହି କ୍ରମରେ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ବ୍ୟାପକ ପଦକ୍ଷେପ ନିଆଯାଇ। ଆଳୁ ଚାଷକୁ ବୃଦ୍ଧି କରିବାକୁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ପ୍ରକାଶ ଯେ, ଦାରିଙ୍ଗବାଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ଆଳୁ ଚାଷ ପାଇଁ ଉଦ୍ୟାନ କୃଷି ଏବଂ ବାଲିଗୁଡା ଆଇଟିଡିଏ ପକ୍ଷରୁ ଚାଷୀଙ୍କୁ ଉନ୍ନତ କିସମର ବିହନ ଯୋଗାଇ ଦିଆଯିବା ସହ ଚାଷ ପ୍ରଣାଳୀ ଓ ଜୈବିକ ଚାଷ ପାଇଁ ଚାଷୀଙ୍କୁ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି। ବିଶେଷ କରି ଏପିସି ଏଗ୍ରିକଲଚର ପ୍ରଡ୍ୟୁସର କ୍ଲଷ୍ଟର ମାଧ୍ୟମରେ ୧ଶହରୁ ଦେଢ ଶହ ମହିଳା ଚାଷୀଙ୍କୁ ନେଇ ସମୂହ ଭାବେ ଆଳୁ ଚାଷ ସମେତ ଗ୍ରୀନ ମଟର, ଗେଣ୍ଡୁ ଫୁଲ, ପିଆଜ ଆଦି ଚାଷ କରାଯାଇଛି।

# ବିବିଧତାରେ ଏକତା ଭାରତର ବିଶେଷତ୍ୱ: ରାଜ୍ୟପାଳ

## ରାଜଭବନରେ ୭ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସ୍ଥାପନା ଦିବସ ପାଳିତ

**ଭୁବେନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ରାଜଭବନଠାରେ ୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସ୍ଥାପନା ଦିବସ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କ ଉପସ୍ଥିତିରେ ଏକ ଉତ୍ସବ ମୁଖରିତ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ରାଜ୍ୟଗୁଡ଼ିକ ହେଲେ ଆସାମ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ତ୍ରିପୁରା, ଉତ୍ତର ପ୍ରଦେଶ ଏବଂ



କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ନଗରହାବେଳୀ ଓ ଡ଼ାମନ୍ ଏବଂ ଡିଉ। ଏହି ଉପଲକ୍ଷେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶାରେ ଉଚ୍ଚ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ତଥା ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନ୍ୟ ରାଜ୍ୟର ବ୍ୟକ୍ତି ବିଶେଷଙ୍କର ସକ୍ରିୟ ଅଂଶ ଗ୍ରହଣ ମଧ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ବିବିଧତାରେ ଏକତା ଭାରତର ବିଶେଷତ୍ୱ ବୋଲି କହିବା ସହିତ ବିବିଧତା ଆମ ଗୌରବ ବୋଲି କହିଥିଲେ। ଏକ ଭାରତ ଶ୍ରେଷ୍ଠ ଭାରତ। ବିବିଧତାରେ ଏକତା ଏକ ସ୍ଲୋଗାନ୍‌ରେ ସୀମିତ ନୁହେଁ ବରଂ ଏହା ଅପାର ଶକ୍ତିର ଭଣ୍ଡାର ବୋଲି ସେ ପ୍ରକାଶ କରିଥିଲେ। ମାନ୍ୟବର ରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜଭବନରେ ପାଳିତ ରାଜ୍ୟ ସ୍ଥାପନା ଦିବସ ପାଳନ ପରସ୍ପର ମଧ୍ୟରେ ଖୁସି ଏବଂ ଆନନ୍ଦ ବାଣ୍ଟିବାର ପର୍ବ ଯାହା ଆମ ରାଷ୍ଟ୍ରୀୟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାରେ ଶିକ୍ଷା ଲାଭ କରୁଥିବା ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜ୍ଞାନର ସମ୍ପର୍କ ସେତୁ ସ୍ଥାପନ ଓ କର୍ମକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ରାଜ୍ୟର ବିକାଶ ଓ ପ୍ରଗତିରେ ଅଂଶ ଗ୍ରହଣ ଓ ଅବଦାନକୁ ପ୍ରଶଂସା କରିବା ସହିତ ସାମାଜିକ ଓ ସାଂସ୍କୃତିକ ପରିଚୟକୁ ସମୃଦ୍ଧ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ ଆତିଥେୟତା ଏକତାର ଭାବନାକୁ ମଜବୁତ କରିବାକୁ ପ୍ରତିବଦ୍ଧ ବୋଲି ରାଜ୍ୟପାଳ କହିଥିଲେ। ସ୍ଥାପନା ଦିବସ ପାଳିତ ହେଉଥିବା ରାଜ୍ୟମାନଙ୍କର ତଥା କେନ୍ଦ୍ରଶାସିତ ଅଞ୍ଚଳର ଓଡ଼ିଶାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ବିବିଧତାରେ ଏକତା ଉପରେ ଆଧାରିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏତଦ୍‌ବ୍ୟତୀତ ଆସାମ ରାଜ୍ୟର ବିହୁ ନୃତ୍ୟ ଦଳ ଏବଂ ଓଡ଼ିଶାର ସମ୍ବଲପୁର ଜିଲ୍ଲାର ଲୋକ ନୃତ୍ୟ ଦଳ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଭିନ୍ନ ରାଜ୍ୟର ବ୍ୟକ୍ତିବିଶେଷ ନିଜ ରାଜ୍ୟ / କେନ୍ଦ୍ର ଶାସିତ ଅଞ୍ଚଳର ସଂସ୍କୃତି, କଳା, ଐତିହ୍ୟ ଏବଂ ମହାନତା ସମ୍ପର୍କରେ ଅବତାରଣା କରିବା ସହିତ ଓଡ଼ିଶା ସହିତ ସେହି ରାଜ୍ୟମାନଙ୍କର ଅତୁଟ ସମ୍ପର୍କ ଏବଂ ଓଡ଼ିଶା ରାଜ୍ୟର ବିଶେଷତ୍ୱ ସମ୍ପର୍କରେ ନିଜର ଅଭିଜ୍ଞତା ଓ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ଫାଷ୍ଟ ଲେଡି ଶ୍ରୀମତୀ ଜୟଶ୍ରୀ କମ୍ଭମ୍ପାଟି ଉପସ୍ଥିତ ଥିଲେ। ଏହି ସମାରୋହରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଜାତୀୟ କନ୍ୟା ଦିବସ





**ଭୁବେନେଶ୍ୱର,୨୪।୧(ସଂଚାରବ୍ୟୁରୋ):** ଜାତୀୟ କନ୍ୟା (ବାଳିକା) ଦିବସ ଉପଲକ୍ଷେ ବିଚାରଭାରତୀ ଟ୍ରଷ୍ଟର 'ଶ୍ରୀ' ଅଭିଯାନ ପକ୍ଷରୁ ସ୍ଥାନୀୟ ଖଣ୍ଡଗିରି ତପୋବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଝିଅମାନଙ୍କ ସୁରକ୍ଷାକୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ୧୦୦ ଜଣ ବାଳିକା ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୀତାଂଶୁ ଦାଶ, 'ଶ୍ରୀ' ଅଭିଯାନର ମୁଖ୍ୟ ସମାଜସେବୀ ପ୍ରୀତି ଧଳ, ବିଚାର ଭାରତୀ ଟ୍ରଷ୍ଟର ଉପଦେଷ୍ଟା ସମାଜସେବୀ ସ୍ୱପ୍ନା ତ୍ରିପାଠୀ ଏବଂ ବିଚାର ଭାରତୀ ଟ୍ରଷ୍ଟର ଉପସଭାପତି ସଂଘମିତ୍ରା ପାଢ଼ୀ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ କନ୍ୟା ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅନୁସୂୟା ଭଞ୍ଜ ଓ ସୁନୀତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବେଟୀ ବଚାଓ ବେଟୀ ପଢ଼ାଓ ଓ ସେଲ୍ଫି ୱିଥ୍ ଡଟର ଅଭିଯାନ ମାଧ୍ୟମରେ କନ୍ୟା ସନ୍ତାନମାନେ କିପରି ଆଗକୁ ଶିକ୍ଷା ଓ ସୁରକ୍ଷା କ୍ଷେତ୍ରରେ ସଶକ୍ତ ହେବେ, ସେଦିଗରେ ଅତିଥିମାନେ ନିଜ ନିଜର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

**ଜୀବନ ଅମୃତ ଅନୁଚିନ୍ତା**

ମହାନତାର ଗୁଣ-ଉତ୍ତମ କର୍ମ, ନିଃସ୍ୱାର୍ଥପର ସେବା, ପରୋପକାର ଓ ତ୍ୟାଗ ଜୀବନର କ୍ଷୁଁଠଇ ନା କେଉଁଠି ବହୁଗୁଣ ହୋଇ ପ୍ରତିଦାନ ସ୍ୱରୂପ ପ୍ରାପ୍ତ ହୋଇଥାଏ ଆଉ ଜୀବନ ମହାନ କରି ତୋଳେ।

SANCHAR
ସଂଚାର



ଶନିବାର ୨୫ ଜାନୁଆରୀ ୨୦୨୫, ଭୁବନେଶ୍ୱର
Saturday 25 January 2025 Bhubaneswar

# ନୀତିଶଙ୍କ ଦଳର ଆଭିମୁଖ୍ୟ

ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧିନ ସଂଯୁକ୍ତ ଜନତା ଦଳ (ଜେଡିୟୁ) ବିଜେପି ନେତୃତ୍ୱାଧିନ ଏନଡିଏର ଏକ ବଡ଼ ଅଂଶୀଦାର ଦଳ। ଲୋକସଭାରେ ଏହାର ୧୨ ଜଣ ସଦସ୍ୟ ଅଛନ୍ତି। ଏନଡିଏ ଗଠିତ ହେବା ପରଠାରୁ ଏହା ମେଣ୍ଟରେ ରହିଛି। ଅବଶ୍ୟ ବିଭିନ୍ନ କାରଣରୁ, ବିଭିନ୍ନ ପରିସ୍ଥିତିରେ ଏହା ଏନଡିଏରୁ ଓହରିଛି, ପୁଣି କିଛି ଦନ ବ୍ୟବଧାନରେ ପୁନର୍ବାର ଏନଡିଏକୁ ପ୍ରତ୍ୟାବର୍ତ୍ତନ କରିଛି। କାରଣ ଜେଡିୟୁ ଏକ ଅଣକଂଗ୍ରେସ ଦଳ ଏବଂ କଂଗ୍ରେସ ନେତୃତ୍ୱଧିôନ ବା କଂଗ୍ରେସର ସମର୍ଥକ ଦଳ ସହ ଏହା କେବେ ବି ଅଧିକ ଦିନ ରହିପାରିବ ନାହିଁ। ବିହାରରେ ଲାଲୁ ଏବଂ ନୀତିଶ ଏକାଠି ଗୋଟିଏ ଦଳରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ ମଧ ପରବର୍ତ୍ତୀ ସମୟରେ ଉଭୟେ ପରସ୍ପରର ପ୍ରତିଦ୍ୱନ୍ଦ୍ୱି ପାଲଟିଛନ୍ତି। ତେଣୁ ନୀତିଶ କୁମାର କେବେ ଅଧିକ ଦିନ ବିରୋଧୀ ମେଣ୍ଟରେ ରହିପାରିବେ ନାହିଁ। କିନ୍ତୁ ଦଳରେ କିଛି ନେତା ଅନେକ ସମୟରେ ବିଜେପି ସହ ବନ୍ଧୁତା ଏବଂ ମଧୁର ସମ୍ପର୍କକୁ ନେଇ ବିଭ୍ରାନ୍ତିକର ବିବୃତି ଦେଇଛନ୍ତି। ନିକଟରେ ଅରୁଣାଚଳ ପ୍ରଦେଶର ଜେଡିୟୁ ରାଜ୍ୟ ସଭାପତି ରାଜ୍ୟପାଳଙ୍କୁ ପତ୍ର ଲେଖି ବିଜେପି ସରକାରରୁ ଦଳର ସମର୍ଥନ ପ୍ରତ୍ୟାହାର ସମ୍ପର୍କରେ ସୂଚନା ଦେଇଛନ୍ତି। ରାଜ୍ୟ ବିଧାନସଭରେ ଜେଡିୟୁର ମାତ୍ର ଜଣେ ବିଧାୟକ ଅଛନ୍ତି। ତେଣୁ ତାଙ୍କ ସମର୍ଥନ ପ୍ରତ୍ୟାହାର କୌଣସି ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ନୁହେଁ ବା ଏହାର କୌଣସି ପ୍ରଭାବ ନାହିଁ। କିନ୍ତୁ କେନ୍ଦ୍ରୀୟ ନେତାଙ୍କ ସହ ପରାମର୍ଶ ନକରି, କେନ୍ଦ୍ରୀୟ ନେତାଙ୍କ ଅନୁମତି ବିନା ଅରୁଣାଚଳ ପ୍ରଦେଶ ଜେଡିୟୁ ସଭାପତି ବିଜେପି ସରକାରରୁ ସମର୍ଥନ ପ୍ରତ୍ୟାହାର କରିବା ଦଳୀୟ ଶୃଙ୍ଖଳା ଭଙ୍ଗ କରୁଛି। ସେଥିପାଇଁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ସମର୍ଥନ ପ୍ରତ୍ୟାହାରର ମାତ୍ର ଦୁଇଘଣ୍ଟା ଭିତରେ ଜେଡିୟୁ ହାଇକମାଣ୍ଡ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଥିରୁ ବିଜେପି ସହ ବନ୍ଧୁତା ବଜାୟ ରଖିବାକୁ ଜେଡିୟୁ କେତେ ଆଗ୍ରହୀ ତାହା ପ୍ରମାଣିତ ହେଉଛି। ୨୦୨୨ରେ ଅନୁଷ୍ଠିତ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ ଜେଡିୟୁ ୬ଟି ଆସନ ଦଖଲ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାର ୫ଜଣ ବିଧାୟକ ଦଳବଦଳ କରି ବିଜେପିରେ ସାମିଲ ହୋଇଗଲେ। ଏହା ସତ୍ତ୍ୱେ ରାଜ୍ୟରେ ବିଜେପି ଓ ଜେଡିୟୁ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ରହିବା ଆଶ୍ଚର୍ଯ୍ୟଜନକ। ଏହାର କାରଣ ହେଲା ଜେଡିୟୁ ସୁପ୍ରିମୋ ନୀତିଶ କୁମାର ବିଜେପି ସହ ଶତ୍ରୁତା ଚାହୁଁନାହାଁନ୍ତି। ବିହାରରେ ତାଙ୍କ ପଦ କେବଳ ବିଜେପି ସମର୍ଥନରେ ତିଷ୍ଠି ରହିଛି। ଲାଲୁଙ୍କ ଆରଜେଡି ତୁଳନାରେ ବିଜେପି ଅଧିକ ବିଶ୍ୱାସଯୋଗ୍ୟ, ଭରସାଯୋଗ୍ୟ ବୋଲି ନୀତିଶ ବିଚାର କରୁଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବ। ଏହି ନିର୍ବାଚନରେ ନୀତିଶ ପୁଣି ଏନଡିଏର ନେତୃତ୍ୱ ନେବେ।

କିନ୍ତୁ ବିଜେପି ବା ନରେନ୍ଦ୍ର ମୋଦିଙ୍କ ସହଯୋଗ ବିନା ସେ ମୁଖ୍ୟମନ୍ତ୍ରୀ ହୋଇପାରିବେ। ଏଥିପାଇଁ ସେ ବିଜେପିକୁ ଅସନ୍ତୁଷ୍ଟ କରିବାକୁ ଚାହୁଁନାହାଁନ୍ତି। ସେଥିପାଇଁ ଅରୁଣାଚଳ ପ୍ରଦେଶରେ ଦଳର ରାଜ୍ୟ ସଭାପତିଙ୍କୁ ତତ୍କାଳ ବିଦା କରାଗଲା। ଉଲ୍ଲେଖ ଯୋଗ୍ୟ ଯେ, ପ୍ରତ୍ୟେକ ରାଜନୈତିକ ଦଳର ନେତା, ନୀତି ଏବଂ ନେତୃତ୍ୱ ଭିନ୍ନ। ଯଦିଓ ରାଜନୈତିକ ଦଳମାନେ ନୀତି ଆଧାରରେ ଚାଲନ୍ତି ନାହିଁ, କିନ୍ତୁ ନୀତିଗତ ଦୃଷ୍ଟିରୁ ଅନେକ ଦଳରେ ପାର୍ଥକ୍ୟ ରହିଛି। ସମସ୍ତଙ୍କ ଲକ୍ଷ୍ୟ ମଧ କ୍ଷମତା ଦଖଲ ବା ନିର୍ବାଚନୀ ସଫଳତା।

ତେଣୁ ଏକାଧିକ ଦଳ ଅଧିକ ଦିନ ପରସ୍ପର ସହ ହାତ ମିଳାଇ ଚାଲିବା ଅସମ୍ଭବ ଏବଂ ଏହା ମଧ ନିଜର ନୀତି ଆଦର୍ଶ ସହ ସାଲିସ। କେବଳ ସାମୟିକ ଲାଭ ବା ଏକ ବୃହତ୍ତର ସ୍ୱାର୍ଥ ହାସଲ ପାଇଁ କିଛି ରାଜନୈତିକ ଦଳ ଏକାଠି ହୋଇଥାଆନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହୋଇନଥାଏ। ଭାରତୀୟ ରାଜନୀତିରେ ଏହା ବାରମ୍ବାର ପ୍ରମାଣିତ ହୋଇଛି। ନିକଟରେ ମୁଖ୍ୟ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକର ବରିଷ୍ଠ ନେତା ଶରଦ ପାୱାର ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ, ଜାତୀୟ ରାଜନୈତିକ ଲକ୍ଷ୍ୟ ବା ଲୋକସଭା ନିର୍ବାଚନ ନିମନ୍ତେ ଇଣ୍ଡିଆ ବ୍ଲକ ଗଠନ କରାଯାଇଥିଲା। ବିଧାନସଭା ନିର୍ବାଚନରେ ଏହି ମେଣ୍ଟ ରହିବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ଏଥିରୁ ସ୍ପଷ୍ଟ ହେଉଛି ଯେ, ଇଣ୍ଡିଆ ବ୍ଲକ ଆଉ ବେଶୀ ଦିନ ତିଷ୍ଠିବ ନାହିଁ। ସତୁରୀ ଦଶକରେ ଯେତେବେଳେ ତତ୍କାଳନୀ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦ ଏବଂ ଅଗଣତାନ୍ତ୍ରିକ କାର୍ଯ୍ୟ ଅସହ୍ୟ ହେଲା ସେତେବେଳେ ତାଙ୍କୁ କ୍ଷମତାଚ୍ୟୁତ କରିବା ଜରୁରୀ ହୋଇପଡ଼ିଥିଲା।

୧୯୭୫ରେ ଜରୁରୀ ପରିସ୍ଥିତି ଜାରି କରି ଇନ୍ଦିରା ଗଣତନ୍ତ୍ରକୁ ହତ୍ୟା କରିଥିଲେ, ଦେଶସେବା ନୁହେଁ କ୍ଷମତା ପାଇଁ ସେ ରାଜନୀତି କରୁଥିବା ପ୍ରମାଣିତ ହୋଇଥିଲା। ପାରିବାରିକ ଶାସନର ସେ ଥିଲେ ଜନ୍ମଦାତା।

ତାଙ୍କୁ କ୍ଷମତାଚ୍ୟୁତ କରିବା ନିମନ୍ତେ ଲୋକନାୟକ ଜୟପ୍ରକାଶ ନାରାୟଣ ଦେଶରେ ଜନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତାଙ୍କ ଆହ୍ୱାନ କ୍ରମେ ଦେଶର ପ୍ରମୁଖ ବିରୋଧୀ ଦଳମାନେ ଏକାଠି ହୋଇ ୧୯୭୭ରେ ଇନ୍ଦିରାଙ୍କ ନେତୃତ୍ୱରେ କଂଗ୍ରେସକୁ କ୍ଷମତାଚ୍ୟୁତ କରିଥିଲେ। ଏହା ଥିଲା ଭାରତୀୟ ଗଣତନ୍ତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା। ସ୍ୱାଧୀନତାର ୩୦ ବର୍ଷ ପରେ ଦେଶବାସୀ କଂଗ୍ରେସକୁ କ୍ଷମତଚ୍ୟୁତ କରିଥିଲେ। ଏକ ବୃହତ୍ତର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ନେଇ, ଦେଶର ସ୍ୱାର୍ଥ ପାଇଁ ନୀତି ଏବଂ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ପରସ୍ପର ବିରୋଧୀ ରାଜନୈତିକ ଦଳମାନେ ଏକାଠି ହୋଇପାରିବେ ଏବଂ ଦେଶରେ ସୁଶାସନ ପ୍ରତିଷ୍ଠା କରିପାରିବେ, ଏହା ଜେପି ପ୍ରମାଣିତ କରିଥିଲେ। ଏହି ପରୀକ୍ଷଣ ସମ୍ପୂର୍ଣ୍ଣ ସଫଳ ହୋଇନଥିଲା ଏବଂ ୩ ବର୍ଷ ପରେ କଂଗ୍ରେସ ପୁଣି କ୍ଷମତାକୁ ଫେରିଥିଲା। ନେତାଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଏବଂ ସଂକୀର୍ଣ୍ଣତା ଯୋଗୁଁ ଜେପିଙ୍କ ଜନତା ପରୀକ୍ଷଣ ବିଫଳ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବାରମ୍ବାର ଏହାର ପରୀକ୍ଷଣ ହୋଇଥିଲା ଏବଂ ଶେଷରେ ଏହା ସଫଳ ମଧ ହେଲା। କେନ୍ଦ୍ର ଏବଂ ଦେଶର ଅର୍ଦ୍ଧାଧିକ ରାଜ୍ୟରେ ଏବେ ମେଣ୍ଟ ସରକାର ଚାଲିଛି। ଯେଉଁ କଂଗ୍ରେସ ଅନ୍ୟ କୌଣସି ଦଳ ସହ ବୁଝାମଣା ନକରିବାକୁ ଦୀର୍ଘ ବର୍ଷ ହେବ ନିଷ୍ପତ୍ତି ନେଇଥିଲା, ସେହି କଂଗ୍ରେସ ଶେଷରେ ମେଣ୍ଟ ରାଜନୀତିର ଆଶ୍ରୟ ନେବାକୁ ବାଧ ହେଲା।

ଏବେ ଜାତୀୟ ରାଜନୀତିରେ ବିଜେପି ନେତୃତ୍ୱାଧିନ ଏନଡିଏ ଏବଂ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡି ମେଣ୍ଟ (ପୂର୍ବରୁ ୟୁପିଏ)ମଧ୍ୟରେ ମୁକାବିଲା ହେଉଛି। ଏହା ବ୍ୟତିତ ବାମପନ୍ଥୀ ମେଣ୍ଟ ଏବଂ ରାଜ୍ୟ ସ୍ତରରେ କିଛି ଆଞ୍ଚଳିକ ଦଳ ମଧ୍ୟରେ ବି ମେଣ୍ଟ ହୋଇଛି। ନବେ ଦଶକରେ ଜନତା ଦଳ ନେତୃତ୍ୱରେ ନ୍ୟାସନାଲ ଫ୍ରଣ୍ଟ ଏବଂ ପରେ ୟୁନାଇଟେଡ ଫ୍ରଣ୍ଟ ଗଠିତ ହୋଇଥିଲା ଏବଂ ତାହା କିଛି ବର୍ଷ କ୍ଷମତାସୀନ ମଧ ହୋଇଥିଲା। ଅସ୍ପଷ୍ଟ ଜନାଦେଶ ଯୋଗୁଁ ଦେଶରେ ମେଣ୍ଟ ରାଜନୀତି ସୃଷ୍ଟି ହୋଇଥିଲା। ବିଭିନ୍ନ ରାଜ୍ୟରେ ବହୁ ସଂଖ୍ୟାରେ ଆଞ୍ଚଳିକ ଦଳ ଜନ୍ମ ନେବା ଏବଂ ରାଜନୈତିକ ସ୍ତରରେ ପ୍ରଭାବୀ ସାବ୍ୟସ୍ତ ହେବା ଫଳରେ ଜାତୀୟ ଦଳ ଗୁଡ଼ିକ ଦୁର୍ବଳ ହେଲେ। ତେଣୁ ସେମାନେ ଏହିସବୁ ଆଞ୍ଚଳିକ ଦଳମାନଙ୍କ ସହ ଆସନ ବୁଝାମଣା ବା ମେଣ୍ଟ କରିବାକୁ ବାଧ ହେଲେ। କିନ୍ତୁ ଅନେକ ସମୟରେ ଏହି ମେଣ୍ଟ ସ୍ଥାୟୀ ହୋଇପାରୁନି। ଅନେକ ଦଳ ଆଜି ଏହି ମେଣ୍ଟରେ ତ କାଲି ସେହି ମେଣ୍ଟରେ। ଟିଡିପି, ଜେଡିୟୁ କେତେଥର ଏନଡିଏରୁ ଓହରିଛି, ପୁଣି ସାମିଲ ହୋଇଛି ତାହା କହିବା ଅନାବଶ୍ୟକ। ଅକାଳି ଦଳ ଏକଦା ଏନଡିଏର ମୁଖ୍ୟ ଅଂଶୀଦାର ଦଳ ଥିଲା। ବିଜେଡି, ଟିଏମସି ପ୍ରମୁଖ ଏକଦା ଏନଡିଏରେ ଥିଲେ। ଭାରତୀୟ ରାଜନୀତିରେ ଘଡ଼ିକେ ଘଡ଼ି ଛୁଟୁଛି। ବିରୋଧୀ ମେଣ୍ଟରେ ଏଭଳି ଅସ୍ଥିରତା ଶାସକ ଦଳ ବିଜେପିକୁ ଅନ୍ତତଃ ପକ୍ଷେ ବର୍ତ୍ତମାନ ପାଇଁ ନିଶ୍ଚିନ୍ତ କରିଥିବ। ବିହାର ରାଜନୀତିରେ ଏବେ ସ୍ଥିରତା ପରିଲକ୍ଷିତ ହେଉଛି। ନୀତିଶ ଏନଡିଏର ନିର୍ବିବାଦୀୟ ନେତା। ତେଣୁ ଆସନ୍ତା ବିଧାନସଭା ନିର୍ବାଚନରେ ଏନଡିଏ ସୁବିଧାଜନକ ସ୍ଥିତିରେ ରହିବ।

# ସହନଶୀଳତାର ବୀଜ ବପନ: ଭାରତୀୟ କୃଷିର ରୂପାନ୍ତରଣ ନିମନ୍ତେ ବଜେଟର ନୀଳନକ୍ସା



**ନବୀନ ପି ସିଂହ**

ଭାରତୀୟ କୃଷି କ୍ଷେତ୍ର ହେଉଛି ଦେଶର ଅର୍ଥନୀତିର ମେରୁଦଣ୍ଡ, ଯାହା ଦେଶର ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)କୁ ଆନୁମାନିକ ୧୮ ପ୍ରତିଶତ ସହଯୋଗ ଯୋଗାଇଥାଏ। ଏହା ଦେଶର ମୋଟ ଜନସଂଖ୍ୟାରେ ପ୍ରାୟ ୫୮ ପ୍ରତିଶତ ଲୋକଙ୍କ ଜୀବନ ଜୀବିକାର ମଧ ମୁଖ୍ୟ ସାଧନ। ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଦେଶବାସୀଙ୍କ ପାଇଁ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ସହିତ ଅନ୍ୟାନ୍ୟ ଅନେକ ସହଯୋଗୀ ଶିଳ୍ପକୁ ମଧ ସହାୟତା ପ୍ରଦାନ କରିଆସୁଛି। ତେବେ, ଆମେ ଯେତେବେଳେ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ର ବଜେଟର ନିକଟତର ହେବାରେ ଲାଗିଛୁ, ସେତେବେଳେ ଆମକୁ ଦେଶର ସ୍ଥିରତା ଏବଂ ବିକାଶ ପ୍ରତି ଯେଉଁସବୁ ଚାଲେଞ୍ଜ୍ ଓ ବିପଦମାନ ରହିଛି ସେସବୁ ଉପରେ ମଧ ଚିନ୍ତା କରିବା ଆବଶ୍ୟକ। ସ୍ୱଳ୍ପକାଳୀନ ଆଧାରରେ, ଖାଉଟି ସାମଗ୍ରୀର ମୂଲ୍ୟ ଅସ୍ଥିରତା ଏବଂ କୃଷକମାନଙ୍କ ଋଣ ବୋଝ ବୃଦ୍ଧି କୃଷି ଉତ୍ପାଦିକା ଏବଂ ସେମାନଙ୍କର ସାମଗ୍ରିକ କଲ୍ୟାଣକୁ ତୁରନ୍ତ ବ୍ୟାହତ କରିଆସୁଛି। ମଧ୍ୟମକାଳୀନ ଭିତ୍ତିରେ ବିଚାର କରି ଦେଖିଲେ, ଯେଉଁସବୁ ଚାଲେଞ୍ଜମାନ ଦୃଶ୍ୟ ହୋଇଥାଏ ସେଥିରେ ଏକ ପୋଷଣୀୟ କୃଷି ବ୍ୟବସ୍ଥା ଗ୍ରହଣ ହେଉଛି ତତ୍କାଳିକ ଆବଶ୍ୟକତା ଯାହାକି ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ପ୍ରତିହତ କରିବାରେ ସହାୟକ ହୋଇପାରିବ। ଏଥି ସହିତ ପାରମ୍ପରିକ କୃଷି ପଦ୍ଧତି ପ୍ରତି ଦେଖା ଦେଇଥିବା ବିପଦକୁ ମଧ ଟାଳିପାରିବ। ଏହାଠାରୁ ଆଗର ପରିଦୃଶ୍ୟ ଉପରେ ଦୃଷ୍ଟିପାତ କଲେ, କୃଷିକ୍ଷେତ୍ରକୁ ନବସୃଜନକୁ ଆହରଣ କରିବା ସହିତ ପରିବର୍ତ୍ତିତ ଆର୍ଥିକ ଦୃଶ୍ୟପଟ୍ଟରେ ଏହାର ବିଶାଳ ସ୍ଥିତିକୁ ବଜାୟ ରଖିବା ନିମନ୍ତେ ଯେଉଁ ବ୍ୟବସ୍ଥାମାନ ଗ୍ରହଣ କରାଯିବା ଜରୁରି ତାହାର ବିକାଶ ଉପରେ ମଧ ଚିନ୍ତା କରାଯିବାର ସମୟ ଉପସ୍ଥିତ। ତେଣୁ ଦେଶର ନୀତିକାରମାନେ ଏଥିରେ ରଣନୀତିକ ସନ୍ତୁଳନ ରକ୍ଷା କରିବା ସକାଶେ ତତ୍କାଳ ଚାପ ସହିତ ଦୀର୍ଘକାଳୀନ ପୋଷଣୀୟ ବିକାଶ ଉପକ୍ରମ ନିମନ୍ତେ ଆଗାମୀ ବଜେଟରେ ବ୍ୟାପକ ପ୍ରାବଧାନ ପ୍ରସ୍ତୁତ କରିବା ଦରକାର। ଚାପଗ୍ରସ୍ତ ଏବଂ ଅଭାବୀ ଶ୍ରମିକମାନଙ୍କ ସମସ୍ୟାର ତୁରନ୍ତ ସମାଧାନ ଉପରେ ଗୁରୁତ୍ୱ ପ୍ରଦାନ କରାଯିବା, ଜଳବାୟୁ ସହନଶୀଳ କୃଷି ପଦ୍ଧତିକୁ ଆପଣାଯିବା ଏବଂ ନବସୃଜନ ପଦ୍ଧତିର ଅନୁସରଣ ଭଳି ପନ୍ଥା ଜରିଆରେ ସରକାର ଏକ ସହନଶୀଳ କୃଷି ଢାଞ୍ଚାର ବିକାଶ ଘଟାଇ ପାରିବେ ଯାହା ଦେଶର ଆର୍ଥିକ ବିକାଶକୁ ସହାୟକ ହେବା ସହିତ ଭାରତୀୟ କୃଷିର ଭବିଷ୍ୟତକୁ ସୁରକ୍ଷିତ ରଖିପାରିବ।

**କୃଷି ଗବେଷଣା ଓ ବିକାଶରେ ବ୍ୟାପକ ଅଭିବୃଦ୍ଧିଃ ସମୟର ଆବଶ୍ୟକତା** ଭାରତୀୟ କୃଷି ଗବେଷଣା ଓ ବିକାଶ (ଆରଏଣ୍ଡଡି) ବ୍ୟାପକ ମାତ୍ରାରେ ବିନିଯୋଗ କ୍ଲିଷ୍ଟ ଅବସ୍ଥାରେ ରହିଛି। କୃଷି ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ରା ମାତ୍ର ୦.୪ ପ୍ରତିଶତ ଯାହାକି ବୈଶ୍ୱିକ ସ୍ତରରେ ହାରାହାରି ୧ ପ୍ରତିଶତରେ ରହିଛି। ଏଭଳି ସ୍ୱଳ୍ପତା ନବସୃଜନକୁ ବ୍ୟାହତ କରୁଛି ଏବଂ ଜଳବାୟୁ ସହନଶୀଳ ଶସ୍ୟ, ଜଳ ପରିଚାଳନା ଓ ଅତ୍ୟାଧୁନିକ କୀଟ ନିୟନ୍ତ୍ରଣ ଭଳି ଜଟିଳ ସମସ୍ୟାର ସମାଧାନ ପନ୍ଥା ଆପଣାଇବା ନିମନ୍ତେ ପର୍ଯ୍ୟାପ୍ତ ହୋଇ ପାରୁନାହିଁ। ତେଣୁ ବଜେଟରେ ଗବେଷଣା ଓ ବିକାଶ କାର୍ଯ୍ୟକ୍ରମ ସକାଶେ ମଂଜୁର ପାଣ୍ଠି ପରିମାଣକୁ ଦ୍ୱିଗୁଣିତ କରିବା ଆବଶ୍ୟକ। ଏଥି ସହିତ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଏବଂ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ଏସଏୟୁ)ଭଳି ଅନୁଷ୍ଠାମାନଙ୍କ ଉପରେ ଅଧିକ ଦୃଷ୍ଟି ପ୍ରଦାନ କରାଯିବା ଜରୁରି। ଏହା ବ୍ୟତୀତ, ଘରୋଇ କ୍ଷେତ୍ରର ଅନୁଷ୍ଠାନମାନଙ୍କୁ ସେମାନଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପାଇଁ ଅଧିକ ଟିକସ ରିହାତି ପ୍ରଦାନ କରାଯାଇ ସେମାନଙ୍କୁ ଏଥିରେ ପୁଂଜି ନିବେଶ ସକାଶେ ପ୍ରୋତ୍ସାହନ ପ୍ରଦାନ କରାଯିବା ଆବଶ୍ୟକ। ଏଭଳି ଉପକ୍ରମମାନ ଗ୍ରହଣ ଫଳରେ ଶୈକ୍ଷିକ ଗୋଷ୍ଠୀ, ଶିଳ୍ପସଂସ୍ଥା ଏବଂ କୃଷକମାନଙ୍କ ମଧ୍ୟରେ ସହଯୋଗ ଓ ସମନ୍ୱୟର ଏକ ସୁଦୃଢ଼ ପରିବେଶ ସୃଷ୍ଟି ହୋଇପାରିବ ଯାହାକି ନୂଆ ନୂଆ ପନ୍ଥା ଆପଣାଇବା ସକାଶେ ମାର୍ଗ ସୁନିଶ୍ଚିତ କରିବ ଏବଂ ଏହା ଦେଶର କୃଷି ଉତ୍ପାଦିକା ଏବଂ ପୋଷଣୀୟତା ବୃଦ୍ଧିରେ ମଧ ସହାୟକ ହେବ। ଭିତ୍ତିଭୂମି ବୈଷମ୍ୟ ହ୍ରାସ ଠାରୁ ଅମଳ ପରବର୍ତ୍ତୀ ଶସ୍ୟହାନି ମାତ୍ରା ହ୍ରାସ ପ୍ରତି ବର୍ଷ ଭାରତରେ ଅମଳ ପରବର୍ତ୍ତୀ ଶସ୍ୟହାନିର ମାତା ୧୦ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ ଯାହାକି ଆମର ଭଣ୍ଡାରଣ, ଲଜିଷ୍ଟିକ୍ସ ଓ ବିତରଣ ବ୍ୟବସ୍ଥାରେ ଥିବା ଅଭାବକୁ ସୂଚୀତ କରେ। କୃଷି ସଂସାଧନ ପାଣ୍ଠି ଅଧୀନରେ ଏଥିପାଇଁ ଅର୍ଥ ମଂଜୁର କରାଯାଉଥିଲେ ସୁଦ୍ଧା ଆବଶ୍ୟକତା ଏବଂ ଆବଣ୍ଟନ ଅର୍ଥ ମଧ୍ୟରେ ପାର୍ଥକ୍ୟ ରହିଛି। ତେଣୁ ଚଳିତ ବଜେଟରେ ଗ୍ରାମାଞ୍ଚଳରେ ଭଣ୍ଡାରଣ ସମନ୍ୱୟ, ଶୀତଳ ଭଣ୍ଡାର ଚେନ୍ ଓ ଡିଜିଟାଲ ପ୍ଲାଟଫର୍ମ ନିମନ୍ତେ ଗୁରୁତ୍ୱ ଆରୋପ କରାଯିବା ଜରୁରି ଯାହାକି ଶସ୍ୟ ନଷ୍ଟକୁ ହ୍ରାସ କରିବା ସହିତ କୃଷକମାନଙ୍କୁ ବଜାର ସହିତ ସଂଯୋଗ କରିବାରେ ସହାୟକ ହେବ। ଅଧିକନ୍ତୁ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବର୍ଦ୍ଧିତ କଳେବରକୁ ଦୃଷ୍ଟିରେ ରଖି ଏବଂ ମୁଣ୍ଡପିଛା ଉପାର୍ଜନ ବୃଦ୍ଧି ପ୍ରଭାବିତ ପ୍ରକ୍ରିୟାକୃତ ଖାଦ୍ୟ ଚାହିଦାର ବୃଦ୍ଧି ଘଟାଇବା ଦିଗରେ ମଧ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ବାଞ୍ଛନୀୟ। ଏଥିପାଇଁ ଏକ ବିଶାଳ ଯୋଗାଣ ଶୃଙ୍ଖଳର ଆବଶ୍ୟକତା ରହିଛି। ସେହିଭଳି ଗୌଣ କୃଷି କାର୍ଯ୍ୟ ଯଥା, ଛତୁଚାଷ ଓ ମହୁମାଛି ଚାଷ ଆଦି କ୍ଷେତ୍ରରେ ମଧ ଅର୍ଥ ବିନିଯୋଗ କରାଗଲେ ତାହା ଗ୍ରାମାଞ୍ଚଳରେ କର୍ମନିଯୁକ୍ତିର ଅତିରିକ୍ତ ସୁଯୋଗ ସୃଷ୍ଟି କରିବ। ସେହିଭଳି ଅଣୁ ଜଳସେଚନ ଉପକ୍ରମକୁ ସମ୍ପ୍ରସାରିତ କରାଗଲେ ତାହା କୃଷି ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ଏବଂ ଜଳର ଅଭାବକୁ ମଧ ପୂରଣ କରିପାରିବ।

**ଜଳବାୟୁ ସହନଶୀଳତା : କୃଷି ନୀତିର ନୂତନ ସ୍ତମ୍ଭ**

ଜଳବାୟୁ ପରିବର୍ତ୍ତନ ଭାରତୀୟ କୃଷି ପ୍ରତି ସବୁଠାରୁ ବଡ଼ ବିପଦଗୁଡ଼ିକ ମଧ୍ୟରୁ ଅନ୍ୟତମ ଯାହାକି ଅନିଶ୍ଚିତ ପାଣିପାଗ, ଋତୁ ବହିର୍ଭୁତ ଅଦିନିଆ ବର୍ଷା ଏବଂ ମୃତ୍ତିକାର ଗୁଣବତ୍ତା କ୍ଷୟ ଯୋଗୁଁ କୃଷକମାନଙ୍କୁ ଭୋଗ କରିବାକୁ ପଡୁଛି। ତେଣୁ ଫସଲ ବିବିଧିକରଣ ଓ ପ୍ରାକୃତିକ କୃଷି ଓ ଜୈବ କୃଷି ପଦ୍ଧତି ଭଳି ପୋଷଣୀୟ କୃଷିକାର୍ଯ୍ୟ ପ୍ରତି ଦୃଢ଼ ପ୍ରତିବଦ୍ଧତା କେବଳ ଅତ୍ୟାବଶ୍ୟକ ନୁହେଁ, ଏହା ସମୟର ଆହ୍ୱାନ। ସେଥିପାଇଁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାକୁ ସମ୍ପ୍ରସାରଣ କରି ଜଳ-କ୍ଲିଷ୍ଟ କ୍ଷେତ୍ରରେ ଜଳସେଚନର ବ୍ୟବସ୍ଥା କରାଯାଇପାରିବ ଏବଂ ସୌରଶକ୍ତି ଚାଳିତ ଜଳସେଚନ ବ୍ୟବସ୍ଥା ପାଇଁ ସବସିଡି ଯୋଗାଣ ମଧ ଜଳବାୟୁକ୍ଲିଷ୍ଟ ଜନସାଧାରଣକୁ ବିଶେଷ ଭାବରେ ସହାୟକ ହୋଇପାରିବ। ସେହିଭଳି ଲକ୍ଷ୍ୟ ବିନିର୍ଦ୍ଦିଷ୍ଟ ମିଶନ ମୋଡ୍ କାର୍ଯ୍ୟକ୍ରମମାନ ଯଥା ତୈଳବୀଜ ଓ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ବୃଦ୍ଧି ମଧ ଜଳବାୟୁ ଚାଲେଞ୍ଜର ମୁକାବିଲା କରିପାରିବ। ଏହା ଫଳରେ ଏହିସବୁ ସାମଗ୍ରୀ ପାଇଁ ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ ଓ ଆତ୍ମ- ନିର୍ଭରଶୀଳତାରେ ବୃଦ୍ଧି ଘଟିବ।

**ବିବିଧିକରଣଃ କୃଷକମାନଙ୍କ ଆର୍ଥିକ ସ୍ଥିରତାର କଞ୍ଚିକାଠି**

ଉପାର୍ଜନ ଉତ୍ସର ବିବିଧିକରଣକୁ ସହଯୋଗୀ ଅନ୍ୟାନ୍ୟ କ୍ଷେତ୍ର ଯଥା, ପଶୁପାଳନ, ମାଛଚାଷ ଓ ଉଦ୍ୟାନ କୃଷି ଭଳି କ୍ଷେତ୍ରକୁ ସମ୍ପ୍ରସାରିତ କରାଯିବା ଏକାନ୍ତ ଜରୁରି ଯାହା ଫଳରେ ମୁଖ୍ୟ ଶସ୍ୟରୁ ଉପାର୍ଜନ ଉପରେ କୃଷକମାନଙ୍କ ମାତ୍ରାଧିକ ନିର୍ଭରଶୀଳତା ହ୍ରାସ ପାଇବ। ଭାରତରେ ପଶୁପାଳନ କ୍ଷେତ୍ର କୃଷି ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର ୨୮ ପ୍ରତିଶତ ଏବଂ ମାଛ ଚାଷକୁ ଲକ୍ଷ୍ୟ ନିର୍ଦ୍ଧାରିତ ଯୋଜନା ମାନଙ୍କ ମାଧମରେ ମଧ ଅଧିକ ପାଣ୍ଠି ଯୋଗାଇ ଦିଆଯିବା ଉଚିତ। ଏହିସବୁ କ୍ଷେତ୍ରଗୁଡ଼ିକ ମଧ୍ୟରେ ପଶୁପାଳନ ସଂସାଧନ ବିକାଶ ପାଣ୍ଠ ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସଂପଦ ଯୋଜନା (ପିଏମଏମଏସୱାଇ) ଆଦି ସାମିଲ। ସେହିଭଳି, ଉଦ୍ୟାନ କୃଷି କ୍ଷେତ୍ରରେ ଶୀତଳୀକରଣ, ଭଣ୍ଡାରଣ ଓ ପ୍ରକ୍ରିୟାକରଣ ସୁବିଧା ପାଇଁ ଅଧିକ ପୁଂଜି ଯୋଗାଣ ଏହି କ୍ଷେତ୍ରର ରପ୍ତାନି ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବ। ତେଣୁ ଏହିସବୁ କ୍ଷେତ୍ରଗୁଡ଼ିକୁ ବଜେଟରେ ସମାଯୋଜନ କରି ଏକ ଏକୀକୃତ କୃଷି ବ୍ୟବସ୍ଥାର ବିକାଶ ଘଟାଯିବା ଜରୁରି ଯାହାକି କୃଷକମାନଙ୍କୁ ସର୍ବାଧିକ ମାତ୍ରାରେ ସହାୟକ ହୋଇପାରିବ।

**ଡିଜିଟାଲ କୃଷି : କୃଷି ପଦ୍ଧତିର କାୟା ପରିବର୍ତ୍ତନ**

କୃଷି କ୍ଷେତ୍ରର ଡିଜିଟାଲ ରୂପାନ୍ତରଣ ନିଷ୍ପତ୍ତି ଗ୍ରହଣ ଏବଂ ସକ୍ରିୟତା ଦିଗରେ ବୈପ୍ଲବିକ ପରିବର୍ତ୍ତନ ଘଟାଇ ପାରିବ। ଇ-ନାମ୍ ଭଳି ପ୍ଲାଟଫର୍ମକୁ ସମ୍ପ୍ରସାରିତ କରି ସେଥିରେ ମଣ୍ଡିଗୁଡ଼ିକୁ ସାମିଲ କରିବା, ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ବଜାର ପହଞ୍ଚକୁ ସୁସଂଗତ କରିବା ଭଳି କାର୍ଯ୍ୟ ସହଜରେ ସମ୍ପାଦନ କରାଯାଇପାରିବ। ଅତ୍ୟାଧୁନିକ ପ୍ରଯୁକ୍ତି ଯଥା କୃତ୍ରିମ ପ୍ରଜ୍ଞା (ଏଆଇ) ଓ ବ୍ଲକଚେନକୁ ଯୋଗାଣ ଶୃଙ୍ଖଳ ପରିଚାଳନା, ଶସ୍ୟ ବୀମା ଓ ମୃତ୍ତିକା ସ୍ୱାସ୍ଥ୍ୟ ମନିଟରିଂ ବ୍ୟବସ୍ଥା ସହିତ ସମାଯୋଜନ କରି ଏଥିରେ ଉଲ୍ଲେଖନୀୟ ଉନ୍ନତି ଓ ସକ୍ରିୟତା ହାସଲ କରାଯାଇପାରିବ ଏବଂ ରିସ୍କ ପରିଚାଳନାର ମଧ ସଫଳ ମୁକାବିଲା କରାଯାଇପାରିବ। ଦେଶରେ ୧୦, ୦୦୦ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଗଠନ କରିବା ସକାଶେ ପର୍ଯ୍ୟାପ୍ତ ଆର୍ଥିକ ଓ ପ୍ରଯୁକ୍ତିଗତ ସହାୟତା ଲୋଡ଼ା ଯାହାକି କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ସମ୍ବଦ୍ଧିତ ମୂଲ୍ୟ ନିର୍ଦ୍ଧାଣ ଏବଂ ବଜାର ପ୍ରବେଶ ସହିତ ସେମାନଙ୍କୁ ସଶକ୍ତ କରିବ। ତତ୍କାଳ ଓ ଭବିଷ୍ୟତ ବଜାର ସଂଯୋଗ ନିମନ୍ତେ ଡିଜିଟାଲ ଇକୋସିଷ୍ଟମ୍ ବ୍ୟବସ୍ଥା ସୃଷ୍ଟି କେନ୍ଦ୍ର ବଜେଟରେ ତତ୍କାଳ ଓ ଭବିଷ୍ୟତର ବଜାରକୁ ସମାଯୋଜନ କରିବା ନିମନ୍ତେ ଏକ ବିଶାଳ ଡିଜିଟାଲ ଇକୋସିଷ୍ଟମ ଏବଂ ଡାଟା- ପରିଚାଳିତ ଢାଂଞ୍ଚାର ବିକାଶ ଘଟାଯିବା ଜରୁରି ମନେହୁଏ। ଡିଜିଟାଲ ସ୍ପଟ୍ ମାର୍କେଟ୍ ଯଥା ଇ-ନାମ୍ ବ୍ୟବସ୍ଥାକୁ ସମ୍ପ୍ରସାରିତ କରି ସେଥିରେ ଦେଶର ସମସ୍ତ ମଣ୍ଡିକୁ ଯୋଡ଼ା ଯାଇପାରିବ ଏବଂ ସେଗୁଡ଼ିକୁ ଇଲେକ୍ଟ୍ରୋନିକ୍ ୱେର୍ହାଉସ୍ ରିସିପ୍ଟ (ଇ-ଡବ୍ଲୁ.ଆର) ସହିତ ସଂଯୋଗ କରାଯିବା ଆବଶ୍ୟକ ଯାହା ଫଳରେ କୃଷକମାନେ ସେମାନଙ୍କର ଭଣ୍ଡାରଣ ଉତ୍ପାଦକୁ ସହଜରେ ମୌଦ୍ରିକରଣ କରିପାରିବେ ଏବଂ ଅଭାବୀ ବିକ୍ରି ହ୍ରାସ ପାଇବ ଓ ବୈଶ୍ୱିକ ବାଣିଜିକ ମାନକୁ ଅନୁପାଳନ କରାଯାଇପାରିବ। ଏହିସବୁ ସାମଗ୍ରୀଗୁଡ଼ିକ ପାଇଁ ଏକ କେନ୍ଦ୍ରିକୃତ ଡାଟା ରିପୋଜିଟୋରୀ ଗଠନ, ୱେର୍ହାଉସ୍ ବ୍ୟବସ୍ଥା, ବିପଣନ ମଞ୍ଚ ଓ ସରକାରୀ ଏଜେନ୍ସି ମାନଙ୍କଠାରୁ ସମନ୍ୱିତ ଇନପୁଟ୍ ପ୍ରାପ୍ତି ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ ସୁବିଧା ସହିତ ଭବିଷ୍ୟତର ବଜାର ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ ସମ୍ପର୍କୀତ ସକଳ ପ୍ରକାର ସୂଚନା ସହଜରେ ଉପଲବ୍ଧ ହୋଇପାରିବ। ଅଧିକନ୍ତୁ, ଏକ ସ୍ଥିର ନୀତିଗତ ସହାୟତା ମଧ ରକ୍ଷା କରାଯିବା ଜରୁରି ଯାହାକି ସ୍ପଟ୍ ଓ ଭବିଷ୍ୟତର ବଜାର ମଧ୍ୟରେ ଆବଶ୍ୟକ ସମନ୍ୱୟ ରକ୍ଷା କରିପାରିବ ଏବଂ ସମସ୍ତ କାର୍ଯ୍ୟକୁ ସୁସଂଗତ କରିପାରିବ। ଏହି ଆଭିମୁଖ୍ୟ ସ୍ୱଚ୍ଛତାକୁ ପ୍ରୋତ୍ସାହନ ଯୋଗାଇବ, ମୂଲ୍ୟ ସୂଚନାକୁ ପରିବ୍ୟାପ୍ତ କରିବ, ଏକ ସକ୍ରିୟ କୃଷି ବଜାର ଇକୋସିଷ୍ଟମର ବିକାଶ ଘଟାଇବ ଏବଂ କୃଷି କ୍ଷେତ୍ରର ସମସ୍ତ ହିତଧାରକମାନଙ୍କୁ ସଶକ୍ତ କରିବ ସହିତ ବୈଶ୍ୱିକ ବଜାରରେ ଭାରତର ପ୍ରତିଦ୍ୱନ୍ଦ୍ୱିତା କ୍ଷମତାକୁ ଅଧିକ ମଜଭୁତ କରିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ପାଇଁ ଋଣ ଉପଲବ୍ଧତାର ଦ୍ୱାର ଉନ୍ମୋଚନ ଆନୁଷ୍ଠାନିକ ଋଣ ଯୋଗାଣ ପର୍ଯ୍ୟନ୍ତ ପହଞ୍ଚ ଦେଶର କ୍ଷୁଦ୍ର ଓ ନାମମାତ୍ର କୃଷକମାନଙ୍କ ପାଇଁ ଏବେ ସୁଦ୍ଧା ଏକ ବିରାଟ ଚାଲେଞ୍ଜ୍ ହୋଇ ରହିଆସିଛି। ଭାରତରେ ସହରୀକରଣ ମାତ୍ରା ବୃଦ୍ଧି ପାଇବା ସହିତ ଏହାର ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ଏହିସବୁ କୃଷକମାନେ ଅଧିକାଂଶ ସମୟରେ ଅଣ-ଆନୁଷ୍ଠାନିକ ଋଣଦାତାମାନଙ୍କ ନିକଟକୁ ଯାଉଛନ୍ତି ଏବଂ ସେମାନଙ୍କ ଠାରୁ ଅଧିକ ସୁଧ ହାରରେ ଟଙ୍କା କରଜ ଆଣୁଛନ୍ତି। ତେଣୁ କୃଷି ଋଣ ପରିମାଣର ଲକ୍ଷ୍ୟକୁ ୧୦ ଲକ୍ଷ କୋଟି ଟଙ୍କାରୁ ୨୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଗଲେ କ୍ଷୁଦ୍ର ତଥା ଭାଗ ଚାଷୀମାନଙ୍କୁ ସେମାନଙ୍କର ଆବଶ୍ୟକତା ମୁତାବକ ଋଣ ଯୋଗାଇ ଦିଆଯାଇପାରିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅଧୀନରେ ଏହି ପ୍ରକ୍ରିୟାକୁ ସୁସଙ୍ଗତ କରାଯାଇ ଫସଲ ବୀମା ବ୍ୟବସ୍ଥା ଆହରଣକୁ ମଧ ବ୍ୟବସ୍ଥିତ କରାଯାଇପାରିବ। ଏକ ସୁଦୃଢ଼ ଋଣ ଓ ବୀମା ଢାଞ୍ଚା ଗଠନ ଦ୍ୱାରା କୃଷକମାନଙ୍କ ପାଇଁ ନିରାପତ୍ତା ବ୍ୟବସ୍ଥା ସୃଷ୍ଟି ହେବ ଏବଂ ଏହା ସେମାନଙ୍କର ଆର୍ଥିକ ଆଶଙ୍କାକୁ ହ୍ରାସ କରିବା ସହିତ ଉତ୍ପାଦନକ୍ଷମ କ୍ଷେତ୍ରରେ ନିବେଶର ମାତ୍ରା ବୃଦ୍ଧି କରିବ।

**ମହିଳା ସଶକ୍ତୀକରଣ : ଭାରତୀୟ କୃଷିର ମେରୁଦଣ୍ଡ**

ଦେଶର କୃଷିକ୍ଷେତ୍ରର କର୍ମଶକ୍ତିର ୫୦ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା ଏବଂ ସେମାନେ ସଂପଦ ପ୍ରାପ୍ତି ଏବଂ ନିଷ୍ପତ୍ତି ଗ୍ରହଣ ମଞ୍ଚରେ ସଦାବେଳେ ବ୍ୟବସ୍ଥାଗତ ପ୍ରତିବନ୍ଧକର ସମ୍ମୁଖୀନ ହୋଇଆସୁଛନ୍ତି। କୃଷି ଜମି ମାଲିକାନା କ୍ଷେତ୍ରରେ ସେମାନଙ୍କର ମାତ୍ରା ପ୍ରାୟ ୩୫ ପ୍ରତିଶତ ହୋଇଥିଲେ ସୁଦ୍ଧା ଉପାର୍ଜନ ଓ ସଂପଦ ଉପରେ ସେମାନଙ୍କର ନିୟନ୍ତ୍ରଣର ଅଭାବ ଅଧିକାଂଶ କ୍ଷେତ୍ରରେ ପରିଲକ୍ଷିତ ହୋଇଆସୁଛି। ତେଣୁ ଲିଙ୍ଗ-ବିନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଯାହାକି ସେମାନଙ୍କ ମଧ୍ୟରେ କୌଶଳ, ଭୂମି ମାଲିକାନା ଅଧିକାର ଏବଂ ଆନୁଷ୍ଠାନିକ ଋଣ ପ୍ରାପ୍ତି ପାଇଁ ଏକାନ୍ତ ଜରୁରି ତାହା ପ୍ରବର୍ତ୍ତନ କରାଯିବା ଆବଶ୍ୟକ। ତେଣୁ ବଜେଟରେ ମହିଳା କୃଷକ ସଶକ୍ତୀକରଣ ଉପରେ ଗୁରୁତ୍ୱ ଆରୋପ ସହିତ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ଦ୍ୱାରା ଖାଦ୍ୟ ନିରାପତ୍ତା ଏବଂ ଗ୍ରାମାଞ୍ଚଳ ସମୃଦ୍ଧି ସୁନିଶ୍ଚିତ ହୋଇପାରିବ। କୃଷି ବିପଣନ କ୍ଷେତ୍ରରେ ଭାରତକୁ ବିଶ୍ୱ ନେତୃତ୍ୱରେ ପରିଣତ କରିବା ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର କୃଷି ରପ୍ତାନୀ କ୍ଷେତ୍ରର ମୂଲ୍ୟ ୫୦ ବିଲିୟନ ଡଲାର ରହିଥିବା ବେଳେ ଏଥିରେ ଅଭିବୃଦ୍ଧିର ବିପୁଳ ସମ୍ଭାବନା ରହିଛି। ତେଣୁ ୧୦, ୦୦୦ କୋଟି ଟଙ୍କାର ଏକ ରପ୍ତାନୀ ସଂସାଧନ ଓ ଲଜିଷ୍ଟିକ୍ସ ପାଣ୍ଠି ଗଠନ କରାଗଲେ ଏହାର ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତା ସାମର୍ଥ୍ୟ ଯଥେଷ୍ଟ ମାତ୍ରାରେ ବୃଦ୍ଧି କରିପାରିବ। ସେହିଭଳି ଜୈବ ଓ ମୂଲ୍ୟ- ସମ୍ବର୍ଦ୍ଧନ ଉତ୍ପାଦ ମାଧମରେ ସୁଦ୍ଧା ଆନ୍ତର୍ଜାତୀୟ ବଜାରର ଉଚ୍ଚ-ମୂଲ୍ୟଯୁକ୍ତ ବଜାରକୁ ଆୟତ୍ତ କରାଯାଇପାରିବ। ରଣନୀତିକ ବାଣିଜ୍ୟ ସହଭାଗିତା ଏବଂ ଦ୍ୱିପାକ୍ଷିକ ରାଜିନାମା ମାଧମରେ ଅଣ- ଟ୍ରାଫିକ୍ ପ୍ରତିବନ୍ଧକ ଉପରେ ଗୁରୁତ୍ୱ ଆରୋପ କରାଯିବା ଉଚିତ ଏବଂ ଭାରତୀୟ ରପ୍ତାନୀ ସାମଗ୍ରୀକୁ ବିଶ୍ୱସ୍ତରୀୟ ମାନଯୁକ୍ତ କରାଯିବା ମଧ ଜରୁରି। ଏଥି ନିମନ୍ତେ କୃଷକ ପ୍ରତିନିଧି ଏବଂ ବାଣିଜ୍ୟ ବିଶେଷଜ୍ଞମାନଙ୍କୁ ନେଇ ଏକ ସ୍ଥାୟୀ ସଂସ୍ଥା ଗଠନ କରାଗଲେ ଏ ଦିଗରେ ବ୍ୟାପକ ନିଷ୍ପତ୍ତି ଗ୍ରହଣ ସୁନିଶ୍ଚିତ କରାଯିବା ସହିତ ଘରୋଇ କୃଷକମାନଙ୍କ ଦ୍ୱାରା ଉତ୍ପାଦର ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱୀ ମାତ୍ରା ବୃଦ୍ଧି ଘଟିବ। ସଂକ୍ଷେପରେ କୁହାଯାଇପାରେ ଯେ, ୨୦୨୫-୨୬ ଆର୍ଥିକ ବର୍ଷର କେନ୍ଦ୍ର ବଜେଟ ଭବିଷ୍ୟତର ଭାରତୀୟ କୃଷି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ପୁନଃକଳ୍ପନାକୁ ଉପସ୍ଥାପନ କରେ। ତେଣୁ ବର୍ତ୍ତମାନର ଚାଲେଞ୍ଜଗୁଡ଼ିକର ସମାଧାନ ଏବଂ ରଣନୀତିକ ଉପକ୍ରମ ଯଥା ଗବେଷଣା ଓ ବିକାଶ ଉପରେ ଗୁରୁତ୍ୱାରୋପ, ସଂସାଧନର ସମ୍ପ୍ରସାରଣ, ଜଳବାୟୁ ସହନଶୀଳତାକୁ ପ୍ରୋତ୍ସାହନ ଏବଂ ବିବିଧିକରଣର ପନ୍ଥା ଅନୁସରଣର ପ୍ରବର୍ତ୍ତନ ଦ୍ୱାରା ଭାରତୀୟ କୃଷି କ୍ଷେତ୍ର ଅଧିକ ସକ୍ରିୟ ହୋଇପାରିବ। ଏହା ଫଳରେ ସରକାର କୃଷିକୁ ଏକ ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱୀ ଶିଳ୍ପରେ ପରିଣତ କରିପାରିବେ। ଏହାତିରିକ୍ତ, ଡିଜିଟାଲ ସମ୍ବର୍ଦ୍ଧନ ଓ ଋଣ ପାଇଁ ସମାନତା ଆଧାରରେ ସୁଯୋଗ ସୁନିଶ୍ଚିତ କରାଯିବା ଦ୍ୱାରା କେବଳ କୃଷକମାନେ ସଶକ୍ତ ହେବେନାହିଁ ଅପର ପକ୍ଷେ ଏହା ଅର୍ଥନୀତିର ମେରୁଦଣ୍ଡ ଭାବରେ ସୁଦ୍ଧା ସୁଦୃଢ଼ ଓ ସୁରକ୍ଷିତ ହୋଇପାରିବ ଏବଂ ଦେଶର କୋଟି କୋଟି ଲୋକଙ୍କ ପାଇଁ ପୋଷଣୀୟ ଜୀବନ ଜୀବିକାର ଉତ୍ସ ପାଲଟିବ। ବସ୍ତୁ ଓ ସେବାକର ପରିଷଦ (ଜିଏସଟି) ଭଳି ଏକ କୃଷି ବିକାଶ ପରିଷଦ (ଏଡିସି) ଗଠନ ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା। ପରିଣାମତଃ, ଭାରତୀୟ କୃଷି ବିକାଶ ଓ ନବସୃଜନର ଏକ ଶକ୍ତିଶାଳୀ ନମୁନାରେ ପରିଣତ ହେବ ଏବଂ ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ହୋଇପାରିବ।

**ଡକ୍ଟର ନବୀନ ପି ସିଂହ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର କୃଷି ମୂଲ୍ୟ ନିର୍ଦ୍ଧାରଣ ଓ ମୂଲ୍ୟାୟନ କମିଶନର ଜଣେ ସଦସ୍ୟ ଅଧିକାରୀ। ଏହି ପ୍ରବନ୍ଧରେ ପ୍ରତିଫଳିତ ଚିନ୍ତାଧାରା ଲେଖକଙ୍କର ନିଜସ୍ୱ**

# ଗଣତାନ୍ତ୍ରିକ ପରମ୍ପରାର ଆଦର୍ଶ



**ଦାଶରଥୀ ଶତପଥୀ**

ଭାରତର ସ୍ୱାଧିନତାପ୍ରାପ୍ତି ପରେ ରାଷ୍ଟ୍ରନାୟକ ଡଃ. ଭିମରାଓ ରାମଜୀ ଆମ୍ବେଦକର ସ୍ୱାଧିନ ରାଷ୍ଟ୍ରକୁ କେତେକ ନୀତି ନିୟମରେ ଚଳାଇବା ନିମନ୍ତେ ସମ୍ବିଧାନ ପ୍ରଣୟନ କରିଥିଲେ। ସେହି ପ୍ରଣୀତ ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଗୃହୀତ ହୋଇ କାର୍ଯ୍ୟକାରୀ କରାଯାଇଥିଲା ଯଦିଓ ୧୯୪୯ ମସିହା ନଭେମ୍ବରର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭା ଏହି ସମ୍ବିଧାନକୁ ପ୍ରଣୟନ କରିଥିଲେ। ଗଣତନ୍ତ୍ର ଦିବସ ପୂର୍ବରୁ ଇଂରେଜମାନଙ୍କ ଦ୍ୱାରା ଗଠିତ ସମ୍ବିଧାନ ଢାଞ୍ଚାରେ କିଛି ଦିନ ଆମ ଦେଶର ଶାସନତନ୍ତ୍ର ଅନୁବନ୍ଧିତ ଥିଲା। ଶାସ୍ତ୍ରରେ କୁହାଯାଇଛି

**"ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ, ପରଧର୍ମାତ୍ ସ୍ୱନୁଷ୍ଠିତାତ୍"।**
**ସ୍ୱଧର୍ମେ ନିଧନଂ ଶ୍ରେୟଃ, ପରଧର୍ମେ ଭୟାବହଃ"।।** (ଗୀତା- ୩/୩୫)

ଉତ୍ତମ ଆଚରଣ ସହିତ ପାଳିତ ହେଉଥିବା ଅନ୍ୟର ଧର୍ମଠାରୁ ଗୁଣରହିତ ହେଲେ ମଧ ସ୍ୱଧର୍ମ ଅଧିକ ମଙ୍ଗଳକର। ନିଜ ଧର୍ମରେ ମରିବା ମଧ କଲ୍ୟାଣକର, କିନ୍ତୁ ଅନ୍ୟର ଧର୍ମ ଭୟାବହ ଅର୍ଥାତ୍ ବିବେକାନୁମୋଦିତ ପନ୍ଥାରେ ଐକାନ୍ତିକ ଭାବେ ନିଷ୍ଠାରେ କାର୍ଯ୍ୟ କରିବା ଉଚିତ୍।

ସଫଳତା ବା ବିଫଳତା ଯାହା ମିଳୁନା କାହିଁକି ତାକୁ ସମାନ ଭାବରେ ଗ୍ରହଣ କଲେ ତାହା ସାମାଜିକ ଜୀବନରେ ନାନା ସମସ୍ୟା ସମାଧାନ ହୋଇଥାଏ।ଆମ ସମ୍ବିଧାନ ପ୍ରସ୍ତାବନାରେ ରହିଛିଃ ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା, ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା, ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ ଏହି ୧୯୪୯ ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ। ସମ୍ବିଧାନ ପ୍ରଣେତା ଡଃ. ଭିମରାଓ ରାମଜୀ ଆମ୍ବେଦକର ସମ୍ବିଧାନ ସଭାର ଅନ୍ତିମ ଭାଷଣରେ କହିଥିଲେ ସମ୍ବିଧାନର ପ୍ରସ୍ତୁତି ସରିଛି, ଆମ ସମସ୍ତଙ୍କୁ ହିଂସା, ଦ୍ୱେଷ ଓ ଅରାଜକତାକୁ ପରିହାର କରିବାକୁ ପଡ଼ିବ। ସମ୍ବିଧାନ ମାଧମରେ ବିଚାର ବିମର୍ଶ କରି ସମାସ୍ୟାର ସମାଧାନ କରିବାକୁ ପଡ଼ିବ। ବିଭିନ୍ନ ସମ୍ବିଧାନ ପ୍ରଣୟନ ସଭାରେ ଧାରାବାହିକ ଆଲୋଚନା ପର୍ଯ୍ୟାଲୋଚନା ପରେ ଆମର ଯେଉଁ ସମ୍ବିଧାନ ପ୍ରଣୟନ ହେଲା ତାହା ବିଶ୍ୱବାସୀଙ୍କ ନୂଆ ବାତାବରଣ ସୃଷ୍ଟି କରିଥିଲା। ଏହି ପରିପ୍ରେକ୍ଷୀରେ ଅନେକ ରାଜନୈତିକ ସମୀକ୍ଷକ ସ୍ୱୀକାର କରନ୍ତି ଯେ ଭାରତୀୟ ସମ୍ବିଧାନ ବିଶ୍ୱରେ ବିରଳ ଓ ସମୟୋପଯୋଗୀ। ଆଇନ ସମ୍ମୁଖରେ ସମସ୍ତେ ସମାନ ଓ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରଜୁଯ୍ୟ। ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଲୋକ ପ୍ରତିନିଧିଙ୍କ ସରକାର ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିଆସୁଛି।

ଏହା ଆମକୁ ବଂଚିବା, ବଢିବାର ଧାର୍ମିକ କୌଶଳ, ସମବେଦନାର କୌଶଳ, ଭାତୃତ୍ୱ ବନ୍ଧନରେ ବାନ୍ଧିବାର କୌଶଳ ଓ ମଣିଷ ହୋଇ ତିଷ୍ଠି ରହିବାର ଅଭିମନ୍ତ୍ରରେ ବାନ୍ଧିରଖିଛି। ସ୍ୱାଧିନତା ପ୍ରାପ୍ତି ପରେ ଭାରତ ବିକାଶର ପଥରେ ଅଗ୍ରସର ହୋଇ ଆଜି ପୃଥିବୀର ଏକ ସମୃଦ୍ଧ ରାଷ୍ଟ୍ର ରୂପେ ପରିଗଣିତ ହେଉଛି।

ଭାରତୀୟ ଗଣତନ୍ତ୍ର ହୋଇଛି ସୁଦୃଢ ଓ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳତା ହାସଲ ଦିଗରେ ଏହାର ଜୟଯାତ୍ରା ଅବ୍ୟାହତ ରହିଛି। ଆଜି ପୃଥିବୀର ଅନେକ ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଷୁଡି ଯାଇ ସାମରିକ ବା ଏକଛତ୍ରବାଦ ଶାସନ ଚାଲିଥିବାବେଳେ ଆମ ଦେଶରେ ଓ ରାଜ୍ୟରେ ଗଣତନ୍ତ୍ର ପଦ୍ଧତିରେ ଶାସନ ଚାଲିଛି ଯାହାକି ଭାରତୀୟ ସଂସ୍କୃତିର ମହତ ପଣିଆକୁ ସୂଚାଇ ଦେଉଛି। ଦେଶବାସୀ ଓ ରାଜ୍ୟବାସୀଙ୍କ ହିତ ସାଧନ ପାଇଁ ସରକାର ଅନେକ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି। ବିଶ୍ୱରେ ଶାନ୍ତି, ସ୍ଥିରତା ବଜାୟ ରଖିବା ଦିଗରେ ଭାରତ ଏକ ମହତ ଭୂମିକା ଗ୍ରହଣ କରିଆସୁଛି। ଆଜି ବିଜ୍ଞାନ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ କ୍ରୀଡା କ୍ଷେତ୍ରରେ ଆମ ଦେଶ ତଥା ରାଜ୍ୟ ଅଗ୍ରଣୀ ଲାଭ କରିଛି। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଦଳିତ, ଗରୀବ ଲୋକଙ୍କ ଉନ୍ନତି ପାଇଁ ଚେଷ୍ଟା ଅହରହ ଚାଲିଛି। ଗାନ୍ଧିଜୀର ଆଦର୍ଶ ତଥା ସତ୍ୟ, ଧର୍ମ, ନ୍ୟାୟ, ଶୃଙ୍ଖଳା ଓ ଅନୁଶାସନ ପଥରେ ରହି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ।

ଦେଶକୁ, ରାଜ୍ୟକୁ ଶକ୍ତିଶାଳି କରିବା ପାଇଁ ଓ ଆର୍ଥିକ ଅବସ୍ଥାର ସୁଧାର ପାଇଁ ଆମକୁ କଠିନ ପରିଶ୍ରମ କରିବାକୁ ପଡ଼ିବ ଯାହାକି ଏକମାତ୍ର ମାର୍ଗ। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି :-

**"କର୍ମଣ୍ୟେ ବାଧିତାରସ୍ତେ ମା ଫଳେଷୁ କଦାଚନ**
**ମା କର୍ମଫଳହେତୁର୍ଭୁର୍ମା ତେ ସଙ୍ଗୋଦ୍ଧ ସ୍ତ୍ୱକର୍ମଣି"।**

ଅର୍ଥାତ୍ କର୍ମ କରିବାରେ ହିଁ ତୋର ଅଧିକାର ଅଛି। ତାହାର ଫଳରେ କଦାପି ନୁହେଁ।

ତେଣୁ କରି ତୁ କର୍ମ ଫଳର ହେତୁ ହୁଅନାହିଁ ତଥା କର୍ମ ନକରିବାରେ ବି ତୋର ଆସକ୍ତି ନହେଉ। ତେଣୁ ଏହି ପବିତ୍ର ଦିନରେ ଆମେ ଶପଥ ନେବା ଯେ ସୁଖ-ଦୁଃଖ, ଜୟ-ପରାଜୟ, ଲାଭ-କ୍ଷତି, ମାନ-ଅପମାନ ଆଦି ଦ୍ୱନ୍ଦରୁ ଉର୍ଦ୍ଧ୍ୱକୁ ଯାଇ ଦେଶକୁ, ସମାଜକୁ କିପରି ଆଗେଇ ନେଇପାରିବା, ନିଷ୍କାମ ହୃଦୟରେ ଚିନ୍ତା କରିବା, ସତ୍ କର୍ମ, ଶୁଭ କର୍ମ ମାଧମରେ ଦେଶର ମଙ୍ଗଳ ସାଧନା କରିପାରିବା ଯେଉଁଥିରେକି ସମଗ୍ର ଦେଶର ଜନସାଧାରଣଙ୍କ ଜୀବନ ସୁଖ, ଶାନ୍ତିରେ ପରିପୂର୍ଣ୍ଣ ହୋଇପାରିବ ଓ ଏହା ସହିତ ଦେଶରୁ ସନ୍ତ୍ରାସବାଦୀ କାର୍ଯ୍ୟାକଳାପକୁ ସଂପୁର୍ଣ୍ଣ ଧ୍ୱଂସ କରିବା ନିମନ୍ତେ ସମସ୍ତ ନାଗରିକ ପ୍ରତିଜ୍ଞାବଦ୍ଧ ହେବା ଉଚିତ୍। ଦେଶକୁ ଏକ ପୃଥିବାର ଅଗ୍ରଣୀ ଦେଶ ଭାବେ ପରିଣତ କରିବା ପାଇଁ ଆଜିର ଦିନରେ ଆମେ ଶପଥ ନେବା ଉଚିତ୍। ଜୟହିନ୍ଦ୍

**ସଚିବ**
**ଓଡିଶା ବିଧାନସଭା**
**ଦୂରଭାଷ ନଂ- ୯୩୩୭୪୪୯୩୭୩**

# ଜନ୍ମଗତ ନାଗରିକତା ଅଧିକାର ଉଚ୍ଛେଦ ଆଦେଶ ଉପରେ ରୋକ୍ ଲଗାଇଲେ କୋର୍ଟ




**ନୂଆଦିଲ୍ଲୀ, ୨୪।୧:** ଟ୍ରମ୍ପଙ୍କୁ ବଡ଼ ଝଟକା। ଜନ୍ମଗତ ନାଗରିକତା ଅଧିକାର ଉଚ୍ଛେଦ ଆଦେଶ ଉପରେ ରୋକ୍ ଲଗାଇଲେ କୋର୍ଟ। ଏହାକୁ ଅସାମ୍ବିଧାନିକ ବୋଲି ଘୋଷଣା କଲେ ସିଆଟେଲର ଏକ ସଂଘୀୟ କୋର୍ଟ। ଜୀବନ କାଳ ଭିତରେ ଏଭଳି ରାୟ ଶୁଣିନାହାଁ। ଟ୍ରମ୍ପଙ୍କର ଏହି ଆଦେଶ ସମ୍ବିଧାନର ସମ୍ପୂର୍ଣ୍ଣ ଉଲଂଘନ ବୋଲି କହିଲେ ବିଚାରପତି ଜନ୍ କଫେନାଓ୍ୱର। ଆମେରିକାରେ ଜନ୍ମଗତ ନାଗରିକତା ଅଧିକାରକୁ ଉଚ୍ଛେଦ କରିବାକୁ ଆଦେଶ ଜାରି କରିଥିଲେ ଟ୍ରମ୍ପ। ଶପଥ ଗ୍ରହଣ କରିବାର ମାତ୍ର କିଛି ଦିନ ପରେ ଭାଙ୍ଗିଗଲା ଟ୍ରମ୍ପଙ୍କ ସ୍ୱପ୍ନ। ଟ୍ରମ୍ପଙ୍କ ଏହି ଆଦେଶ ଉପରେ ରୋକ୍ ଲଗାଇଛନ୍ତି କୋର୍ଟ। ଏହାକୁ ଅସାମ୍ବିଧାନିକ ବୋଲି ଘୋଷଣା କରିଛନ୍ତି ସିଆଟେଲର ଏକ ସଂଘୀୟ କୋର୍ଟ। କହିରଖୁ କି, ଟ୍ରମ୍ପ ପୂର୍ବରୁ ଜାରି କରିଥିବା ଆଇନକୁ ନେଇ ଆମେରିକାର ଏକାଧିକ ହସ୍ପିଟାଲରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଟ୍ରମ୍ପଙ୍କ ବିରୋଧରେ ଆଗତ ପିଟିସନ ଉପରେ ଆମେରିକାର ଜିଲ୍ଲା ଜଜ୍‌ଙ୍କ କୋର୍ଟରେ ଶୁଣାଣି କରି

## ଟ୍ରମ୍ପଙ୍କୁ ବଡ଼ ଝଟକା

ଏହି ଆଦେଶ ଉପରେ ରୋକ୍ ଲଗାଇଛନ୍ତି। ବିଚାରପତି ଜନ୍ କଫେନାଓ୍ୱରଙ୍କ କହିଛନ୍ତି, ଜୀବନ କାଳ ଭିତରେ ସେ ଏଭଳି ରାୟ ଶୁଣିନାହାନ୍ତି। ଏଭଳି ଆଦେଶ ବା ରାୟକୁ ସେ କେବେ ବି ସାମ୍ନା କରିନାହାନ୍ତି। ଗତ ଜାନୁଆରୀ ୨୦ ତାରିଖରେ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ଏକାଧିକ ଆଦେଶନାମା ଜାରି କରିଥିଲେ। ପୂର୍ବରୁ ବିଦେଶୀ ନାଗରିକଙ୍କ ପିଲା ଆମେରିକାରେ ଜନ୍ମ ହେଲେ ଆମେରିକାର ନାଗରିକତା ପାଇବାର ଅଧିକାର ରହିଥିଲା। କିନ୍ତୁ, ଟ୍ରମ୍ପ ଶପଥ ଗ୍ରହଣ କରିବା ପରେ ନାଗରିକତା ଆଇନ ଉଚ୍ଛେଦ ନେଇ ଘୋଷଣା କରିଛନ୍ତି। ତେବେ ଟ୍ରମ୍ପଙ୍କ ଆଦେଶ ଉପରେ କୋର୍ଟଙ୍କ ଏଭଳି ନିଷ୍ପତ୍ତିରେ ତାଙ୍କୁ ବଡ଼ ଝଟକା ଲାଗିଛି।



# ଓ୍ୱାକଫ୍ ଜେପିସି ବୈଠକରେ ହଙ୍ଗାମା

## ୧୦ ସାଂସଦ ଦିନକ ପାଇଁ ନିଲମ୍ବିତ

**ନୂଆଦିଲ୍ଲୀ, ୨୪।୧:** ଓ୍ୱାକଫ୍ ସଂଶୋଧନ ବିଲକୁ ନେଇ ଜେପିସି ବୈଠକରେ ଜୋରଦାର ହଙ୍ଗାମା ହୋଇଛି। ଏପରିକି ହଙ୍ଗାମା ଏତେ ବଢ଼ିଯାଇଥିଲା ଯେ ମାର୍ସାଲମାନଙ୍କୁ ଡକାଇବାକୁ ପଡ଼ିଥିଲା। ଏହି ହଙ୍ଗାମା ପାଇଁ ଅସଦୁଦ୍ଦିନ ଓ୍ୱେସି ଓ କଲ୍ୟାଣ ବାନାର୍ଜୀଙ୍କ ସମେତ ୧୦ ଜଣ ବିରୋଧୀ ସାଂସଦଙ୍କୁ ଜେପିସି ସଦସ୍ୟତାରୁ ଗୋଟିଏ ଦିନ ପାଇଁ ନିଲମ୍ବିତ କରାଯାଇଛି।

ବିରୋଧୀ ସାଂସଦମାନେ ଅଭିଯୋଗ କରିଛନ୍ତି ଯେ ଜେପିସିରେ ସେମାନଙ୍କ ମତାମତକୁ ଶୁଣାଯାଉନାହିଁ। ବିଜେପି ସାଂସଦ ନିଶିକାନ୍ତ ଦୁବେ ଜେପିସିରେ ବିରୋଧୀ ଦଳର ସାଂସଦମାନଙ୍କୁ ନିଲମ୍ବିତ କରିବାକୁ ପ୍ରସ୍ତାବ ଆଣିଥିଲେ। ଅଧ୍ୟକ୍ଷ ଜଗଦମ୍ବିକା ପାଲ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ। ବିରୋଧୀ ସାଂସଦମାନେ ଅଭିଯୋଗ କରିଛନ୍ତି ଯେ ଜେପିସିରେ ସେମାନଙ୍କ ମତାମତକୁ ଶୁଣାଯାଉନାହିଁ। ବିଜେପି ସାଂସଦ ନିଶିକାନ୍ତ ଦୁବେ ଜେପିସିରେ ବିରୋଧୀ ଦଳର ସାଂସଦମାନଙ୍କୁ ନିଲମ୍ବିତ କରିବାକୁ ପ୍ରସ୍ତାବ ଆଣିଥିଲେ। ଅଧ୍ୟକ୍ଷ ଜଗଦମ୍ବିକା ପାଲ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ।ଅସଦୁଦ୍ଦିନ ଓ୍ୱେସି, ଇମ୍ରାନ ମାସୁଦ, କଲ୍ୟାଣ ବାନାର୍ଜୀ, ଅରବିନ୍ଦ ସାୱନ୍ତ, ନାସିର ହୁସେନ, ଏ ରାଜା, ମୋହିବୁଲ୍ଲା ନଦଭି, ଏମଏମ ଅବଦୁଲ୍ଲା, ନାଦିମୁଲ ହକ୍ ଏବଂ ମହମ୍ମଦ ଜାଭେଦଙ୍କୁ ନିଲମ୍ବିତ କରାଯାଇଛି। ଏହା ପ୍ରଥମ ଥର ନୁହେଁ ଯେ ଜେପିସି ବୈଠକରେ ହଙ୍ଗାମା ହୋଇଛି। ଏହା ପୂର୍ବରୁ ମଧ୍ୟ ଏହି ବୈଠକରେ ବିବାଦ ଦେଖାଦେଇଥିଲା। ଆଜିର ହଙ୍ଗାମା ସମ୍ପର୍କରେ ଅରବିନ୍ଦ ସାୱନ୍ତ କହିଛନ୍ତି ଯେ ସମୟ ଦିଆଯାଇନାହିଁ, ସେମାନେ ତରବରିଆ ହେଉଛନ୍ତି। ଏହି ୧୦ ଜଣ ସଦସ୍ୟଙ୍କୁ ଆଜି ପାଇଁ ନିଲମ୍ବିତ କରାଯାଇଛି। ଆମେ ଜାନୁଆରୀ ୩୧ରେ ପ୍ରତି ଧାରା ଉପରେ ଆଲୋଚନା ଚାହୁଁଥିଲୁ କିନ୍ତୁ ସେମାନେ ଜାନୁଆରୀ ୨୭ରେ ଏହା କରିବାକୁ ଅଟଳ ଅଛନ୍ତି।

# ଲକ୍ଷ୍ନୌରେ ଭୟଙ୍କର ସଡ଼କ ଦୁର୍ଘଟଣା, ୪ ମୃତ

**ଲକ୍ଷ୍ନୌ,୨୪।୧:** ଲକ୍ଷ୍ନୌ ଘଟିଛି ଭୟଙ୍କର ସଡ଼କ ଦୁର୍ଘଟଣା। ଏହି ଘଟଣାରେ ୪ ଜଣଙ୍କ ଜୀବନ ଚାଲିଯିବା ସହ ୭ ଜଣ ଆହତ ହୋଇଛନ୍ତି। ଗତକାଲି ବିଳମ୍ବିତ ରାତ୍ରିରେ କିଶାନ ପାଥ ମାଟି ଗାଁ ନିକଟରେ ଏହି ଘଟଣା ଘଟିଥିଲା। ଇନୋଭା ଓ ମାରୁତି ଭ୍ୟାନ ମଧ୍ୟରେ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲାଯେ କାରଟି ଉଡି ଯାଇଥିଲା। ଉଭୟ ଇନୋଭା ଓ ମାରୁତି ଭ୍ୟାନ ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା।

ବିବିଡି ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଦେଢ଼ ଘଣ୍ଟାର ପରିଶ୍ରମ ପରେ ଗୋମତୀ ନଗର, ଇନ୍ଦିରା ନଗର ଫାୟାର ଷ୍ଟେସନ କର୍ମଚାରୀ ଓ ପୋଲିସ ଟିମ ମିଶି କାରରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲକୁ ନିଆଯାଇଥିଲା। ଯେଉଁଠାରେ ୭ ଜଣଙ୍କୁ ଭର୍ତି କରାଯାଇଛି। ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ଏଡିସିପି ପୂର୍ବ ପଙ୍କଜ କୁମାର ସିଂ ସୂଚନା ଦେଇଥିଲେ ଇନୋଭା ଏବଂ ଭ୍ୟାନ କିଶାନ ରାସ୍ତା ଦେଇ କୁର୍ସି ରୋଡ ଆଡକୁ ଯାଇଥିଲା।

ମାଟି ଗାଁ ନିକଟରେ ଇନୋଭା ଡ୍ରାଇଭର ଆଗକୁ ଯାଉଥିବା ଟ୍ରକକୁ ଅତିକ୍ରମ କରୁଥିଲା। ଏହି ସମୟରେ ପଛପଟୁ ଏକ ମାରୁତି ଭ୍ୟାନକୁ ଟ୍ରକ ଧକ୍କା ଦେଇଥିଲା। ଏହାପରେ ଉଭୟ ମାରୁତି ଓ ଇନୋଭା ଟ୍ରକ ଭିତରେ ଚାପି ହୋଇଯାଇଥିଲେ। ଘଟଣା ସ୍ଥଳରେ ବିବିଡି ପୋଲିସ ଷ୍ଟେସନର ଇନ୍ସପେକ୍ଟର ଅଜୟ ନାରାୟଣ ସିଂ ,ଏଫ ଏସ ଓ ଗୋମତି ନଗର ସୁଶାଲ କୁମାର ଯାଦବ ପହଞ୍ଚିଥିଲେ। ଏହି ଘଟଣାରେ ମା ଏବଂ ପୁଅକୁ ମିଶାଇ ୪ ଜଣଙ୍କ ମୃତ୍ୟୁ ହୋଇଛି ଏହାସହ ୭ ଜଣ ଆହତ ହୋଇଛନ୍ତି। ଅଭିଯୁକ୍ତ ଡ୍ରାଇଭର ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଚାରି ଜଣଙ୍କ ନାମ ପ୍ରକାଶ ପାଇଛି ମୃତକଙ୍କ ଭିତରେ ରହିଛନ୍ତି ଶେହଜାଦ (୪୦), କିରଣ ଯାଦବ (୩୮), କୁନ୍ଦନ (୨୦) ଏବଂ ହିମାଂଶୁ (୧୭) ଙ୍କ ନାମ ରହିଛି। ମୃତକଙ୍କ ମଧ୍ୟରୁ ତିନି ଜଣ ଏକ ଭ୍ୟାନରେ ଯାତ୍ରା କରୁଥିଲେ। ଜଣେ ଇନୋଭାରେ ଥିଲେ। ଅଭିଯୁକ୍ତ ଡ୍ରାଇଭର କୁ ଗିରଫ କରାଯାଇଛି। ଏହା ସହ ଏହି ଚାଳକଙ୍କ ବିରୁଦ୍ଧ ରେ ଏକ ମାମଲା ରୁଜୁ କରାଯାଇଛି।




# ୨୫ବର୍ଷ ପରେ ଭାରତ ଫେରିଲେ ମମତା କୁଲକର୍ଣ୍ଣୀ

**ନୂଆଦିଲ୍ଲୀ, ୨୪।୧:** ବଲିଉଡର ଅଭିନେତ୍ରୀ ମମତା କୁଲକର୍ଣ୍ଣୀ ଅନେକ ସଫଳ ସିନେମାରେ ଅଭିନୟ କରିଛନ୍ତି। ମମତାଙ୍କ କ୍ୟାରିୟର ଶୀର୍ଷରେ ଥିବା ବେଳେ ହଠାତ ତାଙ୍କର ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରି ଦେଇଥିଲା। ସେ ଅଭିନୟରୁ ଦୂରେଇ ଯାଇ ଭାରତ ଛାଡ଼ି ଦେଇଥିଲେ। କିଛିଦିନ ପରେ ମମତା କୁଲକର୍ଣ୍ଣୀଙ୍କୁ ସ୍ୱାଧୀ ବେଶରେ ଦେଖିବାକୁ ମିଳିଥିଲା। ସମ୍ପ୍ରତି ଖବର ମିଳିଛି କି ମମତା କୁଲକର୍ଣ୍ଣୀ କିନ୍ନର ଆଖାଡାରେ ମହାମଣ୍ଡଳେଶ୍ୱର ହେବେ। ଜାନୁଆରି ୨୪ ତାରିଖ ସନ୍ଧ୍ୟାରେ ମମତା ସଙ୍ଗମରେ ପିଣ୍ଡଦାନ କରିବେ। ସନ୍ଧ୍ୟା ୬ଟାରେ କିନ୍ନର ଆଖାଡ଼ାରେ ତାଙ୍କର ପଟ୍ଟାଭିଷେକ ହେବ। ଅଭିନେତ୍ରୀ ମମତା କୁଲକର୍ଣ୍ଣୀ ଦୀର୍ଘ ଦୀର୍ଘ ୨୫ବର୍ଷ ପରେ ଭାରତ ଫେରି ଆସିବା ଖବର ପାଇବା ପରେ ତାଙ୍କ ଫ୍ୟାନ୍ସମାନେ ଖୁବ ଖୁସି ହୋଇଯାଇଥିଲେ। ୨୦୨୪ ଡିସେମ୍ବରରେ ମମତା କୁଲକର୍ଣ୍ଣୀଙ୍କୁ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ଅଭିନେତ୍ରୀଙ୍କୁ ଦୀର୍ଘବର୍ଷ ପରେ ଦେଖି ତାଙ୍କ ଫ୍ୟାନ୍ସମାନେ ଆଶାବାନ୍ଧି ଦେଇଥିଲେ କି ଆଗାମୀ ବିଗବସ ୧୮ରେ ପ୍ରବେଶ ପାଇଁ ବୋଧ ହୁଏ କୁଲକର୍ଣ୍ଣିଂ ଭାରତ ଫେରିଛନ୍ତି। ଏସମସ୍ତ ଗୁଜବକୁ ଖଣ୍ଡ କରି ମମତା ପ୍ରତିକ୍ରିୟା ଦେଇ କହିଛନ୍ତି, ' ମୁଁ ପ୍ରୟାଗରାଜର ୨୦୨୫ ମହାକୁମ୍ଭରେ ସାମିଲ ହେବା ପାଇଁ ଭାରତ ଆସିଛି।' ୨୦୦୦ ମସିହାରେ ମମତା କୁଲକର୍ଣ୍ଣୀ ମୁମ୍ବାଇ ସହିତ ଭାରତ ଛାଡ଼ି ଚାଲି ଦେଇଥିଲେ। ଭାରତ ଫେରିବା ପରେ କୁଲକର୍ଣ୍ଣୀ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି କହିଛନ୍ତି, 'ଭାରତ ମାଟିରେ ପାଦ ଦେଇ ମୁଁ ଖୁବ ଖୁସି। ସମସ୍ତଙ୍କୁ ମୋର ନମସ୍କାର। ମୁଁ ମମତା କୁଲକର୍ଣ୍ଣୀ ଭାରତକୁ ୨୫ବର୍ଷ ଫେରିଛି। ଭାବୁକ ହୋଇଯାଉଛି। ମନର ଭାବନାକୁ କେମିତି ପ୍ରକାଶ କରିବି ଜାଣି ପାରୁ ନାହିଁ।'



## ଆମେରିକା ମହାକାଶ ଗବେଷଣା ସଂସ୍ଥାର ମୁଖ୍ୟ ପଦରୁ ଅବସର ନେଲେ ବିଲ୍ ନେଲସନ୍

**ଓ୍ୱାଶିଂଟନ, ୨୪।୧:** ଆମେରିକା ମହାକାଶ ଗବେଷଣା ସଂସ୍ଥା (ନାସା)ର ମୁଖ୍ୟ ପଦରୁ ବିଲ ନେଲସନ୍ ଅବସର ନେଇଛନ୍ତି। ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ୪୭ ତମ ରାଷ୍ଟ୍ରପତି ଭାବରେ ଶପଥ ନେବା ପରେ ନାସା ମୁଖ୍ୟ ଅବସର ଗ୍ରହଣ କରିଛନ୍ତି। ୫ ଦଶନ୍ଧୀ ଧରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଥିବା ନେଲସନ୍ ନିଜର ଅବସର ନେଇ ଘୋଷଣା କରିଛନ୍ତି। ବିଲ୍ ନେଲସନ ସେବା ନିବୃତ୍ତ ହେବା ପରେ ତାଙ୍କ ସ୍ଥାନ ନେଇଛନ୍ତି କେନେଡ୍ଡି ମହାକାଶ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଜାନେତ ପେଟ୍ରୋ। ସେ ନାସାର କାର୍ଯ୍ୟକାରୀ ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ସେପଟେ ନାସାର ମୁଖ୍ୟ ଭାବରେ କାର୍ଯ୍ୟ କରିଥିବାରୁ ତାଙ୍କୁ ବହୁତ ଖୁସି ଅନୁଭବ ହୋଇଥିବା ବେଳେ ବହୁ ଅଭିଜ୍ଞତା ହାସଲ କରିଥିବା ନେଇ ନିଜ ବିଦାୟୀ ଭାଷଣରେ କହିଛନ୍ତି ବିଲ୍ ନେଲସନ୍। ତାଙ୍କ କାର୍ଯ୍ୟକାଳରେ ନାସା ବହୁ ଗୁରୁତ୍ୱପୂର୍ଣ୍ଣ ମିଶନ କରିଛି। ସେଥିମଧ୍ୟରୁ ମହାକାଶରେ ଜେମ୍ସ ଓ୍ୱେବ୍ ସ୍ପେସ୍ ଟେଲିସ୍କୋପ୍ ମୁତୟନ, ଡାର୍ଟ ଆଷ୍ଟ୍ରଏଡ୍ ମିଶନ, ୟୁରୋପା କ୍ଲିପର ପ୍ରୋବ୍ ଏବଂ ଆର୍ଟେମିସ୍-୧ ମିଶନ ନାସାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମହାକାଶ କାର୍ଯ୍ୟକ୍ରମ।

## ପୋଷା କୁକୁରକୁ ବଞ୍ଚାଇବାକୁ ଯାଇ ଜୀବନ ହାରିଦେଲେ ମାଲିକ

**ଗାନ୍ଧୀନଗର,୨୪।୧:** ଗୁଜୁରାଟରେ ବଡୋଦରା ଲକ୍ଷ୍ମୀପୁରା ଅଞ୍ଚଳରେ ଜଣେ ବ୍ୟକ୍ତି ନିଜର ପୋଷା କୁକୁର ପାଇଁ ଜୀବନ ହାରି ଦେଇଛନ୍ତି। ସୂଚନାଯୋଗ୍ୟ, ବଡୋଦରାର ଲକ୍ଷ୍ମୀପୁରା ଅଞ୍ଚଳର ଅବସରପ୍ରାପ୍ତ ବାସିନ୍ଦା ୫୧ ବର୍ଷୀୟ ରଘୁନାଥ ପିଲାଇ ସକାଳେ ତାଙ୍କର ଦୁଇଟି ପୋଷା କୁକୁର ସହିତ ବୁଲିବାକୁ ଯାଇଥିଲେ। ବୁଲୁଥିବାବେଳେ ରଘୁନାଥ ପିଲାଇ କୁକୁର ଦୁଇଟିକୁ ନର୍ମଦା କେନାଲ କୂଳକୁ ନେଇ ଯାଇଥିଲେ। ଏହିସମୟରେ ଜର୍ମାନ ସେଫର୍ଡ କୁକୁର ହଠାତ୍ ପାଣିରେ ପଡ଼ିଯାଇଥିଲା। କୁକୁରକୁ ବଞ୍ଚାଇବା ପାଇଁ ରଘୁନାଥ ପିଲାଇ କେନାଲରେ କେତେ ପାଣି ଅଛି ତାହା ନଜାଣି ଡେଇଁ ପଡ଼ିଥିଲେ। କେନାଲରେ ପାଣି ଗଭୀର ଥିବାରୁ ସେଠାରେ ରଘୁନାଥଙ୍କ ଶ୍ୱାସରୁଦ୍ଧ ହୋଇ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା।

## ୧୭ଧାର୍ମିକ ସ୍ଥଳରେ ବନ୍ଦ ହେବ ମଦ ଦୋକାନ

**ଭୋପାଳ ୨୪।୧:** ମଧ୍ୟପ୍ରଦେଶର ବିଜେପି ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ନୂଆ ଅବକାରୀ ନୀତି ଲାଗୁ ହେବା ପରେ ରାଜ୍ୟରେ ଥିବା ୧୭ଟି ଧାର୍ମିକ ସ୍ଥଳରେ ମଦ ଦୋକାନ ବନ୍ଦ କରିବେ ସରକାର। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ନେତୃତ୍ୱରେ ଆଜି (ଶୁକ୍ରବାର) ମହେଶ୍ୱରରେ ଆୟୋଜିତ ହୋଇଥିବା ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ଘୋଷଣା ହୋଇଛି । ଏହା ସହ ମୁଖ୍ୟମନ୍ତ୍ରୀ ଅହିଲ୍ୟାବାଇ ହୋଲକରଙ୍କୁ ୩୦୦ ତମ ଜନ୍ମଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହା ପୂର୍ବରୁ ଗୁରୁବାର ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ୧୭ ଧାର୍ମିକ ସ୍ଥଳ ଥିବା ସହରରେ ମଦ ଦୋକାନ ବନ୍ଦ ହେବ ବୋଲି ଘୋଷଣା କରିଥିଲେ। ଦେଶୀ ଏବଂ ବିଦେଶୀ ଉଭୟ ମଦ ଦୋକାନ ବନ୍ଦ ହେବ ବୋଲି ସେ କହିଥିଲେ।

# ଆଦାନୀ ଗ୍ରୀନ୍‌କୁ ଡବଲ୍ ଝଟ୍‌କା: ଶ୍ରୀଲଙ୍କା ରଦ୍ଦ କଲା ଡିଲ୍

**ନୂଆଦିଲ୍ଲୀ,୨୪।୧:** ଗୌତମ ଆଦାନୀ ଗ୍ରୁପ୍‌କୁ ବଡ଼ ଝଟକା। ଆଦାନୀ ଗ୍ରୀନ୍ ଏନର୍ଜି ସହ ଶ୍ରୀଲଙ୍କା ୪୪୦ ମିଲିୟନ ଡଲାର ପାଓ୍ୱାର ପରଚେଜ୍ ଡିଲ୍‌କୁ ରଦ୍ଦ କରିଦେଇଛି। ସେଭଳି ଏହି ପ୍ରୋଜେକ୍ଟର ସମୀକ୍ଷା କରିବା ପାଇଁ ଏକ କମିଟି ଗଠନ କରାଯାଇଛି।



ଏହି ଖବର ଭିତରେ ଶୁକ୍ରବାର ଆଦାନୀ ଗ୍ରୁପର ଲିଷ୍ଟେଡ୍ ଅଧିକାଂଶ କମ୍ପାନୀର ସେୟାର ଖୁବ୍ ହ୍ରାସ୍ ଘଟିଛି। ଶ୍ରୀଲଙ୍କାର ଲିଡିଂ ବିଜନେସ୍ ନ୍ୟୁଜ ପେପର ଡେଲି ଏଫ୍‌ଟିର ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶର ରାଷ୍ଟ୍ରପତି ଅନୁରା କୁମାରା ଡିସନାୟକେଙ୍କ ନେତୃତ୍ୱରେ କ୍ୟାବିନେଟ୍ ଆଦାନୀ ଗ୍ରୁପ୍‌କୁ ବଡ଼ ଝଟକା ଦେଇଛି। କ୍ୟାବିନେଟ୍ ମନ୍ନାରା ଓ ପୁନାରିନ୍‌ରେ ଓ୍ୱିଣ୍ଡ ଏନର୍ଜି ପ୍ଲାଣ୍ଟ ନିର୍ମାଣର କନଟ୍ରାକ୍ଟ ଆଦାନୀ ଗ୍ରୀନ୍ ଏନର୍ଜୀ ଏସ୍‌ଏଲ ଲିମିଟେଡ୍‌କୁ ଦେବାର ନିଷ୍ପତ୍ତିକୁ ପ୍ରତ୍ୟାହାର କରିଛି। ଏହା ସହ ପାଓ୍ୱାର ପରଚେଜ୍ ଏଗ୍ରିମେଣ୍ଟ ରଦ୍ଦ ହୋଇଯାଇଛି। ଉଲ୍ଲେଖନୀୟ ଯେ, ବର୍ତ୍ତମାନର ରାଷ୍ଟ୍ରପତି ନିଜର ନିର୍ବାଚନ ଅଭିଯାନ ସମୟରେ ପ୍ରତିଶ୍ରୁତି ଦେଇଥିଲେ ଏହି ଡିଲ୍‌କୁ ରଦ୍ଦ କରିବେ। କେବଳ ସେତିକି ନୁହେଁ ଶ୍ରୀଲଙ୍କାରେ ଓ୍ୱିଣ୍ଡ ଏନର୍ଜିର ବିକାଶ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଟ୍ରେଡର୍ସଙ୍କୁ ଆମନ୍ତ୍ରିତ କରିବେ। ସେ ନିଜର ପ୍ରତିଶ୍ରୁତି ପାଳନ କରି ୩୦ ଡିସେମ୍ବରରେ କ୍ୟାବିନେଟ୍‌କୁ ଏହି ଡିଲ୍ ରଦ୍ଦ କରିବାକୁ ନିଷ୍ପତ୍ତି ନେବାକୁ ରାଜି କରାଇଥିଲେ। ଗୁରୁବାର ବଜାର ବନ୍ଦ ହେବାପରେ ଆଦାନୀ ଗ୍ରୀନ୍ ଏନର୍ଜି ନିଜର ତୃତୀୟ ତ୍ରୟମାସିକ ଆର୍ଥିକ ଫଳାଫଳ ଜାରି କରିଛି। କମ୍ପାନୀର ପରିଚାଳନାରୁ ମିଳିଥିବା କନସୋଲିଡେଟେଡ୍ ରେଭିନ୍ୟୁ ବାର୍ଷିକ ଆଧାରରେ ୨.୩୩% ବଢ଼ି ୨,୩୬୫ କୋଟି ହୋଇଯାଇଛି, ଯାହାକି ୨,୩୧୧ କୋଟି ଥିଲା। ସେଭଳି ପ୍ରଫିଟ୍ ଆଫ୍ଟର ଟ୍ୟାକ୍ସରେ ୮୫%ବାର୍ଷିକ ବୃଦ୍ଧି ହୋଇଯାଇଛି। ଏହି ଲାଭ ୪୭୪ କୋଟି ଟଙ୍କା ରହିଛି, ଯାହାକି ଗତ ବର୍ଷ ସମାନ ତ୍ରୟମାସିକରେ ୨୫୬ କୋଟି ଥିଲା।

# ମୁହଁ ଖୋଲିଲେ ସୈଫଙ୍କ ଆକ୍ରମଣକାରୀର ବାପା: 'ମୋ ପୁଅ ନିର୍ଦ୍ଦୋଷ'

**ମୁମ୍ବାଇ,୨୪।୧:** ଅଭିନେତା ସୈଫ ଅଲ୍ଲୀ ଖାନ୍‌ଙ୍କ ଉପରେ ଆକ୍ରମଣ ଘଟଣାରେ ଗିରଫ ହୋଇଛନ୍ତି ବାଂଲାଦେଶୀ ନାଗରିକ। ଶରିଫୁଲା ଇସ୍ଲାମ ଶହଜାଦ ଏବେ ପୋଲିସ ହେପାଜତରେ ଅଛି। ହେଲେ ସେପେଟ ଶରିଫୁଲାର ବାପା ରହୁଲ ଅମିନ ଫକିରଙ୍କର ଏହି ଘଟଣା ନେଇ ଆସିଛି ବୟାନ। ସେ କହିଛନ୍ତି, ତାଙ୍କ ପୁଅ ନିର୍ଦୋଷୀ। ସେ ଆକ୍ରମଣକାରୀ ଭଳି ଦେଖାଯାଉଥିବାରୁ ତାକୁ ଗିରଫ କରାଯାଇଛି। ରହୁଲ ଅମିନ ସାହାଯ୍ୟ ପାଇଁ ବାଂଲାଦେଶ ସରକାରଙ୍କୁ ଗୁହାରୀ କରିଛନ୍ତି। ଏଏନ୍‌ଆଇର ଏକ ରିପୋର୍ଟ ଅନୁସାରେ, ରହୁଲ ଅମିନ କହିଛନ୍ତି ମୋତେ ଏସବୁ ୟୁଟ୍ୟୁବ ଚ୍ୟାନେଲ ଓ ସାମ୍ବାଦିକଙ୍କ ସହ ଫୋନ୍ ଜରିଆରେ ଜଣାପଡିଛି। ଭାରତରେ ମୋ ପୁଅକୁ ଗିରଫ କରାଯାଇଛି। ମୋ ପୁଅକୁ ଏଥିପାଇଁ ଗିରଫ କରାଯାଇଛି, କାରଣ ତା'ର ମୁହଁ ଆକ୍ରମଣକାରୀ ଭଳି ମିଶୁଛି। ମୋ ପୁଅ ନିର୍ଦୋଷୀ। ମୁଁ ଏବେ ୩-୪ ଦିନ ପରେ ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ଯିବ ଓ ତାଙ୍କୁ ମୋ ପୁଅକୁ ଛଡାଇବାକୁ ଗୁହାରୀ କରିବି। ରହୁଲ ଅମିନ କହିଛନ୍ତି, ତାଙ୍କ ପୁଅ ୬-୭ ମାସ ପୂର୍ବରୁ ହିଁ ଭାରତ ଯାଇଥିଲା। ଏତେ କମ୍ ସମୟରେ ଏତେ ବଡ଼ ଲୋକଙ୍କ ଘରେ କିଭଳି ସେ ପଶିପାରିବ ? ରହୁଲ ଅମିନ ନିଜ ପୁଅ ବାଂଲାଦେଶ କାହିଁକି ଛାଡିଛି ସେ ନେଇ ମଧ୍ୟ କହିଛନ୍ତି। ସେ କହିଛନ୍ତି, ମୋର ପରିବାର ଖାଲିଦା ଜିୟାଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି ସହ ଜଡିତ। ଶେଖ ହାସିନାଙ୍କୁ କ୍ଷମତାକୁ ଆସିବା ପରେ ଆମକୁ ନିର୍ଯାତିତ କରାଯାଇଥିଲା। ମୋର ପୁଅ ଖାଲିଦା ଜିୟାଙ୍କ ବହୁତ ବଡ଼ ସମର୍ଥକ ଥିଲା, ତେଣୁ ତାକୁ ଆହୁରି ଅଧିକ ନିର୍ଯାତିତ କରାଯାଇଥିଲା। ଏଥିରେ ସେ ଅତିଷ୍ଠ ହୋଇ ବାଂଲାଦେଶ ଛାଡି ଭାରତ ଯିବାକୁ ଯୋଜନା କରିଥିଲା। ଶରିଫୁଲାର ଭୁଲ ଏହା ଯେ, ସେ ବେଆଇନ ଭାବରେ ଭାରତରେ ପ୍ରବେଶ କରିଥିଲା। ସିସିଟିଭିରେ ଯାହାକୁ ଦେଖାଯାଉଛି ତା'ର ଲମ୍ବା କେଶ ଅଛି, ମୋ ପୁଅ କେବେ ବଡ଼ ଚୁଟି ରଖିବାକୁ ପସନ୍ଦ କରେନି। ଉଲ୍ଲେଖନୀୟ ଯେ, ଗତ ୧୬ ଜାନୁଆରୀ ଭୋର ସମୟରେ ସୈଫ ଅଲ୍ଲୀ ଖାନ୍‌ଙ୍କ ଘରେ ପଶି ଶରିଫୁଲା ତାଙ୍କୁ ଛୁରାମାଡ଼ କରିଥିଲା। ଏହି ଆକ୍ରମଣରେ ସୈଫ୍ ଗୁରୁତର ଆହତ ହୋଇଥିଲେ। ତାଙ୍କ ମେରୁଦଣ୍ଡ ହାଡରେ ଛୁରୀ ଫଶି ଯାଇଥିଲା। ଲୀଳାବତି ହସ୍ପିଟାଲରେ ସର୍ଜରୀ ପରେ ୫ ଦିନ ରହିବା ପରେ ଘରକୁ ଫେରିଛନ୍ତି ସୈଫ୍।

# ୧୧ ଶହ ଟଙ୍କା ପାଇଁ ନିଜ ଭୋଟକୁ ବିକ୍ରି କରନାହିଁ: କେଜ୍ରିଓ୍ୱାଲ

**ନୂଆଦିଲ୍ଲୀ, ୨୪।୧:** ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଏବେ ଜୋରସୋରରେ ଚାଲିଛି । ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ଦଳର ନେତାମାନେ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି । ତେବେ ନିଜର ଭୋଟ ବିକ୍ରି କରିବା ବଦଳରେ ବିକାଶ ପାଇଁ ଭୋଟ ଦେବାକୁ ଆମ୍ ଆଦମୀ ପାର୍ଟି (ଆପ୍)ର ଆବାହକ ଅରବିନ୍ଦ କେଜ୍ରିଓ୍ୱାଲ ଦିଲ୍ଲୀବାସୀଙ୍କୁ ନିବେଦନ କରିଛନ୍ତି।



ସେ କହିଛନ୍ତି, ଜୋତା, କମ୍ବଳ ଓ ମାତ୍ର ୧୧୦୦ ଟଙ୍କା ବଦଳରେ ଭୋଟ୍ ବିକ୍ରି କରନାହିଁ। ବାବାସାହେବ ଆମ୍ବେଦକର ଆପଣଙ୍କୁ ଭୋଟ୍ ଦେବାର ଅଧିକାର ଦେଇଛନ୍ତି। ତାଙ୍କୁ ସମ୍ମାନ ଦିଅନ୍ତୁ। ଆପଣ ଯାହାକୁ ଚାହିଁବେ ତାଙ୍କୁ ଭୋଟ୍ ଦିଅନ୍ତୁ, କିନ୍ତୁ ଆପଣଙ୍କ ଭୋଟ୍ କିଣିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କୁ ଭୋଟ୍ ଦିଅନ୍ତୁ ନାହିଁ।

ସେ କହିଛନ୍ତି, ଜୋତା, କମ୍ବଳ ଓ ମାତ୍ର ୧୧୦୦ ଟଙ୍କା ବଦଳରେ ଭୋଟ୍ ବିକ୍ରି କରନାହିଁ। ବାବାସାହେବ ଆମ୍ବେଦକର ଆପଣଙ୍କୁ ଭୋଟ୍ ଦେବାର ଅଧିକାର ଦେଇଛନ୍ତି। ତାଙ୍କୁ ସମ୍ମାନ ଦିଅନ୍ତୁ। ଆପଣ ଯାହାକୁ ଚାହିଁବେ ତାଙ୍କୁ ଭୋଟ୍ ଦିଅନ୍ତୁ, କିନ୍ତୁ ଆପଣଙ୍କ ଭୋଟ୍ କିଣିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କୁ ଭୋଟ୍ ଦିଅନ୍ତୁ ନାହିଁ।

କେଜ୍ରିଓ୍ୱାଲ କହିଛନ୍ତି ଯେ ଦିଲ୍ଲୀରେ ଭୋଟ୍ ହାତେଇବା ପାଇଁ ଶାଢ଼ି, ଜୋତା, କମ୍ବଳ, ଜ୍ୟାକେଟ୍ ବଣ୍ଟନ କରାଯାଉଛି। ରାସନ ଓ ସୁନା ଚେନ୍ ବଣ୍ଟନ କରାଯାଉଛି। ଗାଳିଗୁଲଜ କରୁଥିବା ଦଳର କିଛି ନେତା ଏହି ବଣ୍ଟନ କରୁଛନ୍ତି। ଏତେ ଟଙ୍କା କେଉଁଠୁ ଆସୁଛି? ଏସବୁ ଦୁର୍ନୀତିରୁ ମିଳିଥିବା ଟଙ୍କା। ଦେଶର ଲୋକଙ୍କୁ ଲୁଟି ସେମାନେ ଏହି ଟଙ୍କା ରୋଜଗାର କରିଛନ୍ତି। କେଜ୍ରିଓ୍ୱାଲ ଦିଲ୍ଲୀବାସୀଙ୍କୁ ନିବେଦନ କରିଛନ୍ତି ଯେ ସେମାନେ ଯାହା ବଣ୍ଟନ କରୁଛନ୍ତି ତାହା ନିଅନ୍ତୁ, କିନ୍ତୁ ଗୋଟିଏ କଥା ମନେରଖନ୍ତୁ, ଆପଣଙ୍କ ଭୋଟ୍ ବିକ୍ରି କରନ୍ତୁ ନାହିଁ। ବେଡ୍ ସିଟ୍, ଶାଢ଼ି, ଜୋତା ଓ ୧୧୦୦ ଟଙ୍କା ପାଇଁ ନିଜ ନିଜର ଭୋଟ୍ ବିକ୍ରି କରନ୍ତୁ ନାହିଁ। ନିଜର ଭୋଟଦାନ ଅଧିକାରର ରକ୍ଷା କରନ୍ତୁ ।

# କୁମ୍ଭମେଳାରେ ମିଡିଆ ୟୁନିଟ ପଦକ୍ଷେପର ସମୀକ୍ଷା କଲେ ସଚିବ

**ପ୍ରୟାଗରାଜ,୨୪।୧:** ଏଠାରେ ଚାଲିଥିବା ବିଶ୍ୱପ୍ରସିଦ୍ଧ ମହା କୁମ୍ଭମେଳାରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ମିଡିଆ ୟୁନିଟ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିଭାଗୀୟ ସଚିବ ସଞ୍ଜୟ ଜାଜୁ ସ୍ଥିତି ସମୀକ୍ଷା କରିଛନ୍ତି। ମଲଟି ମିଡିଆ ହଲରେ ଜନ ଭାଗିଦାରୀରୁ ଜନ କଲ୍ୟାଣ ଉପରେ

**ବିଭାଗୀୟ ପ୍ରଦର୍ଶନୀ ଲୋକାଭିମୁଖୀ ହୋଇଛି**
**ସାମ୍ବାଦିକଙ୍କ ସହ କଥାହେଲେ**
**ପ୍ରସାର ଭାରତୀ ଉଦ୍ୟମକୁ ପ୍ରଶଂସା**

କରାଯାଇଥିବା ପ୍ରଦର୍ଶନୀର ସମୀକ୍ଷା କରାଯାଇଛି । ଗତ ଦଶ ବର୍ଷର ବିଭିନ୍ନ ସରକାରୀ ଯୋଜନା, ସଫଳତା, କାର୍ଯ୍ୟକ୍ରମ ଉପରେ ମହାକୁମ୍ଭର ତ୍ରିବେଣୀ ମାର୍ଗରେ ଅନୁଷ୍ଠିତ ହେଉଥିବା ପ୍ରଦର୍ଶନୀକୁ ସଚିବ ବୁଲି ଦେଖିଛନ୍ତି। ପ୍ରଦର୍ଶନୀକୁ ଏକ ନିଆରା କାର୍ଯ୍ୟକ୍ରମ ବୋଲି ଅଭିହିତ କରି ଏହା ଲୋକାଭିମୁଖୀ ହୋଇଥିବା ସଚିବ କହିଛନ୍ତି । କାନ୍ଥ, ଏଲଇଡି କାନ୍ଥ, ହୋଲୋଗ୍ରାଫିକ ସିଲିଣ୍ଡର ପରି ବିଭିନ୍ନ ଉନ୍ନତମାନର ଯାନ୍ତ୍ରିକ ଜ୍ଞାନ କୌଶଳର ଉପଯୋଗ କରାଯାଇ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିବା ସେ କହିଛନ୍ତି। ମହାକୁମ୍ଭରେ ପଡିଥିବା ମିଡିଆ ସେଂଟରକୁ ଯାଇ ବିଭିନ୍ନ ସାମ୍ବାଦିକ ବନ୍ଧୁମାନଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ବିଭାଗୀୟ ସଚିବ ସଞ୍ଜୟ ଜାଜୁ ସମୀକ୍ଷା କରିଛନ୍ତି। ସେଠାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ସହ କଥା ହୋଇ ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ମଧ୍ୟ ସେ ପଚାରି ବୁଝିଛନ୍ତି। ମହାକୁମ୍ଭ ମେଳା ଅଞ୍ଚଳର ସେକ୍ଟର-୪ରେ ଅବସ୍ଥାପିତ ଦୂରଦର୍ଶନ ଓ ଆକାଶବାଣୀର ଅସ୍ଥାୟୀ କେନ୍ଦ୍ରକୁ ଯାଇ ଶ୍ରୀ ଜାଜୁ ସ୍ଥିତିର ସମୀକ୍ଷା କରିଛନ୍ତି । ରେଡିଓ, ଟେଲିଭିଜନ, ମୋବାଇଲ ଓ ଅନ୍ୟ ମାଧ୍ୟମ ଯୋଗେ ମହାକୁମ୍ଭର ଟିକିନିଖି ଖବର ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ପାଇଁ କରାଯାଉଥିବା ସରକାରୀ ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି । ପ୍ରସାର ଭାରତୀ ପକ୍ଷରୁ ବହୁମୁଖୀ କ୍ୟାମେରା ବ୍ୟବସ୍ଥାର ଆୟୋଜନ କରାଯାଇଥିବା ବେଳେ ଏଠାରୁ ସିଧା ପ୍ରସାରଣ ପାଇଁ ବି ଉଦ୍ୟମ କରାଯାଉଥିବା ସେ କହିଛନ୍ତି । କୁମ୍ଭବାଣୀ ରେଡିଓ କାର୍ଯ୍ୟକ୍ରମ ଦ୍ୱାରା ସାଧାରଣ ଜନତାଙ୍କ ପାଖରେ ଖବର ପହଂଚା ଯାଉଥିବା ସେ ଉଲ୍ଲେଖ କରିଛନ୍ତି । ଏଫଏମ ସେବା ପ୍ରସାରଣ ଫଳରେ ସାଧାରଣ ଜନତାଙ୍କ ସମେତ ବହୁ ଶ୍ରଦ୍ଧାଳୁ ଓ ଭକ୍ତ ଉପକୃତ ହେଉଥିବା କୁହାଯାଇଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ପଦାଧିକାରୀଙ୍କ ସହ ବିଭାଗୀୟ ସଚିବ କଥା ହୋଇ ସ୍ଥିତି ସମୀକ୍ଷା କରିଛନ୍ତି । ଦୀର୍ଘ ୧୪୪ ବର୍ଷ ପରେ ଅନୁଷ୍ଠିତ ହେଉଥିବା ଏହି ମହାକୁମ୍ଭକୁ ସଫଳ କରିବା ପାଇଁ ସମସ୍ତେ ପ୍ରୟାସ କରୁଥିବା ବିଭାଗୀୟ ସଚିବ କହିଛନ୍ତି । ମହାକୁମ୍ଭକୁ ଦେଶର ବିଭିନ୍ନ ପ୍ରାନ୍ତରୁ ବୁଲି ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ଦେଶରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରିଥିବା କୁହାଯାଇଛି । ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ପାଇଁ ମହାକୁମ୍ଭ ମେଳାର ଯଥେଷ୍ଟ ଭୂମିକା ରହିଥିବା ସଚିବ ସଞ୍ଜୟ ଜାଜୁ ମତପ୍ରକାଶ କରିଛନ୍ତି । ପରେ ପ୍ରକାଶନୀ ସଂସ୍ଥା ଷ୍ଟଲ ଗସ୍ତ କରି ସଚିବ ସଞ୍ଜୟ ଜାଜୁ ନିଜ ପିଲାଦିନ କଥା ମନେ ପକାଇ ବିହ୍ୱଳିତ ହୋଇଥିଲେ । ଷ୍ଟଲରେ ବାଲ ଭାରତୀ ପତ୍ରିକା ଦେଖି ପିଲା ଦିନର ସୁଖଦ ଅନୁଭୂତିକୁ ସଚିବ ମନେ ପକାଇ ଏହା ନିରନ୍ତର ପ୍ରକାଶ ପାଇବା ଦରକାର ବୋଲି ମତବ୍ୟକ୍ତି କରିଥିଲେ।



## ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍

# ସାବାଲେଙ୍କା-କିଜ୍ ଟ୍ରଫି ଲଢ଼େଇ





**ମେଲ୍‌ବର୍ଣ୍ଣ, ୨୪।୧:** ବିଶ୍ୱର ଦୁଇ ନମ୍ବର ଈଗା ସ୍ୱିଟେକ୍‌ଙ୍କ ପ୍ରଥମ ଅଷ୍ଟ୍ରେଲିଆନ୍ ଓପନ୍ ଟ୍ରଫି ସ୍ୱପ୍ନ ପୁଣି ଘୁଞ୍ଚିଛି। ହ୍ୟାଟ୍ରିକ୍ ସହ ୪ ୱିମ୍ବଲଡନ୍ ଏବଂ ଥରେ ୟୁଏସ୍ ଓପନ୍ ଜିତିଥିବା ଏହି ପୋଲାଣ୍ଡ ମହିଳା ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲ୍‌ରୁ ବିଦାୟ ନେଇଛନ୍ତି। ଗୁରୁବାର ଦ୍ୱିତୀୟ ମହିଳା ଏକକ ସେମିଫାଇନାଲ୍‌ରେ ୨୦୧୭ ୟୁଏସ୍ ଓପନ୍ ଫାଇନାଲିଷ୍ଟ୍ ୧୯ ମାନ୍ୟତାପ୍ରାପ୍ତ ମାଡିସନ୍ କିଜ୍ ୫-୭, ୬-୧, ୭-୬ ସେଟ୍‌ରେ ସ୍ୱିଟେକ୍‌ଙ୍କୁ ହରାଇ ବିଦାୟ ରାସ୍ତା ଦେଖାଇଛନ୍ତି। ଏଥିସହ ଏହି ଆମେରିକୀୟ ମହିଳା ଦ୍ୱିତୀୟ ଗ୍ରାଣ୍ଡ ସ୍ଲାମ୍ ଓ ପ୍ରଥମ ଥର ଲାଗି ମେଲ୍‌ବର୍ଣ୍ଣରେ ଫାଇନାଲ୍‌ରେ ପହଞ୍ଚିଛନ୍ତି। ଶନିବାର ଫାଇନାଲ୍‌ରେ ସେ ବିଶ୍ୱର ଏକ ନମ୍ବର ତଥା ଗତ ଦୁଇ ସଂସ୍କରଣ ବିଜୟିନୀ ଆରିନା ସାବାଲେଙ୍କାଙ୍କୁ ଭେଟିବେ। ରଡ୍ ଲାଭର ଏରିନାରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍‌ରେ ୩ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ସାବାଲେଙ୍କା ସିଧାସଳଖ ୬-୪, ୬-୨ ସେଟ୍‌ରେ ସପ୍ତଦଶ ମାନ୍ୟତାପ୍ରାପ୍ତ ସ୍ପେନ୍‌ର ପୌଲା ବଦୋସାଙ୍କୁ ହରାଇଛନ୍ତି। ବିଜୟ ସହ ଏହି ୨୬ ବର୍ଷୀୟା ବେଲାରୁଷ ମହିଳା ଲଗାତାର ତୃତୀୟ ଥର ଫାଇନାଲ୍‌ରେ ପହଞ୍ଚି ହ୍ୟାଟ୍ରିକ୍ ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛନ୍ତି। ଯଦି ଏହି ୟୁଏସ୍ ଓପନ୍ ବିଜୟିନୀ ମେଲ୍‌ବର୍ଣ୍ଣରେ ଟ୍ରଫି ଜିତନ୍ତି ତେବେ ସେ ଲଗାତାର ୩ ଅଷ୍ଟ୍ରେଲିଆନ୍ ଟ୍ରଫି ଜିତିବାରେ ୧୯୯୯ ପରେ ପ୍ରଥମ ମହିଳା ହେବେ। ଏଥିସହ ସେ ଏହା କରିବାରେ ମାର୍ଗାରେଟ୍ କୋର୍ଟ, ଇଭୋନି ଗୁଲାଗଙ୍ଗ, ଷ୍ଟେଫି ଗ୍ରାଫ୍, ମୋନିକା ସେଲ୍‌ସ ଓ ମାର୍ଟିନା ହିଙ୍ଗିସ୍‌ଙ୍କ ସମକକ୍ଷ ହେବ। ହିଙ୍ଗିସ୍ ଶେଷ ମହିଳା ଖେଳାଳି ଭାବେ ୧୯୯୯ରେ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ।



ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍‌ରେ ଶନିବାର ଚେନ୍ନାୟିନ୍ ଏଫ୍‌ସି ତା'ର ପରବର୍ତ୍ତୀ ମୁକାବିଲାରେ ଏଫ୍‌ସି ଗୋଆକୁ ଭେଟିବ। ଦଳର ଏହି ଘରୋଇ ମ୍ୟାଚ୍ ପାଇଁ ଆୟୋଜିତ ପ୍ରାକ୍-ମ୍ୟାଚ୍ ସାମ୍ବାଦିକ ସମ୍ମିଳନୀରେ ଚେନ୍ନାୟିନ୍ ଏଫ୍‌ସି ମୁଖ୍ୟ କୋଚ୍ ଓଭେନ୍ କୋଲ୍ ଓ ଡିଫେଣ୍ଡର୍ ପ୍ରୀତମ୍ କୋଟଲ୍।

## ରଣଜୀ ପ୍ରତ୍ୟାବର୍ତ୍ତନରେ ତାରକା ଫ୍ଲପ୍

# ଦୁଇ ଅଙ୍କ ବି ଛୁଇପାରିଲେନି

**ମୁମ୍ବାଇ, ୨୪।୧:** ଘରୋଇ କ୍ରିକେଟ୍ ଖେଳିବାକୁ ବିସିସିଆଇର କଡ଼ା ତାଗିଦ ପରେ ଭାରତୀୟ କ୍ରିକେଟ୍‌ର ଚର୍ଚ୍ଚିତ ତାରକାମାନେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ରଣଜୀ ଟ୍ରଫି ଷଷ୍ଠ ରାଉଣ୍ଡ୍ ମୁକାବିଲା ଖେଳିଛନ୍ତି। ତେବେ ରବୀନ୍ଦ୍ର ଜାଡ଼େଜାଙ୍କୁ ଛାଡ଼ି ବାକି ସମସ୍ତେ ପୂରା ବିଫଳ ହେବା ପ୍ରଶଂସକଙ୍କୁ ଚକିତ କରିଛି। ସବୁଠୁ ବେଶି ନିରାଶ କରିଛନ୍ତି ଭାରତୀୟ ଅଧିନାୟକ ରୋହିତ ଶର୍ମା। ପ୍ରାୟ ଗୋଟିଏ ଦଶନ୍ଧି ପରେ ରଣଜୀ ଟ୍ରଫି ଖେଳିଥିବା ରୋହିତ ଜମ୍ମୁ କଶ୍ମୀର ବିପକ୍ଷରେ ୧୯ ବଲ୍ ଖେଳି ମାତ୍ର ୩ ରନ୍ କରିଛନ୍ତି। ତାଙ୍କୁ ଜମ୍ମୁ କଶ୍ମୀର ବୋଲର ଉମର ନଜିର ଆଉଟ୍ କରିଥିଲେ। ସେହିଭଳି ମୁମ୍ବାଇ ରଣଜୀ ଦଳରେ ତାଙ୍କର ଓପନିଂ ସାଥୀ ତଥା ଭାରତୀୟ ଓପନର୍ ଯଶସ୍ୱୀ ଜୟସ୍ୱାଲ୍ ୮ ବଲ୍ ଖେଳି ଗୋଟିଏ ଚୌକା ସହ ମାତ୍ର ୪ ରନ୍‌ରେ ଆଉଟ୍ ହୋଇଯାଇଛନ୍ତି। ଏହି ଦୁଇ ଜଣଙ୍କ ସହ ତାରକା ଖଚିତ ମୁମ୍ବାଇ ଦଳର ଅବଶିଷ୍ଟ ବ୍ୟାଟର୍‌ମାନେ ଅନାମଧେୟ ଜମ୍ମୁ କଶ୍ମୀର ବୋଲରଙ୍କ ମୁକାବିଲା କରିବାରେ ସଂପୂର୍ଣ୍ଣ ଅସମର୍ଥ ହୋଇଛନ୍ତି। ଫଳରେ ଘରୋଇ ପରିବେଶରେ ଖେଳୁଥିବା ମୁମ୍ବାଇ ଲଜ୍ଜାଜନକ ଭାବେ ୧୨୦ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଜମ୍ମୁ କଶ୍ମୀର ୭ ୱିକେଟ୍ ବିନିମୟରେ ୧୭୪ ରନ୍ କରି ପ୍ରଥମ ପାଳିରେ ଆଗ୍ରଣୀ ଲାଭ କରିଛି। ବେଙ୍ଗାଲୁରୁରେ ଭାରତୀୟ କ୍ରିକେଟର୍ ଭବିଷ୍ୟତ ବୋଲାଉଥିବା ଶୁବମନ ଗିଲ୍ କର୍ଣ୍ଣାଟକ ବିପକ୍ଷରେ ପଞ୍ଜାବର ପ୍ରତିନିଧିତ୍ୱ କରି ସମଦଶା ଭୋଗିଛନ୍ତି। ସେ ମଧ୍ୟ ୮ ବଲ୍ ଖେଳି ୪ ରନ୍ ଆଗକୁ ବଢ଼ି ପାରିନାହାନ୍ତି।



କଭର ଅଞ୍ଚଳକୁ ବାଉଣ୍ଡରି ମାରିବା ପରେ ପରେ କର୍ଣ୍ଣାଟକର ଅଭିଳାଷ ସେଟ୍ଟୀ ତାଙ୍କୁ କ୍ୟାଚ୍ କରାଇ ନେଇଥିଲେ। ସେହିଭଳି ରାଜକୋଟରେ ଦିଲ୍ଲୀର ପ୍ରତିନିଧିତ୍ୱ କରି ଋଷଭ ପନ୍ତ ୧୦ ବଲ୍ ଖେଳି ମାତ୍ର ୧ ରନ୍ କରିଛନ୍ତି। ୨୦୧୭-୧୮ ଋତୁ ପରେ ରଣଜୀ ଟ୍ରଫି ଖେଳୁଥିବା ପନ୍ତଙ୍କୁ ପ୍ରତିପକ୍ଷ ସୌରାଷ୍ଟ୍ର ଦଳର ଭେଟେରାନ୍ ସ୍ପିନର୍ ଧର୍ମେନ୍ଦ୍ର ସିଂହ ଜାଡ଼େଜା ସହଜରେ ଶିକାର କରି ନେଇଥିଲେ। ଶ୍ରେୟସ ଆୟର୍ ୧୧, ଅଜିଙ୍କ୍ୟ ରାହାଣେ ୧୨, ଚେତେଶ୍ୱର ପୂଜାରା ୬ ମଧ୍ୟ ନିଜ ନିଜ ଦଳରୁ ବିଫଳ ହୋଇଥିଲେ। ତେବେ ଅଲରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ଏକମାତ୍ର ଭାରତୀୟ ଖେଳାଳି ଭାବେ ନିଜ ଚମକ ଛାଡ଼ିଥିଲେ। ସୌରାଷ୍ଟ୍ର ଦଳରେ ରହି ସେ ୫ ୱିକେଟ୍ ସଫଳତା ପାଇବା ସହ ୩୬ ବଲ୍‌ରୁ ୩୮ ରନ୍ କରିଥିଲେ। ପ୍ରତିପକ୍ଷ ଦିଲ୍ଲୀ ଦଳର ନଭଦୀପ ସୈନି, ହର୍ଷ ତ୍ୟାଗି, ସନତ ସଙ୍ଗୱାନ୍, ଯଶ୍ ଧୁଲ୍ ଓ ଅଧିନାୟକ ଆୟୁଷ ବାଦୋନୀଙ୍କୁ ଆଉଟ୍ କରିଥିଲେ। ଜାଡ଼େଜା ମଧ୍ୟ ଚତୁର୍ଥ ସୌରାଷ୍ଟ୍ର ବୋଲର ଭାବେ ରଣଜୀ ଟ୍ରଫିରେ ୨୦୦ ୱିକେଟ୍ ପୂରଣ କରିଥିଲେ। ସେହିଭଳି ପଞ୍ଚମ ସ୍ଥାନରେ ବ୍ୟାଟିଂକୁ ଆସି ଆକ୍ରମଣାତ୍ମକ ଖେଳ ଖେଳିବା ସହ ନିଜ ବିସ୍ଫୋରକ ପାଳିରେ ଦୁଇଟି ଚୌକା ଓ ତିନିଟି ଛକା ମାରିଥିଲେ ଜାଡ଼େଜା।

## ଆଜି ଦ୍ୱିତୀୟ ଟି-୨୦: ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ

# ଭ୍ରମଣକାରୀ ଦଳରେ ଯୁବପେସର କ୍ରେସ

**ଚେନ୍ନାଇ, ୨୪।୧:** ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ପିଚ୍‌ରେ ଟିମ୍ ଇଣ୍ଡିଆଠୁ ମ୍ୟାଚ୍ ଛଡ଼ାଇ ନେବାକୁ ବ୍ଲୁ ପ୍ରିଣ୍ଟ କରିଛି ଜସ୍ ବଟଲରଙ୍କ ଇଙ୍ଗଲିଶ୍ ଟିମ୍। ସେଥିଲାଗି ପ୍ଲେଇଙ୍ଗ ଇଲେଭେନକୁ ଫୋକସ୍ କରିଛି ଭ୍ରମଣକାରୀ ଦଳ। ଦ୍ୱିତୀୟ ଟି-୨୦ ପାଇଁ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇଛନ୍ତି ଦ୍ରୁତ ବୋଲର ବ୍ରେୟଡନ୍ କ୍ରେସ୍। ଦ୍ୱାଦଶ ଖେଳାଳି ଭାବେ ଟିମ୍‌ରେ ଅଛନ୍ତି ଜେମି ସ୍ମିଥ୍। ଶୁକ୍ରବାର ଇଂଲଣ୍ଡ ଟିମ୍ ପକ୍ଷରୁ ଘୋଷିତ ହୋଇଛି ଦ୍ୱିତୀୟ ଟି-୨୦ର ଚୂଡ଼ାନ୍ତ ଟିମ୍। ଜାନୁଆରୀ ୨୫ରେ ମୁକାବିଲା। ଦିନକ ପୂର୍ବରୁ ଟିମ୍ ବଟଲର୍ ଭେନ୍ୟୁରେ ପ୍ରାକ୍ଟିସ୍ ଆରମ୍ଭ କରିଛି।



କୋଲକାତାର ଇଡନ୍ ଗାର୍ଡେନ୍ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍‌ରେ ଇଂଲଣ୍ଡ ଟିମ୍‌କୁ ଅତି ସହଜରେ ମାତ୍ ଦେଇଥିଲା ଭାରତୀୟ ଟିମ୍। ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିବା ଗସ୍ ଏଟକିନ୍‌ସନଙ୍କୁ ଦ୍ୱିତୀୟ ଟି-୨୦ରୁ ଡ୍ରପ୍ କରାଯାଇଛି। ଏଟକିନ୍‌ସନଙ୍କ ସ୍ଥାନରେ ବ୍ରେୟଡନ କ୍ରେସଙ୍କୁ ପ୍ଲେଇଙ୍ଗ ଇଲେଭେନ୍‌ରେ ସାମିଲ କରାଯାଇଛି। ୨୯ ବର୍ଷୀୟ କ୍ରେସ୍ ଇଂଲଣ୍ଡ ପାଇଁ ବର୍ତ୍ତମାନ ସୁଦ୍ଧା ୫ଟି ଟେଷ୍ଟ, ୧୯ଟି ଦିନିକିଆ ଏବଂ ୪ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଅନ୍ତରାଷ୍ଟ୍ରୀୟ ଟେଷ୍ଟରେ ୨୭, ଦିନିକିଆରେ ୨୩ ଏବଂ ଟି-୨୦ରେ ୬ ୱିକେଟ୍ ନେଇଛନ୍ତି। ସିରିଜର ପ୍ରଥମ ଟି-୨୦ରେ ଇଂଲଣ୍ଡ ଟିମ୍ କେବଳ ୧୩୨ ରନ୍ କରିବାରେ ସକ୍ଷମ ହୋଇଥିଲା। ବ୍ୟାଟର ବିଫଳ ହେବା ପରେ ବୋଲିଂ ଡିପାର୍ଟମେଣ୍ଟ ବି ପ୍ରଭାବ ପକାଇ ପାରିନଥିଲା। ଭାରତୀୟ ଓପନର ଅଭିଷେକ ଶର୍ମାଙ୍କ ଧୁଆଁଧାର ଅର୍ଦ୍ଧଶତକ ବଳରେ ଟିମ୍ କେବଳ ୧୨.୫ ଓଭରରେ ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା। ଦ୍ୱିତୀୟ ଟି-୨୦ ପାଇଁ ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ: ବେନ୍ ଡକେଟ୍, ଫିଲ ସଲ୍ଟ (ୱିକେଟ୍ କିପର), ଜସ୍ ବଟଲର୍ (ଅଧିନାୟକ), ହ୍ୟାରି ବ୍ରୁକ୍, ଲିୟାମ ୱିଲିଙ୍ଗଷ୍ଟନ, ଜ୍ୟାକବ ବେଥେଲ୍, ଜେମି ଓଭରଟନ୍, ବ୍ରେୟଡନ୍ କ୍ରେସ୍, ଜୋଫ୍ରା ଆର୍ଚର, ଆଦିଲ ରସିଦ, ମାର୍କ ଉଡ୍

# ପିତାଙ୍କୁ ସ୍ପୋର୍ଟ୍ସ ବାଇକ୍ ଉପହାର ଦେଲେ ରିଙ୍କୁ



**ନୂଆଦିଲ୍ଲୀ,୪।୧:** ଉତ୍ତରପ୍ରଦେଶର ସମାଜବାଦୀ ସାଂସଦ ପ୍ରିୟା ସରୋଜଙ୍କୁ ବିବାହ କରିବାକୁ ଯାଉଥିବା ଭାରତୀୟ ବ୍ୟାଟର୍ ରିଙ୍କୁ ସିଂହ ପିତା ଖାନଚାନ୍ଦ ସିଂହଙ୍କୁ କାୱାସାକି ନିଞ୍ଜା ୪୦୦ ସ୍ପୋର୍ଟସ ବାଇକ୍ ଉପହାର ଦେଇ ଚର୍ଚ୍ଚାକୁ ଆସିଛନ୍ତି। ବାଇକ୍‌ଟିର ବଜାର ଦର ୫ଲକ୍ଷ ଟଙ୍କାରୁ ଅଧିକ ବୋଲି ଜଣାପଡ଼ିଛି। ଖାନଚାନ୍ଦ ଏହି ବାଇକ୍‌କୁ ଚଲାଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି। ରିଙ୍କୁ ହିଁ ତାଙ୍କୁ ଏହି ବାଇକ୍ ଉପହାର ଦେଇଥିବା ଖାନଚାନ୍ଦ ସୂଚନା ଦେଇଛନ୍ତି। ରିଙ୍କୁଙ୍କ ପରିବାର ଏକଦା ଆର୍ଥିକ ଅନଟନ ଦେଇ ଗତି କରୁଥିଲା। ଏପରିକି କିଛି ଦିନ ପାଇଁ କ୍ରିକେଟ୍ ଛାଡ଼ି ଛୋଟମୋଟ କାମ କରିବାକୁ ବାଧ୍ୟ ହୋଇଥିଲେ ସେ। ତେବେ ଏହା ପରେ ଉତ୍ତରପ୍ରଦେଶ ରଣଜୀ ଦଳ ସହ ପଞ୍ଜାବ କିଙ୍ଗ୍ସ ଆଇପିଏଲ୍‌ରେ ଯୋଗ ଦେବାର ସୁଯୋଗ ପାଇଥିଲେ ରିଙ୍କୁ। କୋଲକାତା ନାଇଟ୍ ରାଇଡର୍ସର ପ୍ରତିନିଧିତ୍ୱ କରିବା ତାଙ୍କ ଭାଗ୍ୟ ବଦଳାଇ ଦେଇଥିଲା।

# ଡୋପ୍ ଟେଷ୍ଟରେ ଶ୍ୱେତପର୍ଣ୍ଣା ଏବଂ କ୍ରିଷ୍ଣା ପ୍ରସାଦ ବିଫଳ

**ନୂଆଦିଲ୍ଲୀ, ୨୪।୧:** ଓଡ଼ିଶାରେ ପ୍ରମୁଖ ମହିଳା ବ୍ୟାଡ଼ମିଣ୍ଟନ ଖେଳାଳି ଶ୍ୱେତପର୍ଣ୍ଣା ପଣ୍ଡା ଏବଂ କ୍ରିଷ୍ଣା ପ୍ରସାଦ ଗରଗ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଉଭୟଙ୍କୁ ଜାତୀୟ ଡୋପ ନିରୋଧୀ ସଂସ୍ଥା (ନାଡା) ସସପେଣ୍ଡ୍ କରିଛି। 'ଦ ବ୍ରିଜ୍'ରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଓଡ଼ିଶା ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟରେ ଶ୍ୱେତପର୍ଣ୍ଣାଙ୍କ ଠାରୁ ନାଡା ନମୂନା ସଂଗ୍ରହ କରିଥିଲା। ଏଥିରେ ନିଷିଦ୍ଧ ଟର୍ବୁଟାଲାଇନ୍ ଥିବା ପ୍ରମାଣିତ ହୋଇଛି। କ୍ରିଷ୍ଣା ଗତ ବର୍ଷ ଜୁଲାଇ ମାସରେ ଡୋପ୍‌ରେ ବିଫଳ ହୋଇଥିଲେ। ଏହାପରେ ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିଲା। ଦ୍ୱିତୀୟ ରିପୋର୍ଟ ଆସିବା ପରେ ସେ ୪ବର୍ଷ ବାସନ୍ଦ ହୋଇଛନ୍ତି।

# ସେହ୍ୱାଗଙ୍କ ଦାମ୍ପତ୍ୟ ଜୀବନରେ ଝଡ଼!

**ନୂଆଦିଲ୍ଲୀ, ୨୪।୧:** ପୂର୍ବତନ ଭାରତୀୟ କ୍ରିକେଟର୍ ବୀରେନ୍ଦ୍ର ସେହ୍ୱାଗ ଓ ତାଙ୍କ ପତ୍ନୀ ଆରତୀ ଅଲୱାତଙ୍କ ୨୦ ବର୍ଷର ବୈବାହିକ ଜୀବନରେ ଅନ୍ତ ଘଟିବାକୁ ଯାଉଛି। ସେହ୍ୱାଗ ଛାଡ଼ପତ୍ର ଲାଗି କୋର୍ଟରେ ଆବେଦନ କରିଥିବା ନେଇ ଶୁଣାଯାଉଛି। ୨୦୦୪ରେ ବିବାହବନ୍ଧନରେ ଆବଦ୍ଧ ହୋଇଥିବା ଏହି ଦମ୍ପତି ଇନ୍‌ଷ୍ଟାଗ୍ରାମ୍‌ରେ ଉଭୟ ଉଭୟଙ୍କୁ ଅନ୍‌ଫଲୋ କରି ସାରିଛନ୍ତି। ଫଳରେ ଉଭୟଙ୍କ ସମ୍ପର୍କରେ ଥିବା ଫାଟ ଲୋକଲୋଚନକୁ ଆସିଛି। ଏପରିକି ଉଭୟ କିଛିଦିନ ହେବ ଅଲଗା ରହୁଥିଲା ବେଳେ ସେହ୍ୱାଗ ଛାଡ଼ପତ୍ର ଲାଗି ଆବେଦନ କରିଥିବା ନେଇ ସେମାନଙ୍କ ନିକଟତମ ସୂତ୍ରରୁ ଖବର ମିଳୁଛି। ବୀରେନ୍ଦ୍ର ଓ ଆରତୀ ୨୦୦୭ରେ ଆର୍ଯ୍ୟବୀର ଏବଂ ୨୦୧୦ରେ ବେଦାନ୍ତର ପିତାମାତା ହେବାର ଗୌରବ ପାଇଥିଲେ। ଉଭୟଙ୍କ ମଧ୍ୟରେ ଥିବା ସମ୍ପର୍କରେ ଫାଟ ଥିବା ଗତ ଦୀପାବଳି ସମୟରେ ପ୍ରଶଂସକମାନେ ଅନୁମାନ କରିଥିଲେ। ବୀରେନ୍ଦ୍ର ଦୁଇ ପୁଅଙ୍କ ସହ ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ହେଲେ ଆରତୀଙ୍କୁ ଏହି ଫଟୋରେ ଦେଖିବାକୁ ମିଳି ନଥିଲା। ହେଲେ ଉଭୟ ଛାଡ଼ପତ୍ର ନେଇ କୌଣସି ଆନୁଷ୍ଠାନିକ ସୂଚନା ଦେଇନାହାନ୍ତି। ସୂଚନାଯୋଗ୍ୟ ଯେ ୨୦୦୦ରେ ଉଭୟଙ୍କ ମଧ୍ୟରେ ପ୍ରେମ ଆରମ୍ଭ ହୋଇଥିଲା। ୨୦୦୪ରେ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ବାସଭବନଠାରେ ଆରତୀଙ୍କ ହାତ ଧରିଥିଲେ ସେହ୍ୱାଗ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୋକଙ୍କ ମତରେ...

କରିଛନ୍ତି। ବିଭିନ୍ନ ମାଧ୍ୟମରେ ଆସୁଥିବା ଏହି ପରାମର୍ଶଗୁଡ଼ିକୁ ଅନୁଧ୍ୟାନ ଓ ତର୍ଜମା କରି ଚଳିତ ବଜେଟ୍‌ରେ ସ୍ଥାନିତ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ପ୍ରାକ୍ ବଜେଟ୍ ଆଲୋଚନା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହିତ ପ୍ରାକ୍ ବଜେଟ୍ ପରାମର୍ଶ ଆଲୋଚନା କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡାଇ, ପଞ୍ଚାନନ କାନୁନଗୋ, ଶଶୀଭୂଷଣ ବେହେରା, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ରବି ନାରାୟଣ ସେନାପତି, ଉପେନ୍ଦ୍ର ନାଥ ବେହେରା, ବରିଷ୍ଠ ରାଜନେତା ସମୀର ମହାନ୍ତି, ସଜ୍ଜନ ଶର୍ମା ପ୍ରମୁଖ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୪ ଜଣ ବିଶିଷ୍ଟ ବ୍ୟକ୍ତି ବଜେଟ୍ ସଂକ୍ରାନ୍ତରେ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକେ ଆସନ୍ତା ୩୧ ତାରିଖ ସୁଦ୍ଧା ଇ-ମେଲ ଓ ହ୍ୱାଟସ ଅପ୍, ୱେବ୍ ପୋର୍ଟାଲ ମାଧ୍ୟମରେ ସେମାନଙ୍କ ମତାମତ ଦେବାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଓ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ। ବଜେଟ୍ ପାଇଁ ଯେଉଁ ମତାମତ ଆସିଛି, ତନ୍ମଧ୍ୟରୁ ଜନହିତକାରୀ ମତାମତକୁ ଫିସକାଲ ରେସ୍ପନ୍ସ ଟିମ୍ ଗୁରୁତ୍ୱ ଦେବ। ଆଗାମୀ ବଜେଟ୍ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ନିଶ୍ଚିତ ଭାବେ ଏକ ପୂର୍ଣ୍ଣାଙ୍ଗ ରୂପରେ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ବଜେଟ୍‌ରେ ବିଶେଷଭାବେ ଗ୍ରାମାଞ୍ଚଳବାସୀ ଓ ଅର୍ଥନୈତିକ ଅନଗ୍ରସର ଲୋକଙ୍କ ବିକାଶ ଉପରେ ଫୋକସ କରାଯାଉଛି। ଏଥିସହ ରାଜସ୍ୱ ବୃଦ୍ଧି, ଆଇଟି, ସେମିକଣ୍ଡକ୍ଟର, ପେଟ୍ରୋକେମିକାଲ, ଷ୍ଟିଲ, ଅକ୍ଷୟ ଶକ୍ତି, ଟେକ୍ସଟାଇଲ, ଆଗ୍ରୋ ଇଣ୍ଡଷ୍ଟ୍ରି ଭଳି ଶିଳ୍ପ ସହ ପର୍ଯ୍ୟଟନକୁ ବି ଗୁରୁତ୍ୱ ଦିଆଯାଉଛି। କୃଷକମାନଙ୍କ ଆୟ ବୃଦ୍ଧି ସହ ଶୀତଳଭଣ୍ଡାର ପ୍ରତିଷ୍ଠା, ଗ୍ରାମାଞ୍ଚଳରେ ରୋଜଗାର ବୃଦ୍ଧି ସହ ଭିତ୍ତିଭୂମି ସୁଦୃଢ଼ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକାରୀ କରାଯିବ। ସେହିପରି ନିଯୁକ୍ତି କ୍ଷେତ୍ରରେ ଚଳିତ ବର୍ଷ ଶେଷ ସୁଦ୍ଧା ଆହୁରି ୪୦ ହଜାର ନିଯୁକ୍ତି ଦିଆଯିବ। ରାଜ୍ୟ ସରକାର ବର୍ଷ ଶେଷ ସୁଦ୍ଧା ମୋଟ ୬୫ ହଜାର ନିଯୁକ୍ତି ଲକ୍ଷ୍ୟ ରଖିଛନ୍ତି। ତା'ଛଡ଼ା ଶିଳ୍ପ କ୍ଷେତ୍ରରେ ଅଦ୍ୟାବଧି ୨.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶକୁ ଅନୁମୋଦନ ମିଳିଛି ଯାହାକି ରାଜ୍ୟରେ ୧.୧୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ବେସୁରା...

ଫଲୋ କରିଆସିଛନ୍ତି। ଖାସ୍ ଏଇଥିପାଇଁ ହିଁ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କ ଉପରେ ସେ ୟୁଟ୍ୟୁବ ଚ୍ୟାନେଲରେ ଅପଲୋଡ୍ କରି ମନ୍ତବ୍ୟକୁ ନେଇ ଚାରିଆଡେ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ଆଉ ଖୁବ କମ ସମୟ ମଧ୍ୟରେ ଏହା ବିଭିନ୍ନ ସ୍ତରରେ ଆଲୋଚନା ହୋଇଥିବାରୁ ଉକ୍ତ ଭିଡିଓରେ ଲାଇକ ସଂଖ୍ୟା ବେଶ୍ ତୀବ୍ର ଗତିରେ ବଢ଼ିଚାଲିଥିଲା। ହେଲେ ହଠାତ କ'ଣ ହେଲା କେଜାଣି, ସେ ତାଙ୍କର ଏହି ପୋଷ୍ଟଟିକୁ ଡିଲିଟ କରିଦେଇ ଆଉ ଏକ ଭିଡିଓ ଅପଲୋଡ୍ କରିଛନ୍ତି। ରୁବେନଙ୍କ ପରି ପ୍ରତିଷ୍ଠିତ ସାମ୍ବାଦିକ କୌଣସି ମନ୍ତବ୍ୟ ଦେଇ ପୁଣି ୟୁ-ଟର୍ଣ୍ଣ ନେବା ଘଟଣାକୁ ସାମ୍ବାଦିକ ମହଲ ଆଦୌ ହଜମ କରିପାରୁନି। ତେଣୁ କେତେକ ବରିଷ୍ଠ ସାମ୍ବାଦିକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ରୁବେନ କାହା ଚାପରେ ଚେପା ହୋଇଗଲେ କି? ଏ ସମ୍ପର୍କରେ ତାଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନାହିଁ।

### ଉମାଙ୍କ...

ନିଜ ଅଞ୍ଚଳ ପାଇଁ ଉମା କିଛି ନ କରି ଏତେ ଅପ୍ରିୟ ହୋଇପଡିଥିଲେ ଯେ ଗତ ନିର୍ବାଚନରେ ବିଜେଡି ତାଙ୍କୁ ବଦଳାଇବାକୁ ବାଧ୍ୟ ହୋଇଥିଲା।

ତେଣୁ ଏବେ ବିଜେଡି ଟିମ କଣାସ ଯାଇ କେଉଁ ସ୍ଥିତି ପରଖୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ କରୁଛନ୍ତି। ନିଜ ଦଳର ନେତାଙ୍କ ଅପକର୍ମ ଖୋଜୁଛି ନା ବିଜେଡି ସରକାରର ବିଫଳତାକୁ ପରଖୁଛି? ଯଦି ରାଜଧାନୀଠାରୁ ୧୦୦ କିଲୋମିଟର ଦୂରରେ ଲୋକେ ଦୂଷିତ ନଦୀ ଜଳ ପିଉଛନ୍ତି, ତେବେ ୨୪ ବର୍ଷ ଧରି ସରକାରରେ ଥିବା ଦଳ କ'ଣ କରୁଥିଲା ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରୁଛନ୍ତି। ସେହିଭଳି ନିର୍ବାଚନ ସମୟରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ସନ୍ନ୍ୟାସୀଙ୍କ ଉପରେ କାଳିମାଡ଼ ପଛରେ କୌଣସି ରାଜନୈତିକ ଦଳର ହାତ ନ ଥିଲା ବରଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଥିବା ଅସନ୍ତୋଷର ପ୍ରତିଫଳନ ବୋଲି ଚର୍ଚ୍ଚା ହେଉଛି।

### ଗୋଳାବାରୁଦ...

ପର୍ଯ୍ୟନ୍ତ ଶୁଭିଥିଲା। କାରଖାନାରେ ପହଞ୍ଚି ଅଗ୍ନିଶମ ବାହିନୀର କର୍ମଚାରୀମାନେ ନିଆଁଲିଭାରେ ନିୟୋଜିତ ରହିଥିବା ବେଳେ ଉଦ୍ଧାରକାରୀ ଦଳ ଓ ମେଡିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି। ଛାତ ତଳେ ଚାପି ହୋଇ ରହିଥିବା ୧୨ ଜଣଙ୍କୁ ଜେସିବି ମାଧ୍ୟମରେ ଉଦ୍ଧାର କରିଛନ୍ତି। ତେବେ ଭଣ୍ଡାରା ଜିଲ୍ଲାର ଜବାହର ନଗରରେ ରହିଥିବା ଏହି କାରଖାନାର ଏଲ୍‌ଟିପି ସେକ୍ସନ୍‌ରେ ଘଟିଥିବା ଏହି ବିସ୍ଫୋରଣର ଠୋସ୍ କାରଣ ଜଣାପଡ଼ିନାହିଁ। କାରଣ ଜାଣିବା ସକାଶେ ତଦନ୍ତ ଜାରି ରହିଛି ବୋଲି ସ୍ଥାନୀୟ ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ୍ କରୁଥିବା ନିଜେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀସ କହିଛନ୍ତି। କାରଖାନାରେ ବିସ୍ଫୋରଣ ସମୟର କେତେକ ଭିଡିଓ ଭାଇରାଲ୍ ହୋଇଥିବା ବେଳେ ଭୀଷଣ ମାତ୍ରାରେ ଧୂଆଁ ଉଠୁଥିବା ଦେଖାଯାଇଛି।

### ସାକାର ହେବ...

ବ୍ୟବସ୍ଥା କରାଯିବ। ଦୁଇ ପ୍ରକାର ଘର ଦିଆଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ଏଥିରୁ ବଞ୍ଚିତ ରହୁଥିବା ବା ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଗୃହ ଯୋଗାଇ ଦିଆଯିବ। ଗଙ୍ଗୁଆ ନଈରେ ଫିଲଟର ପ୍ଲାଣ୍ଟ କରାଯାଇ କଣାସ ଓ ପିପିଲିର ବିଭିନ୍ନ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଶ୍ରୀ ନାଏକ କହିବା ସହ ଏଥିରେ ସହଯୋଗ କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ।

ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଆବାସ ଯୋଜନାରୁ ବଞ୍ଚିତ ପ୍ରତ୍ୟେକ ହିତାଧିକାରୀଙ୍କ ମୁହଁରେ ହସ ଫୁଟାଇବାକୁ ଆଜିଠାରୁ ଆରମ୍ଭ ହେଲା ବୋଲି କହିଛନ୍ତି। ସେ କହିଛନ୍ତି ଯେ ନିଜେ ଯୋଗ୍ୟ ହିତାଧିକାରୀ ମଧ୍ୟ ଆବାସ ଆପ ମାଧ୍ୟମରେ ଘର ପାଇଁ ଆବେଦନ କରିପାରିବେ। ଆବେଦନ ପ୍ରକ୍ରିୟାକୁ ମଧ୍ୟ ପୂର୍ବାପେକ୍ଷା ଅଧିକ ସହଜ ଓ ସରଳ କରାଯାଇଛି ବୋଲି ସାଂସଦ କହିଛନ୍ତି। ସେହିପରି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଦଳମତ ନିର୍ବିଶେଷରେ ପ୍ରତ୍ୟେକଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସେ କହିଛନ୍ତି ଯେ ସରକାର, ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସମନ୍ୱୟ ରକ୍ଷା ପୂର୍ବକ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ପାନୀୟ ଜଳର ସୁବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଘରଟିଏ ପାଇଁ ସାଧାରଣ ଲୋକର ଅପେକ୍ଷାର ଅନ୍ତ ଘଟିଛି ବୋଲି କହିଛନ୍ତି। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସଏନ ଗିରୀଶ ସ୍ୱାଗତ ଭାଷଣ ଦେବା ସହ ୧୪ ହଜାର ଅଧିକାରୀଙ୍କୁ ଘରକୁ ଘର ବୁଲି ସର୍ଭେ କରିବାକୁ ତାଲିମ ଦିଆଯାଇଛି ବୋଲି କହିଛନ୍ତି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ହିତାଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ବିଶଦ ଭାବେ ଅବଗତ କରାଇଥିଲେ। ଏହି ଅବସରରେ ୨୦୨୪-୨୫ ବର୍ଷରେ ସମ୍ପୂର୍ଣ୍ଣ ହୋଇଥିବା ଆବାସ ଯୋଜନାର ୧୦ ଜଣ ହିତାଧିକାରୀଙ୍କୁ ନୂତନ ଗୃହର ଚାବିକାଠି ମନ୍ତ୍ରୀ ଓ ଅତିଥିମାନେ ହସ୍ତାନ୍ତର କରିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଉପନିର୍ଦ୍ଦେଶକ କୁଳମଣି ମିଶ୍ର, ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ଲୋକପ୍ରତିନିଧି ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ।

### ବଢୁଛି...

ମଧ୍ୟରେ ରହିଛି ଖୋର୍ଦ୍ଧାରେ ପ୍ରସ୍ତାବିତ ସବୁଜ ଶକ୍ତି ଯନ୍ତ୍ରପାତି କାରଖାନା। ଏଥିପାଇଁ ଖୋସମା ଗ୍ରୀନ ଏନର୍ଜି ୬୭୪୮ କୋଟି ଟଙ୍କା ନିବେଶ କରିବ। ଜଗତସିଂହପୁରରେ ଧୁନସେରୀ ଭେଞ୍ଚର୍ସ ପକ୍ଷରୁ ରସାୟନ କାରଖାନା ପାଇଁ ୬୨୫୦ କୋଟି ଟଙ୍କା ନିବେଶ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୟୁନାଇଟେଡ ପେଟ୍ରୋ ସିପିଙ୍ଗ୍ ପକ୍ଷରୁ ୫୬୩୭ କୋଟି ନିବେଶରେ ଜାହାଜ ତିଆରି ଓ ମରାମତି କାରଖାନା ପ୍ରତିଷ୍ଠା କରାଯିବ। ସେହିଭଳି ଗଂଜାମରେ ୟୁପିଏଲ ଲିମିଟେଡ ଓ ଡିସିଏମ ଶ୍ରୀରାମ ପକ୍ଷରୁ ଦୁଇଟି କେମିକାଲ ଫ୍ୟାକ୍ଟ୍ରି ପ୍ରତିଷ୍ଠା କରାଯିବ। ଭଦ୍ରକରେ ରତ୍ନମଣି ମେଟାଲ୍ସ ପକ୍ଷରୁ ଷ୍ଟିଲ ରଡ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବ। ସମ୍ବଲପୁରରେ ହିଣ୍ଡାଲକୋ ୨ ହଜାର କୋଟି ନିବେଶ କରି ଏକ କେମିକାଲ ଫ୍ୟାକ୍ଟ୍ରି କରିବ।

### ମୃତ ମାଓବାଦୀଙ୍କ...

ଜଣଙ୍କ ପରିଚୟ ମିଳିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ନୂଆପଡ଼ା ଓ କଳାହାଣ୍ଡିରେ ଛଦ୍ମବେଶରେ ରହୁଥିଲେ ବୋଲି ମଧ୍ୟ ଜଣାପଡ଼ିଛି। ଅନ୍ୟପକ୍ଷରେ ଓଡ଼ିଶା-ଛତିଶଗଡ଼ ସୀମାରେ ଏବେ ବି ଆହୁରି କେତେକ ମାଓବାଦୀ ସକ୍ରିୟ ଥିବା ସମ୍ଭାବନା ଥିବାରୁ ସେଠାରେ ଏବେ ବି କମ୍ବି ଅପରେସନ୍ ଜାରି ରହିଛି। ସେହିପରି ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ନକ୍ସଲମାନଙ୍କ ଉପରେ କଡ଼ା ନଜର ରଖିବାକୁ ଏସପିମାନଙ୍କୁ ପୁଲିସ୍ ଡିଜି ୱାଇବି ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ ମଧ୍ୟ ମୁତୟନ କରାଯିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ନକ୍ସଲମାନଙ୍କ ଉପରେ ନଜର ରଖିବାକୁ ଅତ୍ୟାଧୁନିକ ଯୋଗାଯୋଗ ବ୍ୟବସ୍ଥା ସହ ଡ୍ରୋନର ବ୍ୟବହାର ଉପରେ ଡିଜି ଗୁରୁତ୍ୱ ଦେଇଛନ୍ତି। ସ୍ଥାନୀୟ ପୁଲିସକୁ ନକ୍ସଲ ସମ୍ପର୍କିତ ସୂଚନା ନେଟୱର୍କ ବଢ଼ାଇବାକୁ ବି କୁହାଯାଇଛି । ତା'ଛଡ଼ା ସ୍ଥାନୀୟ ଲୋକଙ୍କୁ ନକ୍ସଲମାନଙ୍କ ସମ୍ପର୍କରେ କୌଣସି ବି ସୂଚନା ପ୍ରଦାନ କରିବା ସକାଶେ ପ୍ରୋତ୍ସାହିତ କରିବାକୁ ମଧ୍ୟ କୁହାଯାଇଛି।

### ଶିଳ୍ପ...

ମଧ୍ୟ ଅନୁଷ୍ଠିତ ହେବ। ପ୍ରାୟ ଦେଢ଼ ଶହ ଏକ୍ସିବିଟର ସେମାନଙ୍କର ପ୍ରଡକ୍ଟ, ସର୍ଭିସ୍ ଓ ଇନୋଭେସନ ଆଦି ପ୍ରଦର୍ଶନ କରିବେ। ୨୮ ଓ ୨୯ରେ ଏହା ପ୍ରତିନିଧିମାନଙ୍କ ପାଇଁ ଖୋଲା ରହିବ। ୩୦ ତାରିଖରେ ଏହାକୁ ସର୍ବସାଧାରଣ ବୁଲି ଦେଖିପାରିବେ। ଏଥିସହ ଷ୍ଟାର୍ଟ ଅପ୍ ଓଡିଶା, ସ୍କିଲଡ୍ ଇନ୍ ଓଡିଶା ଓ ସୁଭଦ୍ରା ଜରିଆରେ ମହିଳା ଉଦ୍ୟୋଗୀକରଣ ପରି ୩ଟି ଥିମାଟିକ୍ ସେସନ ମଧ୍ୟ ଅନୁଷ୍ଠିତ ହେବ। ବିଭିନ୍ନ ରାଉଣ୍ଡ ଟେବୁଲ ବୈଠକରେ 'ମହିଳାଙ୍କ ନେତୃତ୍ୱ ରାଉଣ୍ଡ ଟେବୁଲ', ସିଇଓ ରାଉଣ୍ଡ ଟେବୁଲ' ଓ 'ଏଡିଟର୍ସ ରାଉଣ୍ଡ ଟେବୁଲ' ଆଦି ଆଲୋଚନା ଜରିଆରେ ଶିଳ୍ପଦ୍ୟୋଗୀ ଓ ବିଶେଷଜ୍ଞମାନଙ୍କ ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଇନ୍‌ଭେଷ୍ଟର୍ସ ମିଟ୍‌ରେ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ୍ ଓ ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବଙ୍କ ପରି କେନ୍ଦ୍ରମନ୍ତ୍ରୀ ମଧ୍ୟ ଯୋଗଦେବେ। ମୁଖ୍ୟମନ୍ତ୍ରୀ ସ୍ଥିତି ପରଖିବା ସମୟରେ ତାଙ୍କୁ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସହଯୋଗ କରିଥିଲେ।

### ପୂର୍ବତନ ନୌସେନା...

ନେଇ ଏକ ସ୍ୱତନ୍ତ୍ର ବୋର୍ଡ଼ ଗଠନ କରାଯିବ। ଏହି ଦୁଇ ବିଭାଗର ଅଧିକାରୀମାନେ ସମ୍ପୂର୍ଣ୍ଣ ଉପକୂଳ ଅଞ୍ଚଳକୁ ତନ୍ନ ତନ୍ନ କରି ଯାଞ୍ଚ କରିବେ ଏବଂ ସେମାନଙ୍କ ରିପୋର୍ଟ ଆଧାରରେ ମେରାଇନ ଥାନାଗୁଡ଼ିକୁ ବୋଟ ଯୋଗାଇ ଦିଆଯିବ ବୋଲି ସାକ୍ଷାତାଲୋଚନା ପରେ ଡିଜିପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ଘର ମାଲିକଙ୍କ...

ଆପାର୍ଟମେଣ୍ଟ କିଭଳି ନିୟମ ମାନୁଛନ୍ତି, ତାହାର ସେଭଳି ଖୋଜଖବର କରୁନଥିବାରୁ ବିଲଡରମାନେ ଜାଣିଶୁଣି ସମ୍ପୂର୍ଣ୍ଣ ଆପାର୍ଟମେଣ୍ଟ ବିକ୍ରି କରୁନାହାନ୍ତି କି ଘର ମାଲିକଙ୍କ ହାତର ପରିଚାଳନା ଭାର ଦେଉନାହାନ୍ତି। କ୍ଷମତା ନିଜ ପାଖରେ ରଖି ଘର ମାଲିକଙ୍କୁ ଏକ ପ୍ରକାର ଭଡାଟିଆ ଭଳି ରଖୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ବହୁ ଆପାର୍ଟମେଣ୍ଟର ଘର ମାଲିକମାନେ ଗଣେଶ କିମ୍ବା ସରସ୍ୱତୀ ପୂଜାଟିଏ ବି କରିବାକୁ ସ୍ଥାନ ପାଉନଥିବା ବେଳେ ବିବାହ ବ୍ରତ ପାଇଁ ନାକେଦମ ହେଉଛନ୍ତି। ତେଣୁ ରେରା କର୍ତ୍ତୃପକ୍ଷଙ୍କ ସହ ଗୃହ ଓ ନଗର ଉନ୍ନୟନ ବିଭାଗ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

# ସୋଆ କୃଷି ବିଜ୍ଞାନ ମହାବିଦ୍ୟାଳୟକୁ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ

**ଭୁବନେଶ୍ୱର, ୨୪।୧ (ସଂଚାର ବ୍ୟୁରୋ) :** କୃଷି କ୍ଷେତ୍ରରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍ସେସ୍ (ଆଇଏଏସ୍)କୁ ପ୍ରମୁଖ ସିନେ ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ୪୯ତମ ବାର୍ଷିକ ଉତ୍ସବରେ 'ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ଏହି ସମ୍ମାନ ଆଇଏଏସର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଗ୍ରହଣ କରିଛନ୍ତି। କୃଷି ଭିତ୍ତିକ ଶିକ୍ଷା, ଅଧ୍ୟାପନା, ଗବେଷଣା ତଥା



ସମ୍ପ୍ରସାରଣ ଦିଗରେ ଉତ୍କର୍ଷତା ନିମନ୍ତେ ଆଇଏଏସ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୋଆର ପ୍ରତିଷ୍ଠାତା ସଭାପତି ମନୋଜରଞ୍ଜନ ନାୟକ ଏହି ସମ୍ମାନ ନିମନ୍ତେ ଆଇଏଏସ୍‌ର ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ତଥା କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଚଳଚ୍ଚିତ୍ର ଜଗତର ସମ୍ପାଦକ ଆଦିକନ୍ଦ ରାଉତ ଓ ସଭାପତି ପ୍ରଫେସର ଶକ୍ତି ପ୍ରସାଦ ଦାଶଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କ କବ୍‌ଜାରେ ରାଜରାସ୍ତା

**ବାଲିଆପାଳ, ୨୪।୧ (ସଂଚାର ବ୍ୟୁରୋ) :** ଦୀର୍ଘଦିନ ହେଲା ସିମୁଳିଆ ମାର୍କେଟ ଦେଇ ଖଗଡ଼ାପାଳ ରଥ ଖଳା ଠାରୁ ମାଧାତାକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ବ୍ୟବସାୟୀଙ୍କ କବଳରେ ଥିବାବେଳେ ଏକମାତ୍ର ରାସ୍ତା ଯେଉଁଠି ରାତିପାହିଲେ ଶହ ଶହ ଲୋକ ବିଭିନ୍ନ ପ୍ରାନ୍ତରୁ ଆସିଥାନ୍ତି। ସରକାରୀ କାର୍ଯ୍ୟାଳୟ ଠାରୁ

## ଲୋକେ ହନ୍ତସନ୍ତ
## ଅସହାୟ ପ୍ରଶାସନ

ଆରମ୍ଭ କରି ସ୍କୁଲ କଲେଜ ଛାତ୍ରଛାତ୍ରୀ, ଖେଳ ପଡ଼ିଆ, ମନ୍ଦିର, ବ୍ୟାଙ୍କ, ଅଗ୍ନିଶମ ଅଫିସ ପ୍ରମୁଖ ଏହି ରାସ୍ତାରେ ଥିବାରୁ ପ୍ରତ୍ୟେହ ଲୋକଙ୍କ ଆତଯାତ ଲାଗିଥାଏ। କିନ୍ତୁ ପରିତାପର ବିଷୟ ମାର୍କେଟ ଭିତରେ ରାସ୍ତାକୁ ଅବରୋଧ କରି ବ୍ୟବସାୟ କରୁଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଉ ନାହିଁ। ପ୍ରଶାସନ ବ୍ୟବସାୟୀଙ୍କୁ ଉଚ୍ଛେଦ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଯଦ୍ୱାରା ସାମାଜିକ ସ୍ଥିରତାକୁ ପ୍ରଭାବିତ ହେଉଛି।

ମୁଖ୍ୟ ରାସ୍ତାକୁ ବେଆଇନ ଭାବେ ଜବରଦଖଲ ଯୋଗୁଁ ଛୋଟ ପିଲା, ଛାତ୍ରଛାତ୍ରୀ, ମହିଳା, ଶ୍ରଦ୍ଧାଳୁ,



ବୁଦ୍ଧିଜୀବୀ ଓ ପର୍ଯ୍ୟଟକ ଏହି ରାସ୍ତାରେ ଆସିଲାମାତ୍ରେ ପ୍ରତି ମୁହୂର୍ତ୍ତରେ ଛୋଟ ବଡ଼ ଦୁର୍ଘଟଣାକୁ ସାମ୍ନା କରିବାକୁ ପଡ଼ିଥାଏ। ଯଦ୍ୱାରା ନିଜକୁ ସୁରକ୍ଷିତ ମାଣୁନାହାନ୍ତି ଯେଉଁଥି ପାଇଁ ବାଲିଆପାଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତା ଜବରଦଖଲ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ବରୁ ବହୁଥର ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇଥିଲା। ପ୍ରଶାସନକୁ ଚ୍ୟାଲେଞ୍ଜ କରି ଅସାଧୁ ବ୍ୟବସାୟୀମାନେ ରାସ୍ତା ମଝି ପର୍ଯ୍ୟନ୍ତ ଦୋକାନ ସାମଗ୍ରୀ ଖୋଲି ରଖୁଥିବା ହେତୁ ଦୈନିକ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। କେତେକ ଅସାଧୁ ବ୍ୟବସାୟୀ ରାସ୍ତାରେ ଖଟ ପକାଇ ଦୈନିକ ଭଡ଼ା ହିସାବରେ ଲଗାଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଆସୁଛି।ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



# ପ୍ରକାଶ ମିଶ୍ରଙ୍କ ପୁସ୍ତକକୁ ବିରୋଧ

**ହିଞ୍ଜିଳିକାଟୁ, ୨୪।୧ (ସଂଚାର ବ୍ୟୁରୋ):** ପୂର୍ବତନ ଡିଜିପି ପ୍ରକାଶ ମିଶ୍ରଙ୍କ କପୋଳକଳ୍ପିତ ପୁସ୍ତକ ପ୍ରକାଶନ ବିରୁଦ୍ଧରେ ଶୁକ୍ରବାର ଅପରାହ୍ନରେ ହିଞ୍ଜିଳି ବିଜେଡି ନଗର ସଭାପତିଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଏକ ବିକ୍ଷୋଭ ରାଲି ଆୟୋଜିତ କରାଯାଇଥିଲା। ପରେ ପ୍ରକାଶ ମିଶ୍ରଙ୍କ କପୋଳ କଳ୍ପିତ ଇନ ଖାକି ପୁସ୍ତକ ବନ୍ଦ କରିବାକୁ ଦାବି କରି ପ୍ରକାଶ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଜେଡି ନେତା ଯୋଗଦେଇଥିଲେ। ଦୁଇ ଦିନ ତଳେ ବିଜେଡି ନେତା ଦେବାନନ୍ଦ ମହାପାତ୍ର ଆଇପିଏସ ଅଫିସର ପ୍ରକାଶ ମିଶ୍ରଙ୍କ ପୁସ୍ତକକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ନବୀନ ପଟ୍ଟନାୟକ ଜଣେ ରାଷ୍ଟ୍ରୀୟ ସ୍ତରର ରାଜନେତା ହୋଇଥିବା ବେଳେ ତାଙ୍କ ବିରୋଧରେ ମନଗଢ଼ା ଓ କପୋଳକଳ୍ପିତ ଲେଖା ପ୍ରକାଶ ମିଶ୍ରଙ୍କୁ ଶୋଭାପାଉନାହିଁ ବୋଲି କହିଥିଲେ।

# ଆଇଟିଇଆରକୁ ଟାଇମ୍ସ ବିଜିନେସ୍ ଆୱାର୍ଡ-ଝାଡ଼ଖଣ୍ଡ ସମ୍ମାନ

**ଭୁବନେଶ୍ୱର, ୨୪।୧ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)କୁ ପ୍ରଥମ ଟାଇମ୍ସ ବିଜିନେସ୍ ଆୱାର୍ଡ-ଝାଡ଼ଖଣ୍ଡ ୨୦୨୫ରେ ପୂର୍ବ ଭାରତର ଏକ




ନମ୍ବର ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନ ପ୍ରଦାନ କରାଯାଇଛି। ଗତ ଜାନୁଆରୀ ୧୭ ତାରିଖରେ ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା ସମେତ ୩୬ଟି କ୍ୟାଟେଗୋରୀରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିବା ବେଳେ ବଲିଉଡ୍ ତାରକା ସୋନୁ ସୁଦ ଏହି ସମ୍ମାନ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ସୋଆର ଆଇଟିଇଆରକୁ 'ର୍‍ୟାଗିଙ୍ଗ ମୁକ୍ତ କ୍ୟାମ୍ପସ୍' ଭାବେ ପ୍ରତିପାଦିତ କରାଯାଇଥିଲା। ଆଇଟିଇଆର୍‌ରେ ର୍‍ୟାଗିଙ୍ଗ୍‌କୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯାଏ ନାହିଁ କିମ୍ବା ସେଭଳି ପରିବେଶ ଏଠାରେ ନାହିଁ ବୋଲି ଆୟୋଜିତ କାର୍ଯ୍ୟକ୍ରମରେ କୁହାଯାଇଥିଲା। ସୋଆ ପକ୍ଷରୁ ଡିନ୍ (ସ୍ପନ୍ସର୍ଡ ରିସର୍ଚ୍ଚ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ କନ୍‌ସଲ୍‌ଟାନ୍‌ସି) ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଏହି ସମ୍ମାନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇଏଏସ୍ ଅଫିସର ଉତ୍କର୍ଷ କୁମାର, ବରିଷ୍ଠ ସାମ୍ବାଦିକ ବଲବିର ଦତ, ବିଶିଷ୍ଟ ପରିବେଶବିତ୍ କୌଶଳ କିଶୋର ଜୟସ୍ୱାଲ୍, ରାଡିସନ୍ ବ୍ଲୁର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତି ନନ୍ଦିନୀ ଗୁପ୍ତା ଓ ଜେନେରାଲ ମ୍ୟାନେଜର ହେମନ୍ତ ମେହେଟା ଅତିଥି ଭାବେ ଯୋଗ ଦେଇଥିଲେ।

# ଶିଖର ଓ ତିରୁଣାରେ ଧାନ ମଣ୍ଡି ଉଦ୍‌ଘାଟିତ

**ନାଉଗାଁ, ୨୪।୧ (ସଂଚାର ବ୍ୟୁରୋ) :** ଜିଲ୍ଲା ଯୋଗାଣ ବିଭାଗ ଦ୍ୱାରା ନାଉଗାଁ ବ୍ଲକରେ ଶୁକ୍ରବାର ଶିଖର ଓ ତିରୁଣା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଶିଖର ସମବାୟ ସମିତି ଧାନ ମଣ୍ଡିର ସୁପରଭାଇଜର ବିଡିଓ ତପନ କୁମାର ମହାପାତ୍ର ଉକ୍ତ ମଣ୍ଡିକୁ ଉଦଘାଟନ କରିଥିବା ବେଳେ କଟକ କେନ୍ଦ୍ର ସମବାୟ ସମିତିର ଶାଖା ପରିଚାଳକ ଆଲଫା ରଶ୍ମି ସ୍ୱାଇଁ, ସମ୍ପାଦକ ପ୍ରସନ୍ନ କୁମାର ସ୍ୱାଇଁଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ଏହି ମଣ୍ଡିରେ ୪୭୯ଜଣ ଚାଷୀ ନାମ ପଂଜୀକୃତ କରିଥିବା ଜଣାଯାଇଛି। ସେହପରି ତିରୁଣା ସମବାୟ ସମିତିରେ ସମିତିର ସଭାପତି ପ୍ରମୋଦ କୁମାର ଲେଙ୍କା ଉଦ୍‌ଘାଟନ କରିଥିବା ବେଳେ ସୁପରଭାଇଜର ବିଡିଓ ମହାପାତ୍ର, ସମ୍ପାଦକ ରଞ୍ଜନ ବେହେରା ଆଦି ଉପସ୍ଥିତ ଥିଲେ। ଏହି ମଣ୍ଡିରେ ୬୭୩ ଜଣ ଚାଷୀ ନାମ ପଂଜୀକୃତ କରିଥିବା ଜଣାଯାଇଛି। ଯୋଗାଣ ବିଭାଗ ତରଫରୁ ଧାନ କ୍ରୟ କରିବାର ନିର୍ଦ୍ଦେଶ ଆସିବା ପରେ ଲକ୍ଷ୍ୟ ଧାର୍ଯ୍ୟ ଅନୁସାରେ ଉକ୍ତ ମଣ୍ଡିରେ ଧାନ କ୍ରୟ କରାଯିବ ବୋଲି ସମ୍ପାଦକ ମାନେ ସୂଚନା ଦେଇଛନ୍ତି।



## ସହରର ପାର୍କିଂ ଓ ଟ୍ରାଫିକ ସମସ୍ୟା ନେଇ ପୌରାଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

# ୭ ଦିନ ମଧ୍ୟରେ ଜବରଦଖଲମୁକ୍ତ ଦାବି

**ନୟାଗଡ଼, ୨୪।୧ (ସଂଚାର ବ୍ୟୁରୋ) :** ନୟାଗଡ଼ ସହରରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ଓ ପାର୍କିଂ ସମସ୍ୟାକୁ ନେଇ ଜିଲ୍ଲା ସାମ୍ବାଦିକମାନେ ଗଭୀର ଉଦବେଗ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ଆଜି ସାମ୍ବାଦିକ ଭବନ ପରିସରରେ ଆଲୋଚନା କରାଯାଇ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ଓ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୭ ଦିନ ମଧ୍ୟରେ ଜବରଦଖଲ ମୁକ୍ତ କରାଯିବାକୁ ଦାବି କରାଯାଇଛି।

ନୟାଗଡ଼ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱର୍କୁ ଜବରଦଖଲ କରି ଉଠା ବ୍ୟବସାୟୀ, ପରିବା ଦୋକାନ, ଜଳଖିଆ ଦୋକାନ ଖୋଲା ଯାଉଛି। ଫଳରେ ରାସ୍ତା ପାର୍ଶ୍ୱର୍ରେ ଯାନବାହନ ରଖିବା ପାଇଁ ସମସ୍ୟା ସୃଷ୍ଟି ହେଉଛି । ରାସ୍ତା ଉପରେ ଯାନ ବାହାନ ରଖାଯିବା ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି । ତୁରନ୍ତ ନୟାଗଡ଼ ସହର ରାସ୍ତା ପାର୍ଶ୍ୱର୍ରୁ ଉଠା ଦୋକାନଙ୍କୁ ସ୍ଥାନାନ୍ତର, ଜବରଦଖଲ ମୁକ୍ତ କରାଯିବା ଦାବି କରାଯାଇଛି । ସେହିଭଳି ଭାବେ ପୁରୁଣା ଦୁର୍ଗାମଣ୍ଡପ ସ୍ଥାନ ଏବଂ ଜେଲ ଜମିକୁ ପରିଷ୍କାର କରି ଅସ୍ଥାୟୀ ପାର୍କିଂ ନିର୍ମାଣ କରିବାକୁ ଦାବି ହୋଇଛି । ତା ସହିତ ଟ୍ୟାକ୍ସି ଷ୍ଟାଣ୍ଡ ନିକଟ, ଦେବୋତ୍ତର କଲୋନୀ ୫ ନମ୍ବର ଲେନ୍‌ରେ ଭେଣ୍ଡିଂ ଜୋନ୍ ନିର୍ମାଣ କରି



ଅସ୍ଥାୟୀ ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ସାମ୍ବାଦିକମାନେ ପ୍ରସ୍ତାବ ଦେଇଛନ୍ତି । ନୟାଗଡ଼ ନାରାୟଣୀ ପାର୍କ ପଛ ପାଖରେ ରହିଥିବା ପୌର ପରିଷଦର ଏକ ଖାଲି ସ୍ଥାନରେ ପରିବା ମାର୍କେଟ ଓ ପାର୍କିଂ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି।

ନୟାଗଡ଼ ସାମ୍ବାଦିକ ଭବନ ସଭାପତି ବୈଦ୍ୟ ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ନବକିଶୋର ମିଶ୍ର, ରାମକୃଷ୍ଣ ରଥ, ରଜତ ପଟ୍ଟନାୟକ, ଉଦିତ ନାରାୟଣ ଦାଶ, ସଦୀପ କୁମାର ଲେଙ୍କା, ଅନୀଲ କୁମାର ପଣ୍ଡା, ଧିରେନ୍ଦ୍ର ପଟ୍ଟନାୟକ, ରବୀନ୍ଦ୍ର କୁମାର ଦାସ, ଦେବବ୍ରତ ନାୟକ , ସ୍ୱରୂପ ପଟ୍ଟନାୟକ, ହୁସେନ୍ ଖାଁ,ଖିରୋଦ ପଟ୍ଟନାୟକ, ପ୍ରଭାତ ମହାପାତ୍ର, ଜୟନ୍ତ ମିଶ୍ରଙ୍କ, ନିହାର ରଞ୍ଜନ ପଟ୍ଟନାୟକ, ବିଶ୍ୱଜିତ ନାୟକ, କ୍ଷୀରୋଦ ପଟ୍ଟନାୟକ, ବାସୁଦେବ ମହାନ୍ତି, ମହେଶ ମିଶ୍ର, ସନ୍ତୋଷ କୁମାର ନାୟକ, ବିଭୂତି ଭୂଷଣ ସ୍ୱାଇଁଙ୍କ ସହ ଅନେକ ଜିଲ୍ଲା ସାମ୍ବାଦିକ ଏଭଳି ଦାବି ଉପସ୍ଥାପନ କରିଛନ୍ତି । ପୌର ନିର୍ବାହୀ ଅଧିକାରୀ ସବୁ ଦାବି ଓ ପ୍ରସ୍ତାବକୁ ଶୁଣିବା ସହ ଏହା ଉପରେ ଗୁରୁତ୍ୱ ଦେଇ ସହର ବିକାଶ ଓ ସୌନ୍ଦର୍ଯ୍ୟ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି ।

## ● ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକଙ୍କ ବୋରିଗୁମ୍ମା ଗସ୍ତ

# ବୁଲିଲେ ଇକୋ ପର୍ଯ୍ୟଟନ, ଜଳକ୍ରୀଡା ଓ ଜୁରାସିକ ପାର୍କ

**ବୋରିଗୁମ୍ମା, ୨୪।୧ (ସଂଚାର ବ୍ୟୁରୋ):** ରାଜ୍ୟ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ ଆଜି ଶୁକ୍ରବାର ଦିନିକିଆ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ ଗସ୍ତ କରିଛନ୍ତି। ପ୍ରଥମେ ବୋରିଗୁମ୍ମା ବ୍ଲକ ସଦର ମହକୁମାସ୍ଥିତ ନିର୍ମାଣଧୀନ ଜୁରାସିକ ପାର୍କ ପରିଦର୍ଶନ କରିଥିଲେ। ପରେ ବେଣାଶୁର ସ୍ଥିତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସହିତ ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ହାତପାହାନ୍ତରେ ସରକାରୀ ସେବା ଯୋଗାଇବା ପାଇଁ ଗଢ଼ିଉଠିଥିବା 'ଆମବ୍ୟାଙ୍କ'ର ସମୀକ୍ଷା କରିଥିଲେ। ତତସହିତ ଯୋଡାପୁଟ ଗ୍ରାମସ୍ଥିତ ମୋଡେଲ ଅଙ୍ଗନବାଡ଼ି କେନ୍ଦ୍ର ବୁଲି ଦେଖୁବା ସହ ଅପରାହ୍ଣରେ ବୋରିଗୁମ୍ମା ବ୍ଲକର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଗଢ଼ି ଉଠିଥିବା ଚମ୍ପାପୋଦର ପଞ୍ଚାୟତର




ଦଣ୍ଡାବାଡ଼ ଇକୋ-ରିଟ୍ରେଟ୍‌ରେ ପହଞ୍ଚି ମଧ୍ୟାହ୍ନ ଭୋଜନ କରିଥିଲେ। ପ୍ରାକୃତିକ ଶୋଭାରାଜିରେ ଭରପୁର ପରିବେଶରେ ନିଆରା ଅନୁଭୂତି ସାଉଁଟିବା ସହ ବେଶ ଖୁସିପ୍ରକଟ କରିଥିଲେ। ଏହାପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଗୋଷ୍ଠୀଉନ୍ନୟନ ଅଧିକାରୀ ସନ୍ଧ୍ୟା ସମରଥଙ୍କ ସହ ଜୁରାସିକ ପାର୍କ ଓ ଇକୋ-ପର୍ଯ୍ୟଟନ ଜଳକ୍ରୀଡା ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିବା ସୂଚନା ମିଳିଛି । ଏହି ଅଧିକାରୀମାନଙ୍କ ବୋରିଗୁମ୍ମା ଗସ୍ତ ସମୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟା ସମରଥ, ଏବିଡ଼ିଓ ମାଧୁରୀ ଆଚାରୀ ଏଇ.ସତ୍ୟନାରାୟଣ ସେଠୀ, ଏଇଇ ପ୍ରକାଶ କୁମାର ପ୍ରଧାନ ସମେତ ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିଆଁ ଲାଗି ଦୁଇ ବଖରା ଭସ୍ମୀଭୂତ

**ଦଶପଲ୍ଲା, ୨୪।୧ (ସଂଚାର ବ୍ୟୁରୋ):** ଦଶପଲ୍ଲା ବିଜ୍ଞପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୫ ନମ୍ବର ୱାର୍ଡର ସୁଧାକର ମିଶ୍ରଙ୍କ ଘରେ କୌଣସି କାରଣ ରୁ ନିଆ ଲାଗି ୨ ବଖରା ଚାଳଘର ପୋଡି ପାଉଁଶ ହୋଇଯାଇଛି। ଶୁକ୍ରବାର ଦିନ ସକାଳ ସମୟରେ ଶ୍ରୀ ମିଶ୍ର ଓ ତାଙ୍କ ପରିବାର ଲୋକେ ଘରେ ନଥିବା ବେଳେ ନିଆ ଲାଗି ଯାଇଥିଲା। ଖବର ପାଇ ଦଶପଲ୍ଲା ଦମକଳ ବାହିନି ଘଟଣା ସ୍ଥଳରେ ପହଞ୍ଚି ନିଆକୁ ଆୟତ କରିଥିଲେ। ହେଲେ ନିଆ ଲାଗିବାର କୌଣସି ସଠିକ କାରଣ ଜଣା ପଡ଼ିନଥିବା ଜାଣିବାକୁ ମିଳିଛି।



# ନାବାଳିକା ବଳାତ୍କାର ମାମଲାରେ ଜେଲ୍ ଗଲା ଅଭିଯୁକ୍ତ

**କୁଜଙ୍ଗ, ୨୪।୧ (ସଂଚାର ବ୍ୟୁରୋ):** କୁଜଙ୍ଗ ଥାନା ପୋଲିସ ଆଜି ଜଣେ ନାବାଳିକା ଛାତ୍ରୀର ବାଲାତ୍କାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ମଙ୍ଗରାଜପୁର ଗ୍ରାମର ରାଜେଶ୍ ବାରିକ ବୋଲି ଥାନା ଅଧିକାରୀ ତପନ କୁମାର ନାହାକ ସୂଚନା ପ୍ରଦାନ କରିଛନ୍ତି।

ସୂଚନା ଅନୁସାରେ, ଅଭିଯୁକ୍ତ ଯୁବକ ଜଣଙ୍କ କୁଜଙ୍ଗ ଥାନା ମଙ୍ଗରାଜପୁର ଅଞ୍ଚଳର ଜଣେ ନାବାଳିକା ଛାତ୍ରୀକୁ ଏକୁଟିଆ ବଳପୂର୍ବକ ଭାବେ ବଳାତ୍କାର କରିଥିଲା। ଏଭଳି ଏକ ନିନ୍ଦନୀୟ ଘଟଣା ଗ୍ରାମର ବିଦ୍ୟାଳୟର ପଛ ପାର୍ଶ୍ୱରେ ଘଟିଥିଲା। ଏ ବିଷୟରେ ପୀଡ଼ିତା ଛାତ୍ରୀ ଜଣଙ୍କ ନିଜ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ପରେ ପୀଡ଼ିତାର ବାପା କୁଜଙ୍ଗ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ଥିବାରୁ କୁଜଙ୍ଗ ଥାନା ପୋଲିସ ତୁରନ୍ତ ମାମଲା ରୁଜ୍ଜୁ କରି ଅଭିଯୁକ୍ତ ଯୁବକକୁ ଉଠାଇ ଆଣି ପଚରାଉଚରା କରିଥିଲେ। ପରେ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଆଜି ଅଭିଯୁକ୍ତ ରାଜେଶକୁ




କୁଜଙ୍ଗ ଥାନା ପୋଲିସ କୋର୍ଟରେ ହାଜର କରିଥିଲା। ମାତ୍ର ସେଠାରେ ଜାମିନ ଆବେଦନ ଖାରଜ ହୋଇ ଯିବାରୁ ଅଭିଯୁକ୍ତ ରାଜେଶକୁ ଜେଲ୍ ଯିବାକୁ ପଡ଼ିଛି।

# ଟ୍ରାଫିକ ଛକ ମଝିରେ ବିଦ୍ୟୁତ୍ ଖୁଣ୍ଟ, ଯାତାୟାତ ବାଧାପ୍ରାପ୍ତ

**ବୋରିଗୁମ୍ମା, ୨୪।୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ଟ୍ରାଫିକ ଛକ ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ଉକ୍ତ ରାସ୍ତାରେ ଯାନବାହନ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ତାହାକୁ ରାସ୍ତା ମଝିରୁ ଖୁଣ୍ଟକୁ ହଟାଇବାକୁ ଦାବି ହେଉଛି।

ବୋରିଗୁମ୍ମା ପଞ୍ଚାୟତ ସଦର ମୋହକୁମା ସ୍ଥିତ ଟ୍ରାଫିକ ଛକରେ ଚାରିଟି ରାଜ୍ୟ ରାଜପଥ ସଂଯୋଗ ହୋଇଛି । ଉକ୍ତ ଛକ ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଯାହା ଫଳରେ ଏହି ଛକ ଦେଇ ଦୈନିକ ଶହ ଶହ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି କରୁଛି। ଏପରିକି ଯାତ୍ରୀବାହୀ ଅଟୋ, ଦୁଇଚକିଆ ଯାନ ମଧ୍ୟ ଉକ୍ତ ରାସ୍ତା ଦେଇ ଯିବାକୁ ଭୟ



କରୁଛନ୍ତି । ପ୍ରତିଦିନ ରାତ୍ର ସମୟରେ ଦ୍ରୁତ ଗତିରେ ଯାତ୍ରୀବାହୀ ଗାଡ଼ି, ଭାରୀଯାନ ଚଳାଚଳ କରୁଥିବାରୁ ଟିକିଏ ଅସାବଧାନତା ହେଲେ ଦୁର୍ଘଟଣା ଘଟିବା ଆଶଙ୍କାରେ ଅଞ୍ଚଳବାସୀ। ଗ୍ରାମ ପଞ୍ଚାୟତ ଓ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିଦ୍ୟୁତ୍ ଖୁଣ୍ଟ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ମହ୍ଲାସାହିରେ ଖୋଲିଲା ଧାନ ମଣ୍ଡି



**କୁଜଙ୍ଗ, ୨୪।୧ (ସଂଚାର ବ୍ୟୁରୋ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ମହ୍ଲାସାହି ସେବା ସମବାୟ ସମିତି ପକ୍ଷରୁ ଆଜି ପୂର୍ବାହ୍ନରେ ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ଧାନ ମଣ୍ଡି ଖୋଲା ଯାଇଥିବା ଜଣାପଡିଛି । ସମିତି ସମ୍ପାଦକ ଶତ୍ରୁଘ୍ନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଭାରମ୍ଭ ଉତ୍ସବରେ ସମିତିର ସଭାନେତ୍ରୀ ସୁଭାଷିନୀ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଚାଷୀ ମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଉପ ସଭାନେତ୍ରୀ ଆରତୀ ମହାନ୍ତି, ସ୍ଥାନୀୟ ସରପଞ୍ଚ ଧ୍ରୁବ ଚରଣ ନାୟକ, ନଳିନୀ ପ୍ରଭା ପରିଡ଼ା, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ରାହାମା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବିଶ୍ୱନାଥ ମହାନ୍ତି ଯୋଗଦେଇ ଧାନ କ୍ରୟ ସମୟରେ ଚାଷୀଙ୍କ ସହଯୋଗ କାମନା କରିଥିଲେ। ଶେଷରେ ସମବାୟ ସମିତି ସହ ସମ୍ପାଦକ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡ଼ି ନେତା ବିଷ୍ଣୁ ପ୍ରସାଦ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଣ୍ଡିରୁ ଉଠୁନି ଧାନ, ଶୀତ କାକରରେ ପଡ଼ିରହିଛନ୍ତି ଚାଷୀ

**କୋଣାର୍କ, ୨୪।୧ (ସଂଚାର ବ୍ୟୁରୋ):** କୋଣାର୍କ ଥାନା ଅଧିନସ୍ଥ ବନାଖଣ୍ଡି ଗ୍ରାମପଞ୍ଚାୟତର ଜୁଣେଇ ହାଟ ଠାରେ ଖୋଲା ଯାଇଥିବା ଧାନମଣ୍ଡିରେ ଉଠୁନାହିଁ ନାହିଁ। ୩ ଦିନ ଧରି ଶୀତ କାକରରେ ଚାଷୀମାନେ ଧାନମଣ୍ଡି ଠାରେ ପଡିରହି ଅସହ୍ୟ ଯନ୍ତ୍ରଣା ଭୋଗୁଥିବା ବିକଳ ଚିତ୍ର ଦେଖିବାକୁ ମିଳିଛି।

ଖବରରୁ ପ୍ରକାଶ ଯେ, ଗତ ବୁଧବାର ଦିନ ବନାଖଣ୍ଡି ସେବା ସମବାୟ ସମିତି ପକ୍ଷରୁ ଜୁଣେଇ ହାଟ ଠାରେ ଚାଷୀ ମାନଙ୍କ ଧାନ ଫସଲ କ୍ରୟ କରିବା ପାଇଁ ମଣ୍ଡିର ଶୁଭାରମ୍ଭ କରାଯାଇଥିଲା। ଏହି ଶୁଭାରମ୍ଭ ଦିବସରେ ଚାଷୀ ମାନେ ଉତ୍ପାଦିତ ଧାନ ବିକ୍ରି କରିବା ପାଇଁ ଜୁଣେଇ ହାଟ ଠାରେ ଥିବା ଧାନମଣ୍ଡିକୁ ଆଣିଥିଲେ। ଧାନର ମାନ ପରୀକ୍ଷା ପାଇଁ ଆସିଥିବା ମାନ ପରୀକ୍ଷା ଯନ୍ତ୍ର ଅଚଳ



ହେବା ଯୋଗୁଁ ଗତ ବୁଧବାର ଠାରୁ ୩ ଦିନ ଧରି ଚାଷୀମାନେ ଶୀତ କାକରକୁ ସହ୍ୟ କରି ମଣ୍ଡିରେ କଷ୍ଟ ଯନ୍ତ୍ରଣା ମଧ୍ୟରେ ରାତ୍ରିଯାପନ କରିଥିଲା ବେଳେ ଅଦ୍ୟାବଧି ସେମାନଙ୍କ ଧାନର ମାନ ପରୀକ୍ଷା କରା ନ ଯାଇ ମଣ୍ଡିରୁ ଧାନ ଉଠା ଯାଇ ନ ଥିବା ଶତାଧିକ ଚାଷୀ ବିଭାଗୀୟ ଦାୟିତ୍ୱହୀନତା ଓ ଖାମଖିଆଲି ମନୋଭାବକୁ ଦାୟୀ କରିଛନ୍ତି। ଏହି ସମିତିର ସଂପାଦକ, ନୋଡାଲ ଅଫିସର ଓ ମିଲର ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜୁଣେଇ ହାଟ ଠାରେ ଖୋଲାଥିବା ମଣ୍ଡିରୁ ପଡି ରହିଥିବା ଧାନ ତୁରନ୍ତ ଉଠା ନ ଗଲେ ଶତାଧିକ ଚାଷୀ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁ ପାଇକ ଜାତିର କୁଳତିଳକ

**ଭୁବନେଶ୍ୱର, ୨୪।୧ (ସଂଚାର ବ୍ୟୁରୋ) :** ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ ଯାହାଙ୍କୁ ବକ୍ସି ବୋଲି କୁହାଯାଏ ସେ ପାଇକ ଜାତିର କୂଳତିଳକ। ରଣରଙ୍ଗା ପାଇକ ମାନଙ୍କର ଅଗ୍ନି ସ୍ଫୁଲିଙ୍ଗ। ଭାରତ ବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ମହାନାୟକ। ଭାରତ ବର୍ଷର ସ୍ୱାଧୀନତା ଇତିହାସର ମୁଖବନ୍ଧରେ ଏହା ପ୍ରକାଶ କରିଛନ୍ତି ନିଖିଳ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ। ନିଖିଳ ଓଡ଼ିଶା ପାଇକ ମହାସଂଘର ରାଜ୍ୟ ସଂଯୋଜକ କେଦାର ଦାସଙ୍କ ସଂଯୋଜନାରେ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶହୀଦ୍ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଦେଶଭକ୍ତ ପାଇକ ବିଦ୍ରୋହର ମହାନ୍ ସାରଥି ବକ୍ସିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏ ମାଟିର ସ୍ୱାଧୀନତାର ବହ୍ନି ମହାମାନବ ବକ୍ସିଙ୍କ ଦ୍ୱାରା ପ୍ରଜ୍ୱଳିତ ହୋଇଥିଲା। ସ୍ୱାଧୀନତା ଅଗ୍ନିରେ ପାଇକମାନେ ଝାସ ଦେଇ ଇଂରେଜ



ଶକ୍ତିକୁ ପଦଦଳିତ କରି ଭାରତ ବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଦାନ କରିଥିଲେ ।

ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ପାଇକଗୁରୁ ତଥା ଖୋର୍ଦ୍ଧା ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀଙ୍କ ପାଇକ ଆଖଡ଼ା କାର୍ଯ୍ୟକ୍ରମ ଢ଼ାଲ, ତରବାରୀର ଗର୍ଜନ ପ୍ରତ୍ୟେକ ପାଇକଙ୍କ ଦେହରେ ଶିହରଣ ସୃଷ୍ଟି କରିଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫେସର ଡଃ ଗାୟନ ସାମଲ, ଡଃ ଶଶାଙ୍କ ଚୁଡ଼ାମଣୀ, କଟକ ଜିଲ୍ଲା ସଭାପତି ରାଜକିଶୋର ବେହେରା, ରାଜ୍ୟ ମୁଖପାତ୍ର ରାଜୀବ ନୟନ ରଥ, ଉପସଭାପତି ଭୀମସେନ ପାଇକରାୟ, ରାଜ୍ୟ ଉପଦେଷ୍ଟା ବିଜୟ କୁମାର ଆଇଚ, ମିଡ଼ିଆ ସଂଯୋଜକ ପ୍ରସନ୍ନ ପାଇକରାୟ, ପାଇକରାଣୀ ସସ୍ମିତା ମଙ୍ଗରାଜ, ପାଇକଗୁରୁ ଭାସ୍କର ସୁନ୍ଦରାୟ, ଗଡ଼ଦୋକନ୍ଦା ଦଳବେହେରା ମନୋରଞ୍ଜନ ପଶ୍ଚିମକବାଟ, ବାଣପୁର ପାଇକସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ବିଜୟ ବେହେରା, ନୟାଗଡ଼ ପାଇକନେତା ଭରତ ଜେନା, ଭୁବନେଶ୍ୱର ସଭାପତି ଅଜୟ ନାଏକ, ଶୁକାନ୍ତ କୁମାର ଷଣ୍ଢ, ଆଇନଜୀବି ମିତ୍ରଭାନୁ ମହାପାତ୍ର, ସର୍ଦ୍ଦାର ଜୟରାମ ଦାସ, ଗୁଣନିଧି ବେହେରା, କେଦାର ମହାରଣା, ଗୋବିନ୍ଦ ଚନ୍ଦ୍ର ଜେନା, ପାଇକ ସର୍ଦ୍ଦାର ସମରଜିତ୍ ନାୟକ ତଥା ଓଡ଼ିଶାର ସମସ୍ତ ଜିଲ୍ଲାର ପାଇକ ମହାସଂଘ ପାଇକ ସର୍ଦ୍ଦାରମାନେ ଯୋଗଦାନ କରିଥିଲେ। ଶେଷରେ ପାଇକ ଆଖଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ମହାରାଷ୍ଟ୍ର ସହ୍ୟାଦ୍ରୀ ଫାର୍ମରେ ଉପମୁଖ୍ୟମନ୍ତ୍ରୀ ଓ ୫୭ କୃଷକ ଉତ୍ପାଦକ ଗୋଷ୍ଠୀ

# ଜ୍ଞାନକୌଶଳର ଉପଯୋଗରେ କୃଷକଙ୍କୁ ସଶକ୍ତ ପାଇଁ ଆହ୍ୱାନ

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ସରକାରଙ୍କ ଏକ ୫୭ଜଣିଆ ପ୍ରତିନିଧି ଦଳ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନେତୃତ୍ୱରେ ମହାରାଷ୍ଟ୍ର ନାସିକସ୍ଥିତ ସହ୍ୟାଦ୍ରୀ ଫାର୍ମରେ ପାଞ୍ଚଦିନିଆ ପ୍ରଶିକ୍ଷଣ ହାସଲ ପାଇଁ ଗସ୍ତ କରିଛନ୍ତି। କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ମିଶନ୍ ଶକ୍ତି ସହ ଅନ୍ୟ ୫ଟି ଟିମ୍‌ର କୃଷକ ଉତ୍ପାଦକ ଗୋଷ୍ଠୀ ପ୍ରତିନିଧି ଏଥିରେ ସାମିଲ ଅଛନ୍ତି। ନାସିକସ୍ଥିତ ଏହି ଫାର୍ମ କୌଣସି ସରକାରୀ ସହାୟତା ବିନା ମାତ୍ର ୧୧ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିଲେ ହେଁ ଏବେ ବାର୍ଷିକ ୨ ହଜାର କୋଟିରୁ ଉର୍ଦ୍ଧ୍ୱ ଆୟ କରିପାରୁଛି। ଏହି ଅବସରରେ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏଠାରୁ ଯେଉଁ



ଜ୍ଞାନକୌଶଳ ସବୁ ଆପଣମାନେ ହାସଲ କରି ଫେରିବେ, ଓଡ଼ିଶାରେ ତାହାର ଉପଯୁକ୍ତ ଉପଯୋଗ କରନ୍ତୁ। ଓଡ଼ିଶାର କୃଷି ଅର୍ଥନୀତିକୁ ଆହୁରି ସଶକ୍ତ କରିବା ଦିଗରେ ଆପଣମାନେ ସହଭାଗୀ ହୁଅନ୍ତୁ ବୋଲି ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆଗାମୀ ଦିନରେ ଓଡ଼ିଶାରୁ ଅନ୍ୟ କୃଷକ ଉତ୍ପାଦକ ଗୋଷ୍ଠୀ ଓ କୃଷକଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବା ଯୋଜନା ରହିଛି। ଏଥିସହ ଅନ୍ୟ ରାଜ୍ୟର କୃଷି ଉଦ୍ୟୋଗୀମାନେ ମଧ୍ୟ ଓଡ଼ିଶା ଆସିବା ସହ ଏଠାରେ ନିବେଶ କରିବାକୁ ମଧ୍ୟ ଶ୍ରୀ ସିଂହଦେଓ ଆହ୍ୱାନ ଦେଇଛନ୍ତି।

ପ୍ରତିନିଧିଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ସହ୍ୟାଦ୍ରୀ ଫାର୍ମର ସିଏମଡି ବିଳାସ ସିନ୍ଦେ ଓ ପ୍ରୋଗ୍ରାମ କୋର୍ଡିନେଟର ଆଗ୍ରି ଭୋଲ୍ଟାକ ପ୍ରୋଜେକ୍ଟ, ସ୍ପ୍ରେ ଶୁଖାଇବା ୟୁନିଟ୍, କୃଷକ ସୁବିଧା କେନ୍ଦ୍ର, ପରୀକ୍ଷା ଲ୍ୟାବ, ଡିଆଇଏସ୍‌କ୍ୟୁ, ଅଙ୍ଗୁର ଫାର୍ମ, ସୋଲାର ଡ୍ରାୟର, ଶୈବାଳ ଉତ୍ପାଦନ ୟୁନିଟ୍ (ବର୍ଜ୍ୟ ଜଳରୁ), ଅଙ୍ଗୁର ପ୍ୟାକ୍ ହାଉସ୍ ଏବଂ କୋଲ୍ଡ ଷ୍ଟୋରେଜ୍, ଫଳ ପାଚିବା ଏବଂ ଆସେପ୍ଟିକ୍ ପୋକେସ୍ ପରି ଫାର୍ମର ଅମଳ ପରବର୍ତ୍ତୀ ସୁବିଧା, ଫ୍ରୋଜେନ୍ ଏବଂ ଫ୍ରିଜ୍ ଶୁଖାଇବା ୟୁନିଟ୍, ଏଫଏମସିଜି ପ୍ରକ୍ରିୟାକରଣ ୟୁନିଟ୍, ତାଲିମ କେନ୍ଦ୍ର, କାଜୁ ପ୍ରକ୍ରିୟାକରଣ ୟୁନିଟ୍, ବାୟୋ ଗ୍ୟାସ୍ ୟୁନିଟ୍, ସାମ୍ ଆଗ୍ରି ଡାଳିମ୍ବ ପ୍ରକ୍ରିୟାକରଣ ୟୁନିଟ୍ ଇତ୍ୟାଦି ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ମହାରାଷ୍ଟ୍ର କୃଷି ମନ୍ତ୍ରୀ ମାଣିକରାଓ କୋକଟେ ମଧ୍ୟ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରିଥିଲେ। ଏହି ପ୍ରଶିକ୍ଷଣର ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାର ବହନ କରୁଛନ୍ତି। ଏହି ପରିଦର୍ଶନରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଉପସ୍ଥିତ ଥିଲେ।

### କଳବଳ କଲାଣି ତାତି

## ଟ୍ୱିନ୍ ସିଟିରେ ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଜନସାଧାରଣ ଟାଣ ଖରାରେ ସିଝିବା ପରି ମନେ ହେଉଛି। କାରଣ ଏବେ ବି ମାଘ ମାସ ସରିନାହିଁ, ତଥାପି ଏବେଠାରୁ କଳବଳ କଲାଣି ଖରା। ମାଘ ମାସରେ ବାଘ ପରି ଶୀତ ହେବାର ପ୍ରବାଦ ଥିଲେ ମଧ୍ୟ ଏବେ ଶୀତ ନୁହେଁ, ବରଂ ଖରା ବାଘ ପରି ମାଡ଼ି ଆସିବାର ଅନୁଭବ ହେଲାଣି। ଉପକୂଳରୁ ଆଭ୍ୟନ୍ତର ସବୁଠି ଆରମ୍ଭ ହୋଇଗଲାଣି ଭୀଷଣ ତାତି। ଆଜି ଟ୍ୱିନ୍ ସିଟିରେ ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ ଉପରେ ରହିଥିବାରୁ ଏଥିରୁ ତାତିର ପ୍ରଭାବ ସହଜରେ ଅନୁମାନ କରିହେଉଛି। ଦିନ ବେଳା ବାୟୁମଣ୍ଡଳ ଶୁଷ୍କ ରହୁଥିବା ବେଳେ ରାତିରେ ସମୁଦ୍ରରୁ ବାୟୁ ପ୍ରଭାବିତ ହେଉଛି। ଫଳରେ ଏଭଳି ସ୍ଥିତି ଅନୁଭୂତ ହେଉଛି। ଅନ୍ୟପକ୍ଷରେ ରାଜ୍ୟରେ ଗୁରୁଚାପ ବଳୟର ପ୍ରଭାବ ଜାରି ରହିଛି। ଯାହା ପ୍ରଭାବରେ ଉତ୍ତର ଉପକୂଳ ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘନକୁହୁଡ଼ି ଦେଖିବାକୁ ମିଳିଛି। ସେହିପରି ଗତ ୨୨ ତାରିଖରେ କୋରାପୁଟରେ ୩୩.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଫଳରେ କୋରାପୁଟରେ ଦୀର୍ଘ ୫୨ ବର୍ଷ ପରେ ଜାନୁଆରୀ ୨୨ ତାରିଖରେ ଏତେ ଅଧିକ ତାପମାତ୍ରା ରେକର୍ଡ ହୋଇଛି।



ସ୍ଥାନୀୟ ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁସାରେ, ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏଥିସହ ତାପମାତ୍ରାରେ ବୃଦ୍ଧି ଘଟିବ। ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏଥିସହ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ବିଶେଷକରି ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ଦେଓଗଡ଼, ସୁନ୍ଦରଗଡ଼, କୋରାପୁଟ ଆଦିରେ ଘନ କୁହୁଡି ନେଇ କେତେକ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଥିବା ଜଣାପଡ଼ିଛି। ସେହିପରି ଆଜି ଭୁବନେଶ୍ୱର ଓ କଟକରେ ତାପମାତ୍ରା ସମ୍ପର୍କରେ ଆଲୋଚନା କଲେ, ରାଜଧାନୀରେ ସର୍ବନିମ୍ନ ତାପମାତ୍ରା ୧୯.୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସର୍ବାଧିକ ତାପମାତ୍ରା ୩୨.୪ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିଥିଲା। ସେହିପରି କଟକରେ ସର୍ବାଧିକ ତାପମାତ୍ରା ୨୮.୮ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୧୮.୮ ଡିଗ୍ରୀ ସେଣ୍ଟିଗ୍ରେଡ୍ ରେକର୍ଡ କରାଯାଇଛି।

## ୪ କୋଟି ସାଇବର ଠକେଇ, ୭ ଗିରଫ

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** କଟକର ଜଣେ ବ୍ୟବସାୟୀଙ୍କୁ ସେୟାର ମାର୍କେଟରେ ପୁଞ୍ଜି ନିବେଶ ପାଇଁ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସାମିଲ କରି ଠକେଇ କରିଥିବା ମାମଲାରେ ଆଜି ଆଉ ଜଣଙ୍କୁ ଗିରଫ କରାଯାଇଛି। ରାମ ଇନଭେଷ୍ଟମେଣ୍ଟ ଏକାଡେମୀ ଗ୍ରୁପ୍‌ରେ ସାମିଲ ହେବା ପରେ ପୁଞ୍ଜି ନିବେଶ ପାଇଁ ଟିପ୍ସ ଦିଆଯାଇଥିଲା। ଲୋଭ ଦେଖାଇ ବୈଜ୍ଞାନିକ ଓ ବ୍ୟବସାୟୀଙ୍କଠାରୁ ପାଖାପାଖି ୪ କୋଟି ଟଙ୍କା ଠକିନେଇଥିଲେ। ଏହି ମାମଲାରେ ପୂର୍ବରୁ ୫ ଜଣ ବନ୍ଦୀ ହୋଇଥିବା ବେଳେ ଏବେ ଆଉ ଦୁଇ ଜଣଙ୍କୁ ମଧ୍ୟପ୍ରଦେଶର ଉଜ୍ଜୟିନୀରୁ କ୍ରାଇମ ବ୍ରାଞ୍ଚ୍ ଗିରଫ କରିଛି। ଭୁବନେଶ୍ୱରରେ ଜଣେ ବୈଜ୍ଞାନିକଙ୍କ ଆଧାର ନମ୍ବର ଓ ତାଙ୍କ ନାଁ ବ୍ୟବହାର କରି ଜାପାନକୁ କୋରିଅର ପଠାଯାଇଥିବା ନେଇ ଅଜ୍ଞାତ କଲ ଆସିଥିଲା। ସେହି କୋରିଅରରେ ୫ଟି ପାସପୋର୍ଟ, ୩ଟି କ୍ରେଡିଟ୍ କାର୍ଡ, ୨୦୦ ଗ୍ରାମ୍ ବେଆଇନ ଡ୍ରଗ୍ସ, ୪ କେଜି ଲୁଗାପଟା, ଲାପଟପ୍ ଓ ୩୫ ହଜାର ଟଙ୍କା ଥିଲା ବୋଲି କୁହାଯାଇଥିଲା। ସମ୍ପୃକ୍ତ କୋରିଅରଟିକୁ କଷ୍ଟମ୍ସ ବିଭାଗ ଜବତ କରି ନାର୍କୋଟିକ୍ସ ବିଭାଗରେ ଏତଲା ଦେଇଛି ବୋଲି ଧମକ ଦିଆଯାଇଛି ବୋଲି ଧମକ ଦେବା ସହ ସାଇବର୍ ଠକ ଜଣକ ଡିଜିଟାଲ୍ ଆରେଷ୍ଟ ନାଁରେ ୬ ଲକ୍ଷ ୮୨ ହଜାର ଟଙ୍କା ୩ଟି ପର୍ଯ୍ୟାୟରେ ଟ୍ରାନ୍ସଫର୍ କରାଇନେଇଥିଲା। ପରବର୍ତ୍ତୀ ସମୟରେ ଏହା ଜାଣିପାରି ଉକ୍ତ ବୈଜ୍ଞାନିକ ଜଣକ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସାଇବର ଥାନା ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ସମୟରେ ମଧ୍ୟପ୍ରଦେଶରୁ ଲିଙ୍କ୍ ପାଇଥିଲା। ଏହା ପରେ କ୍ରାଇମବ୍ରାଞ୍ଚ ଉଜ୍ଜୟିନୀରୁ ଅଭିଯୁକ୍ତ ସଚିନ କୋଲାଣକୁ ଗିରଫ କରିଥିଲା। ସେହିପରି କଟକର ବ୍ୟବସାୟୀଙ୍କୁ ସେୟାର ମାର୍କେଟରେ ପୁଞ୍ଜି ନିବେଶ ପାଇଁ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସାମିଲ କରି ଠକେଇ କରିଥିଲେ। ରାମ ଇନଭେଷ୍ଟମେଣ୍ଟ ଏକାଡେମୀ ଗ୍ରୁପ୍‌ରେ ସାମିଲ ହେବା ପରେ ସେୟାର କିଣିବା ପାଇଁ ଟେକଷ୍ଟାର ପ୍ରୋ ନାମକ ପ୍ରିଭିଲେଜ୍‌ରେ ଆକାଉଣ୍ଟ ଖୋଲିବାକୁ ବ୍ୟବସାୟୀଙ୍କୁ ଠକମାନେ କହିଥିଲେ। ସେମାନଙ୍କ ପରାମର୍ଶ କ୍ରମେ ବ୍ୟବସାୟୀ ଜଣଙ୍କ ୨ କୋଟି ୫୮ ଲକ୍ଷ ୬୦ ହଜାର ଟଙ୍କା ଏକ ଥାର୍ଡ ପାର୍ଟି ଆକାଉଣ୍ଟରେ ଜମା କରିଥିଲେ। ତେବେ ସେ ଠକାମୀର ଶିକାର ହୋଇଛନ୍ତି ଜାଣିବାକୁ ପାଇ ସାଇବର ଥାନାରେ ଏତଲା ଦେଇଥିଲେ।

### ଅଭାବନୀୟ

## ବଳାତ୍କାର ଅଭିଯୋଗରେ ବାପା ଗିରଫ

**ସରଣ୍ଡା,୨୪।୧(ସଂଚାର ବ୍ୟୁରୋ):** ବରଗଡ଼ରେ ଏକ ଅଭାବନୀୟ ଓ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ନିଜର ନାବାଳିକା କନ୍ୟାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଅତାବିରା ଅଞ୍ଚଳର ଏହି ଘଟଣାରେ ପୀଡ଼ିତାଙ୍କ ମା’ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ବାପା ବିରୋଧରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଇଛି। ମିଳିଥିବା ସୂଚନାନୁସାରେ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ କାରଣରୁ ଅଭିଯୁକ୍ତଙ୍କ ପତ୍ନୀ ସମ୍ବଲପୁର ଜିଲାରେ ତାଙ୍କ ବାପା-ମା’ଙ୍କ ଘରେ ରହିଆସୁଛନ୍ତି। ବେଳେବେଳେ ସେ ତାଙ୍କର ୧୨ ବର୍ଷୀୟ ଝିଅ ଏବଂ ୧୦ ବର୍ଷୀୟ ପୁଅକୁ ଭେଟିବା ପାଇଁ ଅତାବିରାରେ ତାଙ୍କ ସ୍ୱାମୀଙ୍କ ଘରକୁ ଆସୁଥିଲେ। ତେବେ ପୀଡ଼ିତାଙ୍କ ମା’ଙ୍କ ଅଭିଯୋଗ ଅନୁଯାୟୀ, ଗତ ବୁଧବାର ରାତିରେ ୩୬ ବର୍ଷୀୟ ବାପା ତାଙ୍କ ଝିଅକୁ ବଳାତ୍କାର ଉଦ୍ୟମ କରିଥିଲେ। ପରଦିନ ସକାଳେ ପୀଡ଼ିତା ଫୋନ୍ ଯୋଗେ ତାଙ୍କୁ ଏହା ଜଣାଇବା ପରେ ସେ (ମା’) ତୁରନ୍ତ ଘରେ ପହଞ୍ଚି ଝିଅକୁ ଭେଟିଥିଲେ। ପରେ ଏନେଇ ସେ ଅତାବିରା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ତଦନ୍ତ କରି ପୁଲିସ୍ ଗତକାଲି ରାତିରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ ପୀଡ଼ିତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ହସ୍ପିଟାଲ ପଠାଇଥିବା ଜଣାପଡ଼ିଛି।

## ଗଛକୁ ପିଟିଲା ଅତିରିକ୍ତ ଏସ୍‌ପିଙ୍କ ଗାଡ଼ି, ୪ ଆହତ

**ଭଞ୍ଜନଗର,୨୪।୧(ସଂଚାର ବ୍ୟୁରୋ):** ଭଞ୍ଜନଗର ଅତିରିକ୍ତ ରଞ୍ଜନ କୁମାର ଦେ’ଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଭଞ୍ଜନଗର ଥାନା ଶାଳୁଆପଲ୍ଲୀ ନିକଟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଅତିରିକ୍ତ ଏସ୍‌ପିଙ୍କ ଗାଡ଼ିଟି ରାସ୍ତା କଡ଼ରେ ଏକ ଗଛ ସହ ପିଟିହୋଇ ଓଲଟି ପଡ଼ିବାରୁ ଏଥିରେ ଏଏସ୍‌ପିଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଏଏସପିଙ୍କ ଶାଶୁ, ସ୍ତ୍ରୀ ଓ ଡ୍ରାଇଭର। ଦୁର୍ଘଟଣା ପରେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲକୁ ପଠାଇଥିଲେ। ପରେ ସମସ୍ତ ଆହତଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ କୌଣସି କାମରେ ନିଜ ପୈତୃକ ଘର ବାଲେଶ୍ୱର ଯାଇଥିବା ଏଏସ୍‌ପି ପରିବାର ସହ ଭଞ୍ଜନଗର ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି।



## ଚଳନ୍ତା ଟ୍ରେନରୁ ଖସି ଯୁବକଙ୍କ ମୃତ୍ୟୁ

**ବାଲୁଗାଁ,୨୪।୧(ସଂଚାର ବ୍ୟୁରୋ):** ବାଲୁଗାଁ ରେଳ ଷ୍ଟେସନରେ ଆଜି ଏକ ଅଘଟଣ ଘଟିଛି। ଚଳନ୍ତା ଟ୍ରେନରୁ ଖସି ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱରରୁ ବେଙ୍ଗାଲୁରୁ ଯାଉଥିବା ପ୍ରଶାନ୍ତି ଏକ୍ସପ୍ରେସରୁ ଓହ୍ଲାଉଥିବା ସମୟରେ ଉକ୍ତ ଯୁବକ ଜଣଙ୍କ ଏପରି ଅଘଟଣର ଶିକାର ହୋଇ ପ୍ରାଣ ହରାଇଛନ୍ତି। ଷ୍ଟେସନର ଦକ୍ଷିଣ କ୍ୟାବିନ ନିକଟରେ ଏହି ଅଘଟଣ ଘଟିଛି। ପ୍ରାଣ ହରାଇଥିବା ଯୁବକ ଜଣଙ୍କ ଖୋର୍ଦ୍ଧା ଜିଲ୍ଲା ବାଣପୁର ଅଞ୍ଚଳର ରୋପଡା ଗ୍ରାମର ସତ୍ୟବାଦୀ ସ୍ୱାଇଁ ଓ ତାଙ୍କ ବୟସ ୪୪ ବର୍ଷ ବୋଲି ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ ଗତ ବର୍ଷ ଡିସେମ୍ବର ୨୭ରେ ଚଳନ୍ତା ଟ୍ରେନ୍‌ରୁ ଖସି ମା’ ଓ ପୁଅ ଗୁରୁତର ଭାବେ ଆହତ ହୋଇଥିଲେ। ଢେଙ୍କାନାଳ ଡାଣ୍ଡିମାଳ ଷ୍ଟେସନରେ ଚଳନ୍ତା ଟ୍ରେନ୍‌ରୁ ଓହ୍ଲାଇଲା ସମୟରେ ଉଭୟ ମା’-ପୁଅ ଏପରି ଅଘଟଣର ଶିକାର ହୋଇଥିଲେ। ମା’-ପୁଅ ପାସେଞ୍ଜର ଟ୍ରେନ ବଦଳରେ ଭୁଲବଶତଃ ପୁରୀ ଦୁର୍ଗ ଏକ୍ସପ୍ରେସରେ ଚଢ଼ିଯାଇଥିଲେ। ସେମାନଙ୍କର ଢେଙ୍କାନାଳ ନିକଟସ୍ଥ ଡାଣ୍ଡିମାଳ ଷ୍ଟେସନରେ ସେମାନଙ୍କର ଓହ୍ଲାଇବାର ଥିଲା। କିନ୍ତୁ ଏକ୍ସପ୍ରେସ ଟ୍ରେନ ହୋଇଥିବାରୁ ଟ୍ରେନ୍‌ଟି ସେଠାରେ ଅଟକି ନଥିଲା। ତେଣୁ ମା’-ପୁଅ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ପୁଅର ଗୋଡ଼ ବଗିର ଡୋର୍ ନିକଟରେ ଖସିଯାଇଥିଲା। ପୁଅକୁ ଧରିବାକୁ ଯାଇ ମା’ ମଧ୍ୟ ଖସିପଡ଼ିଥିଲେ।

## କୁଳଦୀପ ମୀନା ରାଜ୍ୟପାଳଙ୍କ ନୂଆ ଏଡିସି

**ଭୁବନେଶ୍ୱର,୨୪।୧ (ସଂଚାର ବ୍ୟୁରୋ):** ରାଜ୍ୟପାଳଙ୍କ ଏଡିସି ଭାବେ ୨୦୨୧ ବ୍ୟାଚ୍ ଆଇପିଏସ୍ କୁଳଦୀପ ମୀନାଙ୍କୁ ନିଯୁକ୍ତି ମିଳିଛି । ସେ ତାଙ୍କର ଏହି ନୂଆ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି । ପୂର୍ବ ରାଜ୍ୟପାଳ ରଘୁବର ଦାସଙ୍କ ସମୟରେ ୨୦୨୪ ମେ’ ମାସରୁ ଏଡିସି ଭାବେ ଲେଫଟନାଣ୍ଟ କମାଣ୍ଡର ନୀତିନ୍ ତ୍ରିପାଠୀ କାର୍ଯ୍ୟ କରୁଥିଲେ । ରାଜ୍ୟ ଗୃହ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୨୧ ବ୍ୟାଚ୍ ଆଇପିଏସ୍ କୁଳଦୀପ ମୀନାଙ୍କୁ ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତି ମିଳିଛି । ସେ ବୌଦ୍ଧ ଏସଡିପିଓ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କୁ ସ୍ଥାନୀୟସ୍ତରରେ ରିଲିଭ୍ କରାଯିବା ପରେ ସେ ରାଜ୍ୟପାଳଙ୍କ ଏଡିସି ଭାବେ ଯୋଗ ଦେଇଥିବା ଜଣାପଡ଼ିଛି । ରାଜ୍ୟପାଳ ଡଃ ହରିବାବୁ କମ୍ଭମପତି ଜାନୁୟାରୀ ପ୍ରଥମ ସପ୍ତାହରେ ଓଡ଼ିଶାରେ ଯୋଗ ଦେବା ପରେ ଲେଫଟନାଣ୍ଟ କମାଣ୍ଡର ନୀତିନ ତ୍ରିପାଠୀଙ୍କୁ ହଟାଇ ଜଣେ ଆଇପିଏସ ଅଫିସରଙ୍କୁ ତାଙ୍କର ଏଡିସି(ଏଡ୍ -ଡେ-କ୍ୟାମ୍ପ) ଭାବେ ନିଯୁକ୍ତି ଦିଆଯାଇଛି ।

## ବଢ଼ିଲା ରାଜେଶ ପଣ୍ଡିତଙ୍କ ନିଲମ୍ବନ ଅବଧି

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ପୁଣି ବଢ଼ିଲା ବିବାଦୀୟ ଆଇପିଏସ ରାଜେଶ ପଣ୍ଡିତଙ୍କ ନିଲମ୍ବନ ଅବଧି । ଆସନ୍ତାକାଲି ତାଙ୍କ ନିଲମ୍ବନ ଅବଧି ଶେଷ ହେଉଥିବା ବେଳେ ଏହାକୁ ଆହୁରି ୬୦ ଦିନ ବୃଦ୍ଧି କରିଛି ଗୃହ ବିଭାଗ । ପୂର୍ବରୁ ମଧ୍ୟ ଦୁଇ ଥର ତାଙ୍କ ନିଲମ୍ବନ ଅବଧି ବୃଦ୍ଧି କରାଯାଇଥିଲା । ଭାରତୀୟ ପୋଲିସ ସେବା ଆଇନ ଉଲ୍ଲଙ୍ଘନ କରିବା ଅଭିଯୋଗରେ ୨୦୦୭ ବ୍ୟାଚର ଆଇପିଏସ ଅଧିକାରୀ ରାଜେଶ ପଣ୍ଡିତଙ୍କୁ ନିଲମ୍ବିତ କରିଛନ୍ତି ରାଜ୍ୟ ସରକାର । ମାମଲାର ସମୀକ୍ଷା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା କମିଟିର ବୈଠକ ହୋଇଥିଲା । ସମୀକ୍ଷା କମିଟି ସମସ୍ତ ଦଲିଲକୁ ଯାଞ୍ଚ କରିବା ପରେ ରାଜଶେ ପଣ୍ଡିତଙ୍କ ନିଲମ୍ବନ ଅବଧି ବୃଦ୍ଧି ପାଇଁ ସୁପାରିଶ କରିଥିଲେ । ଏହାପରେ ତାଙ୍କ ନିଲମ୍ବନ ଅବଧିକୁ ଆହୁରି ୬୦ ଦିନ ବୃଦ୍ଧି କରାଯାଇଛି ।

## ନବୋଦୟ ବିଦ୍ୟାଳୟରେ ଝାଡ଼ାବାନ୍ତି, ୧୫୦ ଛାତ୍ରଛାତ୍ରୀ ଆକ୍ରାନ୍ତ

**ନବରଙ୍ଗପୁର,୨୪।୧(ସଂଚାର ବ୍ୟୁରୋ):** ନବରଙ୍ଗପୁରରେ ଝାଡ଼ାବାନ୍ତିର ପ୍ରକୋପ ଦେଖିବାକୁ ମିଳିଛି ଏବଂ ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ନବରଙ୍ଗପୁର ଜିଲ୍ଲା ଖାତିଗୁଡ଼ାରେ ଥିବା ଜବାହର ନବୋଦୟ ବିଦ୍ୟାଳୟ (ଜେଏନ୍‌ଭି) ରେ ଏହି ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ଗତକାଲି ୯ ଜଣ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇ ତେନ୍ତୁଳୀଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହେବା ପରେ ଏହି ଘଟଣା ପଦାକୁ ଆସିଛି। ସେହିପରି ଏହି ଝାଡ଼ାବାନ୍ତିରେ ଆଉ କେତେକ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ଏକ ଡାକ୍ତରୀ ଟିମ ବିଦ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି। ଉକ୍ତ ଡାକ୍ତରୀ ଟିମ୍‌ଠାରୁ ମିଳିଥିବା ସୂଚନାନୁସାରେ, ବିଦ୍ୟାଳୟର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଉକ୍ତ ଡାକ୍ତରି ଟିମ ସେଠାରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଚିକିତ୍ସା ଜାରି ରଖିଥିବା ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ଏହି ଝାଡ଼ାବାନ୍ତି ବ୍ୟାପିଛି, ତା’ର କୌଣସି ଠୋସ୍ କାରଣ ଜଣାପଡ଼ିନାହିଁ। କିନ୍ତୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଡାକ୍ତରୀ ଟିମ୍ ବିଦ୍ୟାଳୟରେ ବ୍ୟବହାର ହେଉଥିବା ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ସକାଶେ ଲ୍ୟାବକୁ ପଠାଇଥିବା ଜଣାପଡ଼ିଛି। ପରୀକ୍ଷା ରିପୋର୍ଟ ଆସିବା ପରେ ଝାଡ଼ାବାନ୍ତି ବ୍ୟାପିବାର କାରଣ ସ୍ପଷ୍ଟ ହେବ। କିନ୍ତୁ ସ୍ଥାନୀୟ ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଜନସାଧାରଣ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏ ସଂକ୍ରାନ୍ତରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରତ୍ନାକର ସାହୁ କହିଛନ୍ତି ଯେ ଛାତ୍ରଛାତ୍ରୀମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ପରେ ତୁରନ୍ତ ଏନେଇ ତେନ୍ତୁଳିଖୁଣ୍ଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରଙ୍କୁ ଖବର ଦିଆଯାଇଥିଲା। ଡାକ୍ତରୀ ଟିମ୍ ତୁରନ୍ତ ବିଦ୍ୟାଳୟରେ ପହଞ୍ଚି ଚିକିତ୍ସା ଆରମ୍ଭ କରିବା ଫଳରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ସେହିପରି ତେନ୍ତୁଳିଖୁଣ୍ଟୀ ସିଏଚ୍‌ସି ଡାକ୍ତର ଶୁଭେନ୍ଦୁ ବାଗ ସମସ୍ତ ପ୍ରଭାବିତଙ୍କୁ ଔଷଧ ଦିଆଯାଇଛି। କେତେକ ଆକ୍ରାନ୍ତଙ୍କୁ ଡାକ୍ତରଖାନାରେ ଆଡମିଟ୍ କରାଯାଇଛି। କିନ୍ତୁ ଅଦ୍ୟାବଧି ଏହି ଝାଡ଼ାବାନ୍ତି ବ୍ୟାପିବାର ଠୋସ୍ କାରଣ ଜଣାପଡ଼ିନାହିଁ ବୋଲି ଡାକ୍ତର ବାଗ କହିଛନ୍ତି।





## ଆତ୍ମସମର୍ପଣ କଲେ ୯ ମାଓବାଦୀ

**ନାରାୟଣପୁର,୨୪।୧(ସଂଚାର ବ୍ୟୁରୋ):** ସରକାରଙ୍କ ମାଓ ଦମନ ଅଭିଯାନ ଆରମ୍ଭ ହେବା ପରେ ସଂଗଠନରେ ଅଧିକାଂଶ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଯାହା ଫଳରେ ନିଜ ଜୀବନ ବଞ୍ଚାଇବାକୁ ଯାଇ ମୁଖ୍ୟସ୍ରୋତରେ ସାମିଲ ହେବାରେ ଲାଗିଛନ୍ତି ଅଧିକାଂଶ ମାଓବାଦୀ। ଏନେଇ ଆଜି ପୁଣି ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୂଚନା ମୁତାବକ, ଛତିଶଗଡ଼ର ନାରାୟଣପୁର ପୁଲିସ ନିକଟରେ ଶୁକ୍ରବାର ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ରମେଶ ବଡ଼ଦା, ସନ୍ତୁ ବଡ଼ଦା, ମାସା ବଡ଼ଦା, ପୁନଉରାମ ବଡ଼ଦା, ଅଜୟ ଧ୍ରୁବ, ସୁଦିଲ କୁମେଟି, ଆୟତୁ ଉସେଣ୍ଡି, କରଓ୍ୱେ ବଡ଼ଦା ଏବଂ ଅନିଲ ବଡ଼ଦା।

## କେନ୍ଦୁଝର ଜଙ୍ଗଲରେ ଖୋଜା ଚାଲିଛି ସୁନା

**କେନ୍ଦୁଝର,୨୪।୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ତରମାକାନ୍ତ ପଞ୍ଚାୟତ ଜଳଡ଼ିହା ଜଙ୍ଗଲର ସୁନା ଖୋଜା ଚାଲିଛି । ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ବଡ ମେସିନ ଲଗାଇ ମାଟି ତଳୁ ସୁନାର ନମୁନା ସଂଗ୍ରହ କରାଯାଉଛି। ସଂଗ୍ରହ କରାଯାଉଥିବା ପଥର ଗୁଡିକୁ ଅତି ଯତ୍ନର ସହ ରଖି ପରୀକ୍ଷା ପାଇଁ ନିଆଯାଉଛି। କୁହାଯାଉଛି, ସଂଗ୍ରହ ହେଉଥିବା ସୁନାର ମାନ ଅତ୍ୟନ୍ତ ଉଚ୍ଚମାନର। ଏଠାରେ ସୁନା ସଂଗ୍ରହ କଥା ଶୁଣିବା ପରେ ଜଂଗଲରେ ଲୋକଙ୍କ ଭିଡ଼ ଜମୁଛି। ସୁନାଖଣି ହେଲେ କେବଳ କେନ୍ଦୁଝର ଜିଲ୍ଲା ନୁହେଁ, ସମଗ୍ର ରାଜ୍ୟର ବିକାଶ ହେବ ବୋଲି ଲୋକ ଆଶା ବାନ୍ଧିଛନ୍ତି । ପୂର୍ବରୁ ଏଠାରୁ ସୁନା ମିଳୁଥିବାରୁ ଏହି ଜଙ୍ଗଲକୁ ସୁନାଖଣି ଜଙ୍ଗଲ ବୋଲି କୁହାଯାଉଥିଲା। ଏଠାରେ ୮୦ ଦଶକରୁ ସରକାର ସୁନାର ନମୁନା ସଂଗ୍ରହ ଆରମ୍ଭ କରିଥିଲେ ମଧ୍ୟ କିଛି ବର୍ଷ ବନ୍ଦ ଥିଲା। ଏବେ ଜିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ ତରଫରୁ ୨୧ଟି ସ୍ଥାନରେ ସୁନାର ନମୁନା ସଂଗ୍ରହ ଚାଲିଛି। ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସର୍ଭେ ଚାଲିବ। ସୁନାର ନମୁନା ପରୀକ୍ଷାଗାରରେ ପରୀକ୍ଷା ପରେ ସରକାର ସୁନାଖଣି ନେଇ ନିଷ୍ପତ୍ତି ନେବେ । ଅନ୍ୟ ଖଣିଜ ଦ୍ରବ୍ୟ ପାଇଁ କେନ୍ଦୁଝର ଜିଲ୍ଲା ଜଣାଶୁଣା ଥିବା ବେଳେ ଏବେ ସୁନାଖଣି ନେଇ ଉତ୍ସୁକତା ପ୍ରକାଶ ପାଉଛି।

## ବିଜେଡି ସମର୍ଥିତ ସରପଞ୍ଚଙ୍କୁ ୱାର୍ଡମେମ୍ବର ଟେନ୍‌ସନ୍

**ଦାରିଙ୍ଗବାଡ଼ି,୨୪।୧(ସଂଚାର ବ୍ୟୁରୋ):** ପୁଣି ବିଜେଡିକୁ ଝଟ୍‌କା ମିଳିଛି। ବିଜେଡି ସମର୍ଥିତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଅଭିଯୋଗ ଆସିଥିବା ବେଳେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ପଞ୍ଚାୟତର ୧୬ ଜଣ ୱାର୍ଡ ମେମ୍ବର ସରପଞ୍ଚଙ୍କ ବିରୋଧରେ ଉପଜିଲ୍ଲାପାଳଙ୍କ ପାଖରେ ଅନାସ୍ଥା ଆବେଦନ କରିଛନ୍ତି। ଏହାକୁ ନେଇ କନ୍ଧମାଳ ଜିଲ୍ଲା ରାଜନୀତି ଉଷ୍ମ ହୋଇଛି। ଦାରିଙ୍ଗବାଡ଼ି ପଞ୍ଚାୟତରେ ୨୨ଟି ୱାର୍ଡ ରହିଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ବିଜେଡି ସମର୍ଥିତ ଚନ୍ଦ୍ରିକା ମଲିକ ନିର୍ବାଚିତ ହୋଇଥିଲେ। ଆଜି ତାଙ୍କ ବିରୋଧରେ ଆସିଛି ଅନାସ୍ଥା ଅଭିଯୋଗ। ତାଙ୍କ ବିରୋଧରେ ୧୬ ଜଣ ୱାର୍ଡମେମ୍ବର ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ୱାର୍ଡ ମେମ୍ବରମାନେ ଆଜି ବାଲିଗୁଡ଼ା ଉପଜିଲ୍ଲାପାଳ ରୀନା ପ୍ରଧାନଙ୍କ ନିକଟରେ ଫେରାଦ ହୋଇ ଅନାସ୍ଥା ଆବେଦନ କରିଛନ୍ତି।

ୱାର୍ଡମେମ୍ବରମାନେ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ୩ ବର୍ଷ ଧରି ସରପଞ୍ଚ ଚନ୍ଦ୍ରିକା ମଲିକ ପଞ୍ଚାୟତରେ ମନମୁଖୀ କାର୍ଯ୍ୟ କରୁଛନ୍ତି। ୱାର୍ଡ ମେମ୍ବରମାନଙ୍କୁ ଅଣଦେଖା କରିଆସୁଛନ୍ତି। ଏପରିକି ପଞ୍ଚାୟତର ସମସ୍ତ ଠିକା କାର୍ଯ୍ୟ ନିର୍ଦ୍ଦିଷ୍ଟ ଦୁଇ ଜଣ ଠିକାଦାରଙ୍କୁ ଦେଉଛନ୍ତି। ଏଥିସହ ମାସିକ ବୈଠକ ବି କରୁନାହାନ୍ତି। ପଲ୍ଲୀସଭା ଓ ଗ୍ରାମ ସଭାରେ ପ୍ରସ୍ତାବିତ କାର୍ଯ୍ୟକୁ କାର୍ଯ୍ୟକାରୀ କରୁନାହାନ୍ତି। ବୃଦ୍ଧବୃଦ୍ଧାଙ୍କ ଭତ୍ତା ଟଙ୍କା ଆତ୍ମସାତ କରୁଥିବା ଭଳି ଏକାଧିକ ଅଭିଯୋଗ ହୋଇଛି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରପଞ୍ଚ ଚନ୍ଦ୍ରିକା ମଲିକଙ୍କ ବିରୋଧରେ ଆମେ ଅନାସ୍ଥା ପ୍ରସ୍ତାବ ଅଭିଯୋଗ ଆଣି ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିବା ୱାର୍ଡମେମ୍ବରମାନେ କହିଛନ୍ତି।

## ବରିଷ୍ଠ ଆଇଏଫ୍‌ଏସ୍ ଅଧିକାରୀ ତଥା ଗବେଷକ ବିଜୟ ସ୍ୱାଇଁଙ୍କ ପରଲୋକ

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ବନୀକରଣ, ଆରଣ୍ୟ ବୃକ୍ଷ ଗବେଷଣା, ବାଉଁଶ ବନ ପରିଚାଳନା, ଓଡିଶାର ଔଷଧୀୟ ଉଦ୍ଭିଦ ଓ ଗୋଷ୍ଠୀ ବନ ପରିଚାଳନା କ୍ଷେତ୍ରରେ ଗବେଷଣା ଓ ଉଦ୍ଭାବନ ପାଇଁ ଅତ୍ୟନ୍ତ ପ୍ରତିଶ୍ରୁତିବଦ୍ଧ ପରିବେଶବିତ, ବନବିଜ୍ଞାନ ବିଶାରଦ ତଥା ଭାରତୀୟ ବନ ସେବା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କର ଗତକାଲି ଏଠାକାର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ଶ୍ରୀ ସ୍ୱାଇଁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବା ସହ ୨୦୦୮ରେ ସରକାରୀ ଚାକିରିରୁ ସେବାନିବୃତ୍ତ ହୋଇଥିଲେ। ଏହାପରେ ସେ କଳିଙ୍ଗର ଗୌରବମୟ ସାମୁଦ୍ରିକ ଇତିହାସ ଉପରେ ଗବେଷଣା ଜାରି ରଖିଥିଲେ। କଳିଙ୍ଗ ପରମ୍ପରାକୁ ଅନୁସନ୍ଧାନ କରିବା ପାଇଁ ସେ ପୂର୍ବପୁରୁଷ ସମ୍ବନ୍ଧୀୟ ସ୍ଥାନକୁ ପରିଦର୍ଶନ କରିବା ସହ ସଂସ୍କୃତ ଗ୍ରନ୍ଥ ଏବଂ ଶିଳାଲେଖୀ ଆଦି ପଢ଼ିଥିଲେ। ସେ କଳିଙ୍ଗ ପରମ୍ପରା ଏବଂ କଳିଙ୍ଗ- ଦକ୍ଷିଣ-ପୂର୍ବ ଏସିଆର ଭାରତୀୟକରଣ ନାମରେ ଦୁଇଟି ପୁସ୍ତକ ମଧ୍ୟ ରଚନା କରିଥିଲେ। ତାଙ୍କର ଦୁଇ ଝିଅ ଡାକ୍ତର ରୋମା ରତନ ଯୁଗ୍ମ ଡିଏମଇଟି ଭାବେ କାର୍ଯ୍ୟ କରୁଥିବା ରୂପା ରୋଶନ ସାହୁ ଆଇଏଏସ ଅଛନ୍ତି। ସେହିପରି ତାଙ୍କ ବଡ଼ ଜ୍ୱାଇଁ ଡାକ୍ତର ଦେବାଶିଷ ନାୟକ ଆପୋଲୋ ହସ୍ପିଟାଲରେ ବରିଷ୍ଠ ଉପଦେଷ୍ଟା, କାର୍ଡିଓଥୋରାସିକ୍ ଓ ଭାସ୍କୁଲାର ସର୍ଜନ ଭାବେ କାର୍ଯ୍ୟରତ। ସାନ ଜ୍ୱାଇଁ ଅନୁପ କୁମାର ସାହୁ ଆଇପିଏସ୍ ଭାବେ ଅବସ୍ଥାପିତ। ତାଙ୍କ ଅବର୍ତ୍ତମାନରେ ପରିବାରରେ ପତ୍ନୀ ଜୟନ୍ତୀ ସ୍ୱାଇଁ, ଦୁଇ ଝିଅ, ଜ୍ୱାଇଁ ଓ ନାତିନାତୁଣୀ ରାଜିନ, ରିଦ୍ଧି ଓ କୁହୁ ରହିଛନ୍ତି।



# ଜମି ଜବରଦଖଲ ନେଇ ୧୪ ଲକ୍ଷ ମାମଲା

**ଭୁବନେଶ୍ୱର,୨୪।୧ (ତଥ୍ୟ):** ସରକାରଙ୍କୁ ନାକେଦମ କରୁଛନ୍ତି ଜମି ଜବରଦଖଲକାରୀ । ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ସରକାର ଲକ୍ଷ ଲକ୍ଷ ମାମଲା ଲଢୁଥିବାବେଳେ ଏଥିପାଇଁ ବିପୁଳ ପରିମାଣର ଅର୍ଥ ବି ବ୍ୟୟ ହେଉଛି ।

ମିଳିଥିବା ସୂଚନା ଅନୁଯାୟୀ ସମଗ୍ର ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ସରକାରୀ ଜମିକୁ ଜବରଦଖଲରୁ ମୁକୁଳାଇବା ପାଇଁ ୧୪ଲକ୍ଷରୁ ଅଧିକ ମାମଲା ରୁଜୁ ହୋଇଛି । ବିଭିନ୍ନ ଜିଲ୍ଲାରେ ମାଫିଆମାନେ ସରକାରୀ ଜମିକୁ ଜବରଦଖଲ କରିବାପରେ ତାହା କିଭଳି ସରକାରୀ ଖାତାକୁ ଆସିବ ସେଥିପାଇଁ ଏଭଳି ମାମଲା ଲଢ଼ାଯାଉଥିବାବେଳେ ଏ ବାବଦରେ ରାଜକୋଷରୁ ବିପୁଳ ପରିମାଣର ଅର୍ଥ ବ୍ୟୟ ହେଉଛି ।

ଗତ ୧୦ ବର୍ଷରେ ରାଜ୍ୟର ୩୦ଟି ଜିଲ୍ଲାରେ ଜବରଦଖଲ ଜମି ଉଚ୍ଛେଦ ପାଇଁ ୧୪ ଲକ୍ଷ ୩୧ ହଜାର ୨୧୮ଟି ମାମଲା ରୁଜୁ ହୋଇଥିବାବେଳେ ଏଥିରୁ ୧୩ଲକ୍ଷରୁ ଅଧିକ ମାମଲା ଫଏସଲା ହୋଇଛି। ତେବେ ଜବରଦଖଲ ମାମଲା କ୍ଷେତ୍ରରେ ନବରଙ୍ଗପୁର ଜିଲ୍ଲା ସବୁଠାରୁ ଆଗରେ ରହିଛି। ଏହି ଜିଲ୍ଲାରେ ଲକ୍ଷେରୁ ଅଧିକ ମାମଲା ରୁଜୁ ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ବି ଲକ୍ଷେରୁ ଅଧିକ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ସେହିଭଳି ସୁନ୍ଦରଗଡ ଜିଲ୍ଲାରେ ୮୪ ହଜାରରୁ ଅଧିକ ମାମଲା ରୁଜୁ ହୋଇଥିବାବେଳେ କଳାହାଣ୍ଡି ଜିଲ୍ଲାରେ ୭୪ ହଜାରରୁ ଅଧିକ ମାମଲା ରୁଜୁ ହୋଇଛି । ବରଗଡ଼ ଜିଲ୍ଲାରେ ରୁଜୁ ମାମଲା ସଂଖ୍ୟା ୭୩ହଜାରରୁ ଅଧିକ ରହିଛି । ସବୁଠାରୁ କମ୍ ୧୦ ହଜାର ମାମଲା ବୌଦ୍ଧ ଜିଲ୍ଲାରେ ହୋଇଛି ।



ତେବେ ମୁଖ୍ୟମନ୍ତ୍ରୀ ଜବରଦଖଲକାରୀଙ୍କ ହଟାଇବାପାଇଁ ନିର୍ଦ୍ଦେଶ ଦେବା ପରେ ଏବେ ସମଗ୍ର ରାଜ୍ୟରେ ପ୍ରଶାସନ ଅଭିଯାନ ଆରମ୍ଭ କରିଛି। ହେଲେ ଜମି ଜବରଦଖଲକାରୀମାନେ କିନ୍ତୁ ଯେକୌଣସି ପ୍ରକାରେ ସରକାରୀ ଜମିକୁ ଦଖଲ କରିବାରେ ଲାଗିଛନ୍ତି । ଅଧିକାଂଶ ସ୍ଥାନରେ ଜମି ମାଫିଆମାନେ ସରକାରୀ ଜମି ଉପରେ ଘରଦ୍ୱାର ଗଢ଼ି ସେଥିରୁ ଭଡ଼ା ବାବଦରେ କୋଟି କୋଟି ଟଙ୍କା ରୋଜଗାର କରୁଥିବା ବେଳେ ସରକାର କିନ୍ତୁ ରାଜକୋଷରୁ ଅର୍ଥ ବ୍ୟୟ କରି ମାମଲା ଲଢୁଛନ୍ତି।

ମାଫିଆମାନେ ବିଭିନ୍ନ ଜିଲ୍ଲାରେ ଶହ ଶହ ଏକର ଜମି ଜବରଦଖଲ କରିବା ସହିତ ତାହାକୁ ଜାଲ୍ କାଗଜପତ୍ର କରି ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ବିକ୍ରି କରିବାରେ ଲାଗିଛନ୍ତି । ତେବେ ଜମି ଖରିଦ କରୁଥିବା ଲୋକେ ଏ ସଂକ୍ରାନ୍ତରେ ସାମାନ୍ୟ ସୁରାକ ପାଉନଥିବାବେଳେ ପରବର୍ତ୍ତୀ ସମୟରେ ସେମାନେ କିନ୍ତୁ ହରଡଘଣାରେ ପଡୁଛନ୍ତି । ତେଣୁ ଜମି କିଣାବିକା ଦାୟିତ୍ୱରେ ରହୁଥିବା ଅଧିକାରୀଙ୍କୁ ଏଥିପାଇଁ ଦାୟୀ କରିବା ସହିତ ସମସ୍ତ ସରକାରୀ ଜମିଜମାର ରେକର୍ଡ ସର୍ବସାଧାରଣ ଯେଭଳି ସହଜରେ ଜାଣିପାରିବେ ତାହା ସରକାରୀ ପୋର୍ଟାଲରେ ରଖିବାପାଇଁ ମତପ୍ରକାଶ ପାଉଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଓଡ଼ିଶାରେ ଅଶୋକ ଲେଲ୍ୟାଣ୍ଡ ଡିଲର୍‌ସିପ୍ ସଂଖ୍ୟା ୫୦

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ହିନ୍ଦୁଜା ଗ୍ରୁପ୍‌ର ପ୍ରମୁଖ ସଂସ୍ଥା ଅଶୋକ ଲେଲ୍ୟାଣ୍ଡ ପକ୍ଷରୁ ଚ୍ୟାନେଲ୍ ପାର୍ଟନର ସାମଲ ଅଟୋମୋଟିଭ୍ସ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ରାଜ୍ୟରେ ୨ଟି ନୂଆ ଏମ୍‌ଆଣ୍ଡ୍‌ଏଚ୍‌ସିଭି ଡିଲର୍‌ସିପ୍‌ର ଶୁଭାରମ୍ଭ କରାଯାଇଛି। ଏହି ଦୁଇ ଡିଲର୍‌ସିପ୍‌କୁ ଢେଙ୍କାନାଳ ଓ ଅନୁଗୋଳରେ ଖୋଲାଯାଇଥିବା ବେଳେ ଏଥିସହ ରାଜ୍ୟରେ ଅଶୋକ ଲେଲ୍ୟାଣ୍ଡର ଏମ୍‌ଆଣ୍ଡ୍‌ଏଚ୍‌ସିଭି ଡିଲର୍‌ସିପ୍ ସଂଖ୍ୟା ୫୦ରେ ପହଞ୍ଚିଛି।

ଢେଙ୍କାନାଳର ୨ଏସ୍ ଡିଲରସିପ୍ କଟକ ଓ ସମ୍ବଲପୁର ପ୍ରମୁଖ ସହରକୁ ସଂଯୋଗ କରୁଥିବା ଜାତୟ ରାଜପଥ ୫୫ରେ ଅବସ୍ଥିତ। ୪୦, ୦୦୦ ବର୍ଗଫୁଟ ପରିବ୍ୟାପ୍ତ ଏହି ଡିଲର୍‌ସିପ୍‌ରେ ଅତ୍ୟାଧୁନିକ ଉପକରଣ ଯଥା ହ୍ୱିଲ୍ ଆଲାଇନମେଣ୍ଟ୍ ମେସିନ୍, ନ୍ୟୁମେଟିକ୍ ସିଷ୍ଟମ୍, ଅତ୍ୟାଧୁନିକ ମରାମତି ବ୍ୟବସ୍ଥା ଓ ଭ୍ରାମ୍ୟମାଣ ସର୍ଭିସ୍ ଭ୍ୟାନ୍ ସହ ସଜ୍ଜିତ ଦୁଇଟି ଦୁର୍ଘଟଣା ମରାମତି ବେ' ଏବଂ ନିରବଚ୍ଛିନ୍ନ ସେବା ସୁନିଶ୍ଚିତ କରିବା ପାଇଁ ତାଲିମପ୍ରାପ୍ତ ଟେକ୍ନିସିଆନ୍ ରହିଛନ୍ତି। ଅନୁଗୋଳ, ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର ଜିଲ୍ଲାକୁ ଏହି ଆଉଟଲେଟ୍ ସେବା ଯୋଗାଇବ। ଅନୁଗୁଳରେ ଖୋଲାଯାଇଥିବା ଆଉଟ୍‌ଲେଟ୍ ୧ଏସ୍ ଡିଲରସିପ୍ ହୋଇଥିବା ବେଳେ ତା' ପୂର୍ବ ଭାରତରେ କମ୍ପାନିର ଉପସ୍ଥିତିକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ତୁଲାଇବ। ଅଶୋକ ଲେଲ୍ୟାଣ୍ଡର ଏମଏଚସିଭିର ଜାତୀୟ ବିକ୍ରୟ ମୁଖ୍ୟ ମାଧବୀ ଦେଶମୁଖ କହିଛନ୍ତି ଯେ ଏହି ନୂତନ ଡିଲରସିପ୍ ଆଉଟଲେଟଗୁଡ଼ିକର ଉଦଘାଟନ ପୂର୍ବ ଭାରତରେ, ବିଶେଷକରି ଓଡ଼ିଶାରେ




ଆମର ଉପସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଅଶୋକ ଲେଲ୍ୟାଣ୍ଡପାଇଁ ଏକ ପ୍ରମୁଖ ବଜାର ହୋଇ ରହିଛି।

ଏହି ଅତ୍ୟାଧୁନିକ ସୁବିଧାଗୁଡ଼ିକ ଉନ୍ନତ ବିକ୍ରୟ ଏବଂ ସେବା ଅଭିଜ୍ଞତା ସହିତ ଗ୍ରାହକଙ୍କୁ ସେବା ପ୍ରଦାନ କରିବାର ଆମର କ୍ଷମତାକୁ ବୃଦ୍ଧି କରିବ। ଆମର ଅଂଶୀଦାର ସାମଲ ପ୍ରାଇମ ଅଟୋମୋଟିଭ୍ସ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଶି ଆମେ ଏହି କ୍ଷେତ୍ରରେ ଆମର ଗ୍ରାହକମାନଙ୍କର ବିକଶିତ ଆବଶ୍ୟକତାକୁ ପୂରଣ କରିବାରେ ଆମର ଦକ୍ଷତା ଉପରେ ବିଶ୍ୱାସ କରୁଛୁ। ଆମେ ଆମର ସମ୍ପର୍କକୁ ଗଭୀର କରିବା ସହିତ ଅଭିନବ ଗତିଶୀଳତା ସମାଧାନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ଅଛୁ ଏବଂ ଏହି ସମ୍ପ୍ରସାରଣ ଆମକୁ ଶ୍ରେଷ୍ଠ ୧୦ ସିଭି ସଂସ୍ଥାଙ୍କ ମଧ୍ୟରେ ରହିବାର ଆମର ଲକ୍ଷ୍ୟ ହାସଲ କରିବାର ନିକଟତର କରିଛି।

ସାମଲ ପ୍ରାଇମ ଅଟୋମୋଟିଭ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜଗଦୀଶ ସାମଲ କହିଛନ୍ତି ଯେ ଅଶୋକ ଲେଲାଣ୍ଡ ସହ ଭାଗିଦାରୀ କରି ଓଡ଼ିଶାରେ ଗ୍ରାହକଙ୍କ ଉନ୍ନତ ଆବଶ୍ୟକତାକୁ ପୂରଣ କରିବାକୁ ଆମେ ଉତ୍ସାହିତ। ନୂତନ ଡିଲରସିପ୍ ଆଉଟଲେଟ୍ଗୁଡ଼ିକ ବ୍ରାଣ୍ଡର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଅଶୋକ ଲେଲ୍ୟାଣ୍ଡକୁ ଏହି ଅଞ୍ଚଳରେ ଏକ ଶକ୍ତିଶାଳୀ ଶକ୍ତି ଭାବେ ଅବସ୍ଥାପିତ କରିବ। ଏହି ସମସାମୟିକ ସୁବିଧାଗୁଡିକ ସହ ଆମେ ଆମର ଗ୍ରାହକମାନଙ୍କୁ ସର୍ବୋତ୍ତମ ମାଲିକାନା ଅଭିଜ୍ଞତା ଦେବାକୁ ଚେଷ୍ଟା କରୁଛୁ। ଏହି ଭାଗିଦାରୀ ଜରିଆରେ ଆମେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୋବିଲିଟି ସମାଧାନ ପ୍ରଦାନ କରି ଗ୍ରାହକଙ୍କ ବିଭିନ୍ନ ପରିବହନ ଚାହିଦା ପୂରଣ କରିବାକୁ ଲକ୍ଷ୍ୟ ରଖିଛୁ।



## ଆଜିର ସୁନା ଦର

ସୁନା ବଜାରରେ ଲାଗିଲା ନିଆଁ। ହୁ ହୁ ହୋଇ ବଢ଼ିଲା ସୁନା ଦର। ବିବାହ ଋତୁରେ ଅହେତୁକ ଭାବେ ସୁନା ଦର ବୃଦ୍ଧି ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଛି। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୫ ହଜାର ୫୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୨ ହଜାର ୪୨୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୫, ୫୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୨ , ୪୨୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୫,୫୫୦ ଟଙ୍କା ଓ ୮୨, ୪୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୫,୭୦୦ ଟଙ୍କା ଓ ୮୨, ୫୭୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୫,୫୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୨, ୪୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୫,୫୫୦ ଟଙ୍କା ଓ ୮୨,୪୨୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୭,୫୦୦ ହଜାର ଟଙ୍କା ହୋଇଛି।

# ହ୍ରାସ ପାଇଲା ଅମୁଲ କ୍ଷୀର ଦର

**ନୂଆଦିଲ୍ଲୀ, ୨୪।୧:** ଅମୁଲ କ୍ଷୀରର ମୂଲ୍ୟ ହ୍ରାସ ପାଇଛି। ଗୁଜରାଟର କୋଅପରେଟିଭ ମିଲ୍କ ମାର୍କେଟିଂ ଫେଡେରେସନ (ଜିସିଏମ୍‌ଏମ୍‌ଏଫ୍) ର ପରିଚାଳନା ନିର୍ଦ୍ଦେଶକ ଜୟନ ମେହେଟ୍ଟା ଏ ବିଷୟରେ ସୂଚନା ଦେଇଛନ୍ତି। କମ୍ପାନି କହିଛି, 'ତିନୋଟି ପ୍ରମୁଖ କ୍ଷୀର ଉତ୍ପାଦର ମୂଲ୍ୟ ଗୋଟିଏ ଟଙ୍କା ହ୍ରାସ କରାଯାଇଛି। ଏଥିରେ ଅମୁଲ ଗୋଲ୍ଡ, ଅମୁଲଟି ସ୍ପେଶାଲ ଏବଂ ଅମୁଲ ଫ୍ରେସ୍ ଅନ୍ତର୍ଭୁକ୍ତ ରହିଛି। ଅର୍ଥାତ ଏଣିକି ଗ୍ରାହକ ଅମୁଲ ଗୋଲ୍ଡ, ଅମୁଲଟି ସ୍ପେଶାଲ ଏବଂ ଅମୁଲ ଫ୍ରେସର ଗୋଟିଏ ଲିଟର ପାଉଚର ଦର ଯେତିକି ଅଛି ତାର ଗୋଟିଏ ଟଙ୍କା କମ ମୂଲ୍ୟରେ ପାଇ ପାରିବେ। ଦର ହ୍ରାସ ପାଇବା ପରେ ଅମୁଲ ଗୋଲ୍ଡର ମୂଲ୍ୟ ଏବେ ପ୍ରତି ଲିଟର ପିଛା ୬୫ ଟଙ୍କା ହେବ। ୨୦୨୪ଜୁନ୍ ଠାରୁ ଏହାର ମୂଲ୍ୟ ଲିଟର ପିଛା ୬୬ ଟଙ୍କା ଥିଲା। ଅମୁଲ ଟି ସ୍ପେଶାଲ୍ କ୍ଷୀରର ଗୋଟିଏ ଲିଟର ପାଉଚ୍ ମୂଲ୍ୟ ୬୧ ଟଙ୍କା ହେବା ସହିତ ଅମୁଲ ତାଜାର ମୂଲ୍ୟ ମଧ୍ୟ ପ୍ରତି ଲିଟର ପିଛା ୫୪ ଟଙ୍କାରୁ ହ୍ରାସ ପାଇ ୫୩ ଟଙ୍କା ହୋଇଛି। ଅମୁଲ ଦେଶର ପ୍ରମୁଖ କ୍ଷୀର ଯୋଗାଣକାରୀ। ଏପରି ପରିସ୍ଥିତିରେ, ଯଦି ଅମୁଲ କ୍ଷୀରର ମୂଲ୍ୟ ହ୍ରାସ ପାଏ, ତେବେ ଅନ୍ୟ କମ୍ପାନିଗୁଡ଼ିକ ଉପରେ ମଧ୍ୟ କ୍ଷୀରର ମୂଲ୍ୟ ହ୍ରାସ କରିବା ପାଇଁ ଚାପ ପଡ଼ିବ।

ଗତ ଆର୍ଥିକ ବର୍ଷରେ ଅମୁଲର ବ୍ୟବସାୟ ୮ ପ୍ରତିଶତ ବୃଦ୍ଧି ପାଇଛି। ସେପ୍ଟେମ୍ବର ୨୦୨୪ରେ ଅମୁଲ ସୂଚନା ଦେଇଥିଲା ଯେ ଭଲ ବିକ୍ରୟ ଯୋଗୁଁ, ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଏହାର କାରବାର ଆଠ ପ୍ରତିଶତ ବୃଦ୍ଧି ପାଇ ୫୯,୪୪୫ କୋଟି ଟଙ୍କା ହୋଇଛି।




# ୧ରେ ଆସିବ କିଆ ସାଇରସ

**ନୂଆଦିଲ୍ଲୀ, ୨୪।୧:** ଭାରତରେ କିଆ ସାଇରସ ଫେବୃଆରୀ ୧ରେ ଲଞ୍ଚ ହେବାକୁ ଯାଉଛି। ଏହା ଲଞ୍ଚ ହେବା ପୂର୍ବରୁ ସାଇରସ ମାଇଲେଜର ଡିଟେଲ୍ସ ସାମ୍ନାକୁ ଆସିଛି। ଏହାର ବୁକିଂ ଲଞ୍ଚ ହେବା ପୂର୍ବରୁ ମଧ ଆରମ୍ଭ ହୋଇଛି। ଆପଣ ଏହାକୁ ୨୫,୦୦୦ ଟଙ୍କା ସହିତ ବୁକ୍ କରିପାରିବେ। ବର୍ତ୍ତମାନ ସୁଦ୍ଧା ୧୦ ହଜାରରୁ ଅଧିକ ୟୁନିଟରୁ ଅଧିକ ବୁକିଂ ହୋଇସାରିଛି। ଏହି ସବ୍-କମ୍ପାକ୍ଟ ଏସୟୁଭିକୁ ୬-ଭ୍ୟରିଆଣ୍ଟ ଏବଂ ୮ ମୋନୋଟୋନ୍ ପେଣ୍ଟ ସ୍କିମରେ ପରିଚିତ କରାଯାଇଛି। ଏହା ପେଟ୍ରୋଲ ଏବଂ ଡିଜେଲ୍ ଦୁଇଟି ଇଞ୍ଜିନ୍ ଅପ୍ସନ ସହିତ ପରିଚିତ କରାଯାଇଛି। ଆସନ୍ତୁ ଜାଣିବା ଏହି କିଆ ସାଇରସ ଏକ ଲିଟର ପେଟ୍ରୋଲ ଏବଂ ଡିଜେଲରେ କେତେ ମାଇଲେଜ୍ ଦେବ।

କିଆ ସାଇରସ ରେ ୧-ଲିଟର ଟର୍ବୋ-ପେଟ୍ରୋଲ୍ ଏବଂ ୧.୫-ଲିଟର ଡିଜେଲ୍ ଇଞ୍ଜିନ୍ ଅପ୍ସନ ସହିତ ପରିଚିତ କରାଯାଇଛି। ଏହାର ୧-ଲିଟର ଟର୍ବୋ-ପେଟ୍ରୋଲ ଇଞ୍ଜିନ୍ ୧୨୦ ପିଏସର ପାୱାର ଏବଂ ୧୭୨ ଏନଏମର ଟର୍କ ଜେନେରେଟ୍ ହୋଇଥାଏ, ଯେତେବେଳେ ୧.୫ ଲିଟର ଡିଜେଲ୍ ଭଳି ଇଞ୍ଜିନ୍ ୧୧୬ ପିଏସର ପାୱାର ଏବଂ ୨୫୦ ଏନଏମର ଟର୍କ ଜେନେରେଟ୍ କରିଥାଏ। ମାଇଲେଜ୍ ବିଷୟରେ କହିବାକୁ ଗଲେ ୧-ଲିଟର ଟର୍ବୋ-ପେଟ୍ରୋଲ ଇଞ୍ଜିନର ମାନୁଆଲ୍ ଟ୍ରାନ୍ସମିସନ୍ ଭଳି ୧୮.୨୦ କେଏମପିଏଲ ଏବଂ ଅଟୋମେଟିକ୍ ଟ୍ରାନ୍ସମିସନ୍ ସହିତ ୧୭.୬୮ କେଏମପିଏଲ ଏବଂ ଅଟୋମେଟିକ୍ ଗିୟରବକ୍ସ ସହିତ ୧୭.୬୫ କେଏମପିଏଲର ମାଇଲେଜ୍ ଦେବ।




କିଆ ସାଇରସ ର ସେଲ୍ଟୋସ୍ ତଳେ ଏବଂ କିଆ ସୋନେଟ୍ ତୁଳନାରେ ଅଧିକ ପ୍ରିମିୟମ ସବ୍-କମ୍ପାକ୍ଟ କାର୍ ଭାବରେ ପରିଚିତ କରାଯାଇଛି। କିଆ ସାଇରସ ରେ ଅନେକ ପ୍ରକାରର ଫିଚର୍ସ ଦିଆଯାଇଛି। ଏଥିରେ ଡବଲ୍ ୧୨.୩ ଡିସପ୍ଲେ, ଏକ ପାନୋରାମିକ୍ ସନରୁଫ୍, ଫ୍ରଣ୍ଟ ଏବଂ ରିୟରରେ ସିଟ୍ ଭେଣ୍ଟିଲେସନ୍, ୬୪ କଲର ଏମ୍ବିଆନ୍ସ ଲାଇଟ୍ ସିଷ୍ଟମ୍, ୮-ସ୍ପିକର ହରମନ୍ କାର୍ଡନ୍ ସାଉଣ୍ଡ ସିଷ୍ଟମ, ଇଲେକ୍ଟ୍ରୋନିକ୍ ରୂପରେ ଆଡଜଷ୍ଟେବଲ୍ ଡ୍ରାଇଭର ସିଟ୍ ଏବଂ ୱାୟାରଲେସ୍ ଚାର୍ଜିଂ ପ୍ୟାଡ୍ ଭଳି ଫିଚର୍ସ ଦିଆଯାଇଛି। ଏଥିରେ ପ୍ୟାସେଞ୍ଜର ସେଫ୍ଟି ପାଇଁ ୩୬୦-ଡିଗ୍ରୀ କ୍ୟାମେରା, ଅଟୋ ହୋଲ୍ଡ ସହିତ ଇଲେକ୍ଟ୍ରୋନିକ୍ ପାର୍କିଂ ବ୍ରେକ୍, ଫ୍ରଣ୍ଟ-କ୍ୟାମେରା ଏବଂ ରିୟର ପାର୍କିଂ ସେନ୍ସର, ହିଲ୍ ହୋଲ୍ଡ କଣ୍ଟ୍ରୋଲ୍, ୬-ଏୟାରବ୍ୟାଗ୍ ଏବଂ ଏଡିଏଏସ ଫିଚର୍ସ ଦିଆଯାଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ସବୁଦିନ ପରି ଆଜି ବି ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ହୋଇଛି। ତେବେ ଆଜିର ଦାମ ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ କହିରଖିବାକୁ ଚାହିଁବୁ ଯେ ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପ୍ରଥମେ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ରୁଷିଆର ତୈଳକ୍ଷେତ୍ର ଉପରେ ଆମେରିକାର କଟକଣା



**ଭୁବନେଶ୍ୱର,୨୪।୧:** ରୁଷିଆର ତୈଳ କ୍ଷେତ୍ର ଉପରେ ଆମେରିକାର ବ୍ୟାପକ କଟକଣା ଭାରତକୁ ଅଶୋଧିତ ତୈଳ ପ୍ରବାହକୁ ପ୍ରଭାବିତ କରିବାରେ ଲାଗିଛି। ପବ୍ଲିକ୍ ସେକ୍ଟର ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) କହିଛି, ମାର୍ଚ୍ଚ ଯୋଗାଣ ପାଇଁ ପର୍ଯ୍ୟାପ୍ତ ପରିମାଣର ମାଲ ଉପଲବ୍ଧ ନାହିଁ। ଯେଉଁ ସମୟରେ ଭାରତର ତୈଳ ବିଶୋଧନ କମ୍ପାନୀଗୁଡ଼ିକ ମାର୍ଚ୍ଚ ମାଲ ପରିବହନ ପାଇଁ ଆଲୋଚନା ଆରମ୍ଭ କରିଥିଲେ ସେହି ସମୟରେ ଏହି କଟକଣା ଘୋଷଣା କରାଯାଇଥିଲା। ଜାନୁଆରୀ ୧୦ରେ ଆମେରିକା ରୁଷିଆର ତୈଳ କ୍ଷେତ୍ରରେ ବ୍ୟାପକ କଟକଣା ଲଗାଇଥିଲା। ରୁଷିଆର ଶକ୍ତି କ୍ଷେତ୍ରକୁ ଟାର୍ଗେଟକରି ଆମେରିକା ବ୍ୟାପକ କଟକଣା ଲାଗୁ କରିବାକୁ ଘୋଷଣା କରିଥିଲା। ଏଥିମଧ୍ୟରେ ରୁଷିଆର ତୈଳ ଉତ୍ପାଦକ ଗାଜପ୍ରୋମ ନେଫ୍ଟ ଏବଂ ସର୍ଗୁଟନେଫ୍ଟଗାସ ଉପରେ କଟକଣା ଜାରି କରାଯିବା ସହ ରୁଷିଆର ଶକ୍ତି ରପ୍ତାନି ସହ ଜଡ଼ିତ ୧୮୩ ଜାହାଜକୁ କଳା ତାଲିକାଭୁକ୍ତ କରାଯାଇଥିଲା। ଏହାସହ ତୈଳ ବ୍ୟବସାୟୀ, ତୈଳ କ୍ଷେତ୍ର ସେବା ପ୍ରଦାନକାରୀ ସଂସ୍ଥା, ଟ୍ୟାଙ୍କର ମାଲିକ ଏବଂ ପରିଚାଳକ, ବୀମା କମ୍ପାନୀ ଏବଂ ଶକ୍ତି ଅଧିକାରୀଙ୍କ ଉପରେ କଟକଣା ଜାରି କରାଯାଇଛି। ବିପିସିଏଲ୍ ନିର୍ଦ୍ଦେଶକ (ଅର୍ଥ) ଭି. ରାମକୃଷ୍ଣ ଗୁପ୍ତା ଗୁରୁବାର ବିଶ୍ଳେଷକମାନଙ୍କୁ କହିଛନ୍ତି, ଗତ ୨ ମାସ ମଧ୍ୟରେ ଜାନୁଆରୀ ଏବଂ ଫେବୃଆରୀ ପାଇଁ ରୁଷିଆର ତୈଳକୁ ବୁକିଂ କରାଯାଇଥିଲା । ମାତ୍ର ମାର୍ଚ୍ଚ ଯୋଗାଣ ପାଇଁ ପର୍ଯ୍ୟାପ୍ତ ପରିମାଣର ମାଲ ପରିବହନ ଉପଲବ୍ଧ ନ ଥିଲା। ସେ କହିଛନ୍ତି, ଅଶୋଧିତ ତୈଳ ଯୋଗାଣରେ ରୁଷିଆର ଅଂଶ ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ୩୧%ରୁ ମାର୍ଚ୍ଚ ତ୍ରୈମାସରେ ୨୦ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

## ଟ୍ରମ୍ପଙ୍କ ଏଆଇ ପ୍ରକଳ୍ପରେ ନାହାନ୍ତି ମସ୍କ



**ନୂଆଦିଲ୍ଲୀ, ୨୪।୧:** ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଡୋନାଲ୍ଡ ଟ୍ରମ୍ପ ଏକ ବୃହତ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପ୍ରକଳ୍ପ 'ଷ୍ଟାର୍‌ଗେଟ୍' ଘୋଷଣା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ବିଶ୍ୱ ଏଆଇ ବିପ୍ଳବରେ ଆଗରେ ରହିବା। ତେବେ ଏହି ପ୍ରକଳ୍ପ ଲାଗି ସେ ଯେଉଁ ତିନି ଜଣ ବ୍ୟକ୍ତିଙ୍କୁ ଚୟନ କରିଛନ୍ତି ସେଥିରେ ଟେସ୍‌ଲାର ମୁଖ୍ୟ ତଥା ତାଙ୍କର ଘନିଷ୍ଠ କୁହାଯାଉଥିବା ଏଲନ୍ ମସ୍କ ନାହାନ୍ତି। ସେହି ଟିମ୍‌ରେ ଚାଟ୍‌ଜିପିଟିର ସ୍ରଷ୍ଟା ଓପନ୍‌ଏଆଇର ସିଇଓ ସାମ୍ ଅଲ୍ଟମ୍ୟାନ୍, ଓରାକଲ୍ ଅଧ୍ୟକ୍ଷ ଲାରି ଏଲିସନ୍ ଓ ସଫ୍ଟବ୍ୟାଙ୍କ ସିଇଓ ମାୟୋସି ସନ୍‌ଙ୍କ ନାମ ରହିଛି। ସେଥିରେ ଏନ୍‌ଭିଡିଆକୁ ସାମିଲ କରିବା ଲାଗି କଥାବାର୍ତ୍ତା ଚାଲିଛି। ଷ୍ଟାର୍‌ଗେଟ୍ ପ୍ରକଳ୍ପ ଘୋଷଣା ଅବସରରେ ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପଙ୍କ ସହ ଏହି ସମସ୍ତ କମ୍ପାନିର ସିଇଓ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପରେ ୫୦,୦୦୦ କୋଟି ଡଲାର ନିବେଶ ହେବ। ପ୍ରଥମ ପର୍ଯ୍ୟାୟରେ ୧୦,୦୦୦ କୋଟି ଡଲାର ନିବେଶ କରିବାକୁ ଟ୍ରମ୍ପ୍ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପରେ ଆମେରିକାରେ ୧,୦୦,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏଭଳି ଏକ ପ୍ରକଳ୍ପରେ ସ୍ଥାନ ପାଇ ନଥିବାରୁ ମସ୍କ ଅସନ୍ତୁଷ୍ଟ ଥିବା ଜଣାପଡୁଛି। ପ୍ରକଳ୍ପ ସମ୍ପର୍କରେ ଓପନ୍‌ଏଆଇ କରିଥିବା ଏକ ପୋଷ୍ଟ ଉପରେ ଉତ୍ତର ଦେଇ ମସ୍କ ଲେଖିଛନ୍ତି ଯେ ସେମାନଙ୍କ ପାଖରେ ପ୍ରକୃତରେ ୫୦,୦୦୦ କୋଟି ଡଲାର ନାହିଁ। ସଫ୍ଟବ୍ୟାଙ୍କ ୧୦୦୦୦ କୋଟି ଡଲାର ସଂଗ୍ରହ କରିପାରିଥିବା ସେ କହିଛନ୍ତି। ଏହି ପ୍ରକଳ୍ପକୁ ସମାଲୋଚନା କରୁଥିବା ଲୋକମାନଙ୍କ ଯୁକ୍ତିକୁ ମଧ ମସ୍କ ସମର୍ଥନ କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ବିଶାଳ ଏଆଇ ପ୍ରକଳ୍ପ ଲାଗି ତାଙ୍କୁ ଚୟନ କରାଯାଇଥିବାରୁ ଅଲ୍ଟମ୍ୟାନ୍ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପଙ୍କ ପ୍ରତି କୃତଜ୍ଞତା ଜଣାଇବା ମସ୍କଙ୍କ କଟା ଘା'ରେ ଚୂନ ଲଗାଇବା ଭଳି ହୋଇଛି। ଏମିତିରେ ଓପନ୍‌ଏଆଇ ସିଇଓ ଅଲ୍ଟମ୍ୟାନ୍ ଓ ମସ୍କଙ୍କ ଭିତରେ ସମ୍ପର୍କ ଏତେ ଭଲ ନାହିଁ। ନିୟମିତ ବ୍ୟବଧାନରେ ଅଲ୍ଟମ୍ୟାନ୍‌ଙ୍କୁ ସେ ସମାଲୋଚନା କରୁଥିବା ଦେଖିବାକୁ ମିଳେ। ୨୦୧୫ରେ ଓପନ୍‌ଏଆଇ ସ୍ଥାପନା ବେଳେ ମସ୍କ ତାହାର ସହ-ପ୍ରତିଷ୍ଠାତା ଥିଲେ। ମସ୍କ ସେହି ପ୍ରକଳ୍ପକୁ ଦରକାର ସମୟରେ ପାଣ୍ଠି ବି ଦେଇଥିଲେ। କିନ୍ତୁ ୨୦୧୮ରେ ସେ ସେଥିରୁ ଓହରିଯାଇଥିଲେ। ତେବେ ଏକ ଅଣଲାଭଜନକ ସଂସ୍ଥା ଭାବେ ଗଠନ କରାଯାଇଥିବା ଓପନ୍‌ଏଆଇ ଯେତେବେଳେ ଚାଟ୍‌ଜିପିଟି ଆରମ୍ଭ କଲା ଓ ତାହା ଅଳ୍ପ ଦିନ ଭିତରେ ଲୋକପ୍ରିୟ ହୋଇଗଲା, ସେହିଦିନଠାରୁ ଅଲ୍ଟମ୍ୟାନ୍‌ଙ୍କୁ ମସ୍କ ପସନ୍ଦ କରୁନାହାନ୍ତି। ସେ ଓପନ୍‌ଏଆଇ ଓ ଅଲ୍ଟମ୍ୟାନ୍‌ଙ୍କ ବିରୋଧରେ ଅଦାଲତ ମଧ ଯାଇଛନ୍ତି।

# ଟାଟା ସାମ୍ନାକୁ ଆଣିଲା ଫ୍ଲେକ୍ସ ଫୁଏଲ ମଡେଲ୍

**ନୂଆଦିଲ୍ଲୀ, ୨୪।୧:** ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ରେ ଟାଟା ମୋଟର୍ସ ନିଜର ନୂଆ ପଞ୍ଚ ଫ୍ଲେକ୍ସ ଫୁଏଲ କନସେପ୍ଟକୁ ସାମ୍ନାକୁ ଆଣିଥିଲା। ଟାଟା ପଞ୍ଚ ଫ୍ଲେକ୍ସ ଫୁଏଲ କନସେପ୍ଟ ବହୁତ ପପୁଲାର ମଧ୍ୟ ହୋଇଛି। ଏହା ହେଉଛି ଟାଟା ପଞ୍ଚ ଯାହାକୁ ପେଟ୍ରୋଲ, ଇଲେକ୍ଟ୍ରିକ୍ ଏବଂ ସିଏନଜି ମଡେଲର ବ୍ୟବହାର କରାଯାଏ। ବର୍ତ୍ତମାନ ଏଥିରେ ଏକ ଖାସ୍ ପରିବର୍ତ୍ତନ କରାଯାଇଛି। ପଞ୍ଚ ବର୍ତ୍ତମାନ ୧୦୦% ଇଥାନଲରେ ଚାଲିବାକୁ କ୍ୟାପାବୁଲ୍ ହୋଇପାରିବ। ଫ୍ଲେକ୍ସ ଫୁଏଲ କନସେପ୍ଟ କେଉଁ ଫିଚର୍ସ ସହିତ ଆସିପାରିବ ଆସନ୍ତୁ ଜାଣିବା।

ଟାଟା ପଞ୍ଚ ଫ୍ଲେକ୍ସ ଫୁଏଲ ମଡେଲର ଫିଚର୍ସ ଜାଣିବା ପୂର୍ବରୁ ଆସନ୍ତୁ ଜାଣିବା ଫ୍ଲେକ୍ସ ଫୁଏଲ କ'ଣ ? ଏହା ଗାଡ଼ିଗୁଡିକ ପାଇଁ ଏକ ଖାସ୍ ଇଞ୍ଜିନ୍ ରହିଛି, ଯାହା ପେଟ୍ରୋଲ୍ ବ୍ୟାତୀତ ଇଥାନଲ ମିଶ୍ରଣରେ ମଧ୍ୟ ଚାଲିପାରିବ। ପେଟ୍ରୋଲର ଅପ୍ସନ ଭାବରେ ଫ୍ଲେକ୍ସ ଫୁଏଲ ବ୍ୟବହାର କରାଯାଇପାରିବ। ଏହାକୁ ବ୍ୟବହାର କରିବାରେ ପଲ୍ୟୁସନକୁ କମ୍ କରିବାରେ ସାହାଯ୍ୟ କରିଥାଏ। ଏହା ସହିତ ଏର୍ନଜି ମଧ୍ୟ ସେଭିଙ୍ଗ ହୋଇଥାଏ। ଟାଟା ପଞ୍ଚ ଫ୍ଲେକ୍ସ ଫୁଏଲ ରେ ୧.୨ ଲିଟରର ନ୍ୟାଚୁରାଲ୍ ଆସପିରେଟେଡ୍ ପେଟ୍ରୋଲ୍ ଇଞ୍ଜିନର ବ୍ୟବହାର କରାଯାଇଛି, ଯାହା ଏହାର ପେଟ୍ରୋଲ ଭ୍ୟାରିଆଣ୍ଟ ପାଇଁ କରାଯାଇଥାଏ। ଏହାର ଇଞ୍ଜିନ୍ ମଧ୍ୟ ଇଥାନଲର ଅଧିକ ବିପଜ୍ଜନକ ପ୍ରଭାବରୁ ରକ୍ଷା କରିବା ପାଇଁ ଅପଟେଡ୍ କରାଯାଇଛି। ଯାହାର ଅର୍ଥ ହେଉଛି ଏଥିରେ ଥିବା ଇଞ୍ଜିନ୍ ବର୍ତ୍ତମାନ ୧୦୦% ଏଥିନଲରେ ମଧ୍ୟ କାମ କରିବ। ଏଥିରେ ପେଟ୍ରୋଲ ଭ୍ୟାରିଆଣ୍ଟରେ ମିଳୁଥିବା ୮୬ ବିଏଚପିର ପାୱାର ଏବଂ ୧୧୫ ଏନଏମର ଟର୍କ ମଧ୍ୟ ସମାନ ମିଳିବ। ଏହାର ଇଞ୍ଜିନକୁ ୫-ସ୍ପିଡ୍ ମାନୁଆଲ୍ ଏବଂ ଏଏମଟି ଅପ୍ସନରେ ଅଣାଯିବ। ଏଥିରେ ଡ୍ରାଇଭିଂକୁ ଆହୁରି ମଧ୍ୟ କମଫରଟେବଲ୍ କରିପାରିବ। ଟାଟା ପଞ୍ଚ ର ପେଟ୍ରୋଲ୍ ଭ୍ୟାରଆଣ୍ଟକୁ ଅପଡେଟ୍ କରାଯାଇଛି। ଏଥିରେ ୧୦.୨୫ ଇଞ୍ଚର ଟଚସ୍କ୍ରିନ୍, ୱାୟାରଲେସ୍ ଫୋନ୍ ଚାର୍ଜର, କୁଲ୍ଡ ଗ୍ଲୋବବକ୍ସ, ସିଙ୍ଗଲ-ପେନ୍ ସନରୁଫ୍, ସେମି-ଡିଜିଟାଲ୍ ଡ୍ରାଇଭର୍ ଡିସପ୍ଲେ, ରିୟର ଭେଣ୍ଟସ୍ ସହିତ ଅଟୋ ଏସି ଏବଂ ହାଇଟ୍-ଆଡଜଷ୍ଟେବଲ୍ ଡ୍ରାଇଭର ସିଟ୍ ଭଳି ଫିଚର୍ସ ସହିତ ଲ୍ୟାସ୍ କରାଯାଇଛି। ସେହିଭଳି, ଏହା ୨୦୨୧ ରେ ଗ୍ଲୋବାଲ୍ ଏନସିଏପି ଦ୍ୱାରା କ୍ରାସ୍-ଟେଷ୍ଟ କରାଯାଇଥିଲା, ଯେଉଁଠାରେ ଏହା ଏକ ୫-ଷ୍ଟାର୍ ସୁରକ୍ଷା ରେଟିଙ୍ଗ ପାଇଥିଲା। ଏଥିରେ ପ୍ୟାସେଞ୍ଜରର ସେଫ୍ଟି ପାଇଁ ୨-ଏୟାରବ୍ୟାଗ୍, ଏବିଏସ, ଇବିଡି, ଟାୟାର ପ୍ରେସର ମନିଟାରିଂ ସିଷ୍ଟମ ସହିତ ରିଭରସିଂ କ୍ୟାମେରା, ଆଇଏସଓଏଫଆଇଏକ୍ସ ଚାଇଲ୍ଡ ସିଟ୍ ମାଉଣ୍ଟ ଭଳି ଫିଚର୍ସ ଦିଆଯାଇଛି।



# କଳିଙ୍ଗନଗରର ଶିଳ୍ପାଞ୍ଚଳର ରୋହିତ କାରଖାନାରେ ଶ୍ରମିକ ଆନ୍ଦୋଳନ



**କଳିଙ୍ଗନଗର,୨୪।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗ ନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ରୋହିତ ଫରୋଟେକ କାରଖାନାର ଗେଟ ସମ୍ମୁଖରେ ୧୭ ଦଫା ଦାବୀ ନେଇ ଠିକା ଶ୍ରମିକଙ୍କ ଧାରଣା ଆରମ୍ଭ ହୋଇଛି । ରୋହିତ ଫେ ରୋଟେକ କାରଖାନାର କର୍ତ୍ତୃପକ୍ଷ ଶ୍ରମିକ ମାନଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ଠକି ଦେଉଥିବା ଅଭିଯୋଗ କରିଛନ୍ତି ଠିକା ଶ୍ରମିକ ମାନେ । ଶ୍ରମିକ ମାନଙ୍କ ପେଟକୁ ଲାତ୍ ମାରୁଛି ରୋହିତ କାରଖାନା, ଏହି କାରଖାନା ରେ ଶ୍ରମିକ ମାନଙ୍କ ପାଇଁ କୌଣସି ସୁବିଧା ନାହିଁ, କିଛି ଭତ୍ତା ଓ ନିରାପତ୍ତା ସାମଗ୍ରୀ ଠିକ ଭାବରେ ମିଳୁନାହିଁ, ଶ୍ରମିକ ମାନଙ୍କ ଖାଇବା ପାଇଁ କ୍ୟାଟିନରେ ସୁଲଭ ମୂଲ୍ୟରେ କିଛି ମିଳୁନାହିଁ, ଉଚ୍ଚରେ କାମ, ଉତ୍ତାପରେ କାମ, ପ୍ରଦୂଷଣରେ କାମ ପାଇଁ କିଛି ଭତ୍ତା ମିଳୁନାହିଁ, ଠିକା ଶ୍ରମିକ ମାନଙ୍କ ବୋନସ, ଛୁଟି କିଛିର ସୁବିଧା ମିଳୁନାହିଁ, ଏହାକୁ ନେଇ ବିଗତ ଦିନରେ ମନ୍ତ୍ରୀ ଓ କାରଖାନା କର୍ତ୍ତୃପକ୍ଷ, ପ୍ରଶାସନ ର ବୈଠକ ହୋଇଥିଲା କିଛି ଦିନ ଭିତରେ ଆଲୋଚନା ହୋଇ ସବୁ କରାଯିବ କୁହାଯାଇଥିବା ବେଳେ ଏପ୍ରଯ୍ୟନ୍ତ କିଛି ହେଲାନାହିଁ ।କାରଖାନାରେ ଶ୍ରମିକ ମାନଙ୍କୁ ଗୋଡି ଖଟାଇଲା ପରି କାମ ହାସଲ କରିଲା ପରେ ନାର୍ଯ୍ୟ ଦାବୀ ମାନୁ ନାହିଁ କମ୍ପାନୀ । ଧାରଣାରତ ଶ୍ରମିକ ମାନଙ୍କ କହିବାକଥା ଦୁଇ ମାସର ଦରମା ଓ ୧୬ବର୍ଷ ର ଗ୍ରାଉଚୁଟି ଆଦି ନଦେଇ ଥିବାରୁ କାରଖାନାର ଶ୍ରମିକ ମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି ।

## ଅଭାବରୁ ଉଦ୍ଭାବନ

# ଗାଁକୁ ପାହାଡ଼ି ପାଣି ଆଣିଲେ ଗ୍ରାମବାସୀ

**ରେଢ଼ାଖୋଲ,୨୪।୧(ସଂଚାର ବ୍ୟୁରୋ):** ପ୍ରତ୍ୟେକ ଘରକୁ ନେଲେ ବିଶୁଦ୍ଧ ପାଣି। ରେଢ଼ାଖୋଲ ବରହମପୁରା ଗ୍ରାମବାସୀ ଏକଜୁଟ ହେଲେ ଘର ପିଛା ଦୁଇ ହଜାର ଟଙ୍କା ଦେବା ସହିତ ଭେଟି ଆକାରରେ ଶ୍ରମଦାନ ମାସେରୁ ଅଧିକ ସମୟ ଦେବା ଫଳରେ,ଗ୍ରାମର ପ୍ରତେକ ଘରେ ପହଞ୍ଚିଛି ପାଣି । ସଫଳ ପ୍ରୟୋଗ ଭାଗ୍ୟ ବଦଳାଇଦେଲା । ଏବେ ୨୪ଘଣ୍ଟା ହାତ ପାହାନ୍ତରେ ପାଣି । ପଡ଼ିଆ ଜମି ଏବେ ବଦଳିଛି ସବୁଜ କ୍ଷେତରେ । ପନିପରିବା ଚାଷ ହେଉଛି ଲୋକେ ରୋଜଗାର ପାଇଛନ୍ତି । ସ୍ୱାବଲମ୍ବି ମଧ୍ୟ ହୋଇଛନ୍ତି । ଆଉଜିବାକୁ ପଡ଼ିବନି ବାହାର ରାଜ୍ୟକୁ ଦାଦନ ଖଟିବାକୁ । ଏକତା ହିଁ ବଳ ଏହାକୁ ସମ୍ଭବ କରି ଦେଖାଇଛନ୍ତି ସମ୍ବଲପୁର ରେଢ଼ାଖୋଲ ଉପଖଣ୍ଡ ବ୍ରହ୍ମପୁରା ଗ୍ରାମବାସୀ । ଗାଁରେ ଲାଗି ରହିଥିଲା ପାଣି ସମସ୍ୟା। ପିଇବାକୁ ତ ମିଳୁନଥିଲା, ଚାଷବାସ ବି ହୋଇ ପାରୁନଥିଲା। ବର୍ଷ ବର୍ଷ ଧରି ଜଳ ସଙ୍କଟରେ ଜୁଝି ହେଉଥିଲେ ଗ୍ରାମବାସୀ। କିନ୍ତୁ ସମାଧାନ ଦିଗରେ ପଦକ୍ଷେପ ନେଉନଥିଲା ପ୍ରଶାସନ। ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ଗ୍ରାମବାସୀ ବୈଠକ କରି ଏକ ହେଲେ। ନିଜ ଅର୍ଥ ଓ ଶ୍ରମଦାନରେ ଜଳ ସଙ୍କଟ ଦୂର କରିବାରେ ସଫଳ ହୋଇଛନ୍ତି। ପାହାଡ଼ ଉପରୁ ଝରି ଆସୁଥିବା ପାଣିକୁ ଗାଁକୁ ଆଣିବାରେ ସକ୍ଷମ ହୋଇଛନ୍ତି ରେଢ଼ାଖୋଲ ବ୍ଲକ ବରହମପୁରା ଗ୍ରାମବାସୀ। ଗାଁରେ ୫ଟି ନଳକୂପ ଥାଇ ବି ଶୋଷ ମେଣ୍ଟୁ ନଥିଲା। ଚାଷ ଜମି ପଡ଼ିଆ ପଡୁଥିଲା। ପାଣି ପାଇଁ ଡହଳ ବିକଳ ହେଉଥିଲେ ୫୦ଟି ପରିବାର। ସଙ୍କଟରେ ପଡ଼ି ବିକଳ୍ପ ଖଜିଲେ ଗ୍ରାମବାସୀ କ୍ଷ ଛୋଟ ହ୍ରଦଟିଏ କରି ପାହାଡ଼ରୁ ଝରି ଆସୁଥିବା ପାଣିକୁ ଅଟକାଇଲେ। ନାବାଡ଼ ପକ୍ଷରୁ ମିଳିଥିବା ପାଇପ୍‌କୁ ସେଥିରେ ସଂଯୋଗ କରି ଗାଁକୁ ଆଣିଛନ୍ତି ପଥର ଓ ଗଛ ଚେର ସନ୍ଧିରୁ ଝରି ଆସୁଥିବା ପାଣି। ବ୍ଲକ ସଦର ମହୁକମା ଠାରୁ ୧୫ କିମି ଦୂରରେ ଥିବା ବରହମପୁରା ଗାଁରେ ରାତି ପାହିଲେ ପାଣି ଚିନ୍ତା ଘାରୁଥିଲା। ହେଲେ ଏବେ ପ୍ରତି ଘରେ ୨୪ ଘଂଟିଆ ବିଶୁଦ୍ଧ ପିଇବା ପହଞ୍ଚିଛି। ପାଣି ପାଇ ଟାଙ୍ଗରା ଭୂଇଁ ହସୁଛି। ପ୍ରାୟ ୧୦ ହେକ୍ଟର ଜମିରେ ପନିପରିବା ଚାଷ ହୋଇଛି। ରୋଜଗାର





ଆଶାରେ ଦାଦନ ଖଟିବାକୁ ଯାଉଥିବା ଗାଁବାସୀ ଏବେ ବାହାରକୁ ନଯାଇ ନିଜ ଜମିରେ ସୁନା ଫଳାଇବାରେ ସକ୍ଷମ ହୋଇଛନ୍ତି। ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି, ଏହାରା ଜାଣିବା ପରେ ତତ୍କାଳୀନ ଜିଲ୍ଲାପାଳ ଗାଁକୁ ଆସିଥିଲେ। ଗ୍ରାମବାସୀଙ୍କ ପ୍ରଶଂସା କରିବା ସହ ୩ ଲକ୍ଷର ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସବୁ ଭୁଲି ଗଲେ।

# ଧବଳେଶ୍ୱର ପୀଠରେ ରୌପ୍ୟ ଜୟନ୍ତୀ



**ଭେଡେନ,୨୪।୧(ସଂଚାର ବ୍ୟୁରୋ):** ଭେଡେନ ବ୍ଲକ ରେଶମ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସିଂହେନପାଲି ଗ୍ରାମର ପଣ୍ଡରାଡୁଙ୍ଗୁରୀ ସ୍ଥିତ ଶ୍ରୀ ଶ୍ରୀ ଧବଳେଶ୍ୱର ପୀଠ ଠାରେ ଧବଳେଶ୍ୱର ସତସଙ୍ଗ ମଣ୍ଡଳୀ ର ରୌପ୍ୟ ଜୟନ୍ତୀ ମହୋତ୍ସବ ଆଜି ଆରମ୍ଭ ହୋଇଯାଇଛି। ଗ୍ରାମ ର ବୈଦ୍ୟନାଥ ମନ୍ଦିର ରୁ କଳସ ଶୋଭାଯାତ୍ରା ବାହାରି ଗ୍ରାମଦେବୀ ଚନ୍ଦଲୀ ପାଟଙ୍କୁ ଦର୍ଶନ କରି ଗ୍ରାମ ପରିକ୍ରମା କରି ଧବଳେଶ୍ୱର ପୀଠ ରେ ପହଞ୍ଚିଥିଲା। ପୂଜକ ରିଙ୍କୁ ପୁରୋହିତ ମନ୍ଦିରର ନବ ନିର୍ମିତ ତୋରଣକୁ ନରେନ୍ଦ୍ର ଭୋଇ ଓ ରାସେଶ୍ୱରୀ ଭୋଇଙ୍କ ଦ୍ୱାରା ପ୍ରତିଷ୍ଠା କରାଇଥିଲେ। ଇନ୍ଦ୍ରମଣୀ ଭୋଇ, ନରେନ୍ଦ୍ର ଭୋଇ, ରବୀନ୍ଦ୍ର ଭୋଇ, ଲଳିତ ପଧାନ, ନିରଞ୍ଜନ ସାହୁ, ଲଳିତ ପଧାନ, ସୁଦାମ ନାଏକ, କାନ୍ହା ସେଠ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ଅପରାହ୍ନରେ ରଶ୍ମି ସାହୁଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ପଠନ ହୋଇଥିଲା। ପ୍ରକାଶ ଥାଉକି ଏହି ସ୍ଥାନରେ ଧବଳେଶ୍ୱର ସତସଙ୍ଗ ମଣ୍ଡଳୀ ତରଫରୁ ବିଗତ ୨୫ ବର୍ଷ ହେଲା ପ୍ରତ୍ୟେକ ମାସ ର ସଂକ୍ରାନ୍ତି ତିଥିରେ ପ୍ରବଚନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଆସୁଅଛି। ଆସନ୍ତା କାଲି ଶନିବାର ଦିନ ରୌପ୍ୟ ଜୟନ୍ତୀ ମହୋତ୍ସବ ର ଦ୍ୱିତୀୟ ଦିନରେ ଅଷ୍ଟ ପ୍ରହରୀ ନାମ ଯଂଜ୍ଞ ଆରମ୍ଭ ହୋଇ ରବିବାର ଦିନ ପୂର୍ଣ୍ଣାହୁତି ହେବକ୍ଷ ରବିବାର ଦିନ ଶବ୍ୟାରାଣୀ ତ୍ରିପାଠୀ, ଖରମୁଣ୍ଡା ଓ ଦେବକୀ ସାହୁ, ପିପିଲିପାଲି ଙ୍କ ଦ୍ୱାରା ସଂକୀର୍ତ୍ତନ୍ୟ ପରିବେଷଣ ହେବ। ଆଜି ସହସ୍ରାଧିକ ଭକ୍ତ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ ।

# ଏଡିଓ ସଂଘର ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ

## ସଂଘର ମର୍ଯ୍ୟାଦା ରକ୍ଷା ସହ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ

**ନୟାଗଡ଼,୨୪।୧ (ସଂଚାର ବ୍ୟୁରୋ):** ଜିଲ୍ଲା ଅନ୍ତର୍ଗତ ଓଡ଼ଗାଁ ବ୍ଲକ ଦୁତିକେଶ୍ୱର ପ୍ରାଙ୍ଗଣରେ ଆଜି ଏଡିଓ ସଂଘର ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ଏଡିଓ ସଂଘର ଜିଲ୍ଲା ସଭାପତି ଜିତେନ୍ଦ୍ର କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସଙ୍ଗଠନକୁ ସୁଦୃଢ଼ କରିବା ସହିତ ଆଗାମୀ ଦିନରେ ପ୍ରତ୍ୟେକ ବର୍ଷ ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀରେ ଦେଷ ପ୍ରେମ ଦିବସକୁ ସଂଘ ପ୍ରେମୀ ଦିବସରେ ପାଳନ କରିବା ପାଇଁ ମଞ୍ଚ ପରିଚାଳନା କରୁଥିବା ନୟାଗଡ଼ ଜିଲ୍ଲା ସଂଘର ମୁଖ୍ୟ ଉପଦେଷ୍ଟା ବାଦଲ କୁମାର ଷଡ଼ଙ୍ଗୀ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ରାଜ୍ୟ ସଂଘର ସଭାପତି ପ୍ରଭାତ କୁମାର ତିୱାରୀ, ଅଜୟ କୁମାର ଜେନା ରାଜ୍ୟ ସଂଘର ସଂଗଠନ ସମ୍ପାଦକ, ସୁରେଶ କୁମାର ପାଣିଗ୍ରାହୀ ରାଜ୍ୟ ସଂଘ ଉପ ସଭାପତି, ଦେବାଶିଷ ରାଉତ ରାଜ୍ୟ ସଂଘ କୋଷାଧ୍ୟକ୍ଷ, ସଂଗ୍ରାମ କୁମାର ସିଂ ସମ୍ପାଦକ, ଜଗବନ୍ଧୁ ଦଳେଇ ପୁରୀ ଜିଲ୍ଲା ସଭାପତି, ପ୍ରଫୁଲ୍ଲ ହାଲ୍ଲୀ ରାୟଗଡ଼ା ବରିଷ୍ଠ ସଭ୍ୟ, ନୟାଗଡ଼ ଜିଲ୍ଲା ବରିଷ୍ଠ ଉପଦେଷ୍ଟା ବାଦଲ କୁମାର ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦକ ପୁର୍ଣ୍ଣଚନ୍ଦ୍ର ମହାନ୍ତୀ, ଜିଲ୍ଲା କୋଷାଧ୍ୟକ୍ଷ ନିରଞ୍ଜନ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ନୟାଗଡ଼ ଜିଲ୍ଲା ସମସ୍ତ ବ୍ଲକର ସଭାପତି ଓ ସମ୍ପାଦକ ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟ ସଭାପତି ତାଙ୍କ ବକ୍ତବ୍ୟରେ ଗାଳି, ତାଳି ଓ କୋଳାକୋଳି ମାଧ୍ୟମରେ ସଂଘର ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବରେ ପରିଚାଳନା କରାଯାଇ ପାରିଲେ ଆଗାମୀ ଦିନରେ ସଂଘ ସମସ୍ତ ଲକ୍ଷ ହାସଲ କରିବାରେ ସଫଳତା ମିଳିବ ବୋଲି ପ୍ରକାଶ କରିଥିଲେ ।




# ଡ଼.ଦୟାନିଧିଙ୍କୁ ସମ୍ବର୍ଦ୍ଧିତ କଲା ଡମ ସମାଜ



**ରାୟଗଡା,୨୪।୧ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ସମ୍ମାନିତ ଅଧିକାରୀ ଡକ୍ଟର ଦୟାନିଧି ବାଗଙ୍କ ପଦୋନ୍ନତି ଅବସରରେ ଡମ ସମାଜ ଏକ ଭବ୍ୟ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରିଥିଲା। ଏହି ସଭାର ଆୟୋଜନ ରାୟଗଡ଼ା ଅଞ୍ଚଳର ଆଲ୍ ଇଣ୍ଡିଆ ଏସି-ଏସ୍‌ଟି ରେଲୱେ ଏମ୍ପ୍ଲୋଇସ୍ ଏସୋସିଏସନ୍‌ର ସହଯୋଗରେ ହୋଇଥିଲା । ସଭାର ମୁଖ୍ୟ ଅତିଥି ଥିଲେ ଡକ୍ଟର ଦୟାନିଧି ବାଗ, ଯିଏ ଜଳ ଛାୟା ପ୍ରକଳ୍ପରେ ପ୍ରକଳ୍ପ ନିର୍ଦ୍ଦେଶକ ପିଡି ରୂପେ ଦୀର୍ଘ ସମୟ ଧରି ତାଙ୍କ ଦାୟିତ୍ୱ ପାଳନ କରିଥିଲେ । ସେ ଏବେ ଭୁବନେଶ୍ୱର କୃଷି ଭବନରେ ଜଏଣ୍ଟ ଡାଇରେକ୍ଟର ରୂପେ ପଦୋନ୍ନତି ପାଇଛନ୍ତି । ସଭାରେ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସାନମାନିତ ଅତିଥିମାନଙ୍କ ମଧ୍ୟରେ ଥିଲେ ରେଲୱେ ଜେନେରାଲ ମେନେଜର ସଞ୍ଜୟ ବେହେରା, ମିସ୍ ଶାନ୍ତି ନାଏକ, ସମାଜସେବୀ ସରଜ ନାଏକ, ଡମ ସମାଜ ସଭାପତି ଧନିରାମ ନାଏକ, ବାମସେଫ ସଭାପତି ଅଭିମନ୍ୟୁ କାନ୍ଧପାଣି, ସମାଜ ସେବି ପୁର୍ଣ ଟାକ୍ରୀ ଓ ଅନେକ ଅନ୍ୟାନ୍ୟ ସମାଜ ସେବୀ ଓ ବୁଧିଜୀବୀ ମାନେ ଉପସ୍ଥିତ ଥିଲେ ସଭା ଆରମ୍ଭରେ ଡମ ସମାଜର ପକ୍ଷରୁ ଡକ୍ଟର ଦୟାନିଧି ବାଗଙ୍କୁ ଗର୍ଭିତ ସ୍ୱାଗତ ଜଣାଯାଇଥିଲା । ପ୍ରାଥମିକ ଭାବରେ ଅତିଥିମାନଙ୍କୁ ପୁଷ୍ପ ଗୁଛ ଦେଇ ହାର୍ଦିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ପରେ ବିଭିନ୍ନ ଅତିଥିମାନେ ଡକ୍ଟର ବାଗଙ୍କ କାର୍ଯ୍ୟକ୍ଷମତା ଓ ସମାଜ ପ୍ରତି ତାଙ୍କ ଅବଦାନ ବିଷୟରେ ଅଭିଭାଷଣ ରଖିଥିଲେ ।

# ହତ୍ୟା ପରେ ନିଜ ବେକ କାଟି ଆତ୍ମହତ୍ୟା ଉଦ୍ୟମ, ଯୁବକ ଗୁରୁତର




**ବାରିପଦା,୨୪।୧(ସଂଚାର ବ୍ୟୁରୋ):** ରାଶନ ଚାଉଳ ଭାଗବଣ୍ଟାକୁ ନେଇ ନୃଶଂସ ପୁଅ ଏକ ଦାଆରେ ମା’ ବେକକୁ କାଟି ହତ୍ୟା କରିବା ପରେ ନିଜ ବେକ କାଟି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଶରତଚନ୍ଦ୍ରପୁର ୱାର୍ଡ ନଂ. ୭ରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଏହି ଘଟଣା ଘଟିଛି। ପରିବାର ଲୋକେ ଅଭିଯୁକ୍ତ ପୁଅ ରୋହିଦାସ ସିଂଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଛନ୍ତି। ସୂଚନା ଅନୁଯାୟୀ, ରୋହିଦାସଙ୍କ ମା’ ରଇବାରୀ ସିଂ(୬୫)ପାଇଥିବା ଚାଉଳକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରୋହିଦାସ ଏକ ଦାଆରେ ତାଙ୍କ ମା’ଙ୍କ ବେକକୁ କାଟିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତା ରଇବାରୀଙ୍କ ସାନପୁଅ ଲକ୍ଷ୍ମୀକାନ୍ତ ମଧ୍ୟାହ୍ନ ୧୨ଟାରେ କାମରୁ ଫେରି ପ୍ରଧାନମନ୍ତ୍ରୀ ଆବାସ ଘରେ ରହୁଥିବା ମା’ଙ୍କୁ ଦେଖିବାକୁ ଯାଇଥିଲେ। ସେଠାରେ ମୃତଦେହ ପଡ଼ିଥିବା ଦେଖି ବଡ଼ଭାଇ ରୋହିଦାସଙ୍କୁ ପଚରାଉଚୁରା କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାଲ ଓ କନ୍ୟା ଶିବିର

**ଯୋଡା,୨୪।୧(ସଂଚାର ବ୍ୟୁରୋ):** ସ.ଶି.ବି.ମ ବିଲେଇ ପଦାର “ବାଲ ଓ କନ୍ୟା ଶିବିର “କାର୍ଯ୍ୟକ୍ରମ ଯଥାରୀତି ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶ୍ରୀଯୁକ୍ତ ଚନ୍ଦନ କୁମାର ବାରିକ (ଚିକିତ୍ସା ଅଧିକାରୀ, ବାସୁଦେବ ପୁର ସରକାରୀ ଡାକ୍ତର ଖାନ) ଓ ସମ୍ମାନୀତ ଅତିଥି ରୂପେ ଶ୍ରୀ ଭଗବାନ ବର୍ଦ୍ଧନ ( ପ୍ରଧାନ ଆଚାର୍ଯ୍ୟ,ସ.ଶି.ବି.ମ ଯୋଡା ) ଯୋଗଦାନ କରି) ମା’ ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ର ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ଶିଶୁ ଭାଇ ଭଉଣୀଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ପରାମର୍ଶ ପ୍ରଦାନ କରାଯାଇ ବେଳେ ସମ୍ମାନୀତ ଅତିଥିଙ୍କ ଦ୍ୱାରା ବାଲ ଓ କନ୍ୟାଶିବିର ର ଉଦ୍ଦେଶ୍ୟ ସମ୍ବନ୍ଧରେ ମାର୍ଗଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଇ ଭଉଣୀଙ୍କ ଦ୍ୱାରା ମାଣବସା ,ରଥଯାତ୍ରା, ଖୁଦୁରୁକୁଣୀ, ରଜ, କୁଆଁର ପୁନେଇଁ, ଡାକ୍ତରଖାନା ଓ କୌଳିକହୁଛି ଆଦି ପ୍ରଦର୍ଶିତ କରଯାଇଥିଲା। ଏଥିସହିତ ଭଉଣୀ ମାନଙ୍କ ଦ୍ୱାରା ପିଠା ପ୍ରଦର୍ଶନୀ, କଳସସଜା ପ୍ରତିଯୋଗିତା ଏବଂ ଭାଇମାନଙ୍କ ଦ୍ୱାରା କୌତୁକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା । ସ୍ଥାନୀୟ ବିଦ୍ୟାଶକ୍ତି ନ୍ୟାସର ସଂପାଦିକା ନୂତନ ପଣ୍ଡିତ ଏବଂ ସଦସ୍ୟା କୀର୍ତି କୁମାର ପ୍ରତିଯୋଗିତା ର ବିଚାରକ ରୂପେ ଯୋଗଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ଲୀନା ମଲ୍ଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସଂପାଦକ ଗୋପୀନାଥ ଗୋପ ଧନ୍ୟବାଦ ଅର୍ପଣ କରିଥିଲେ । କନ୍ୟା ଭାରତୀପ୍ରମୁଖୀ ଗୁରୁମା ସ୍ୱାଗତିକା ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମାତୃଭାରତୀ ଟିମର ଭଉଣୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ପ୍ରସ୍ତୁତି



**ସୁବର୍ଣ୍ଣପୁର,୨୪।୧(ସଂଚାର ବ୍ୟୁରୋ):** ସ୍ୱର୍ଗତ ଜ୍ଞାନୀ ହୋତା ଓ ଚିତ୍ତ ରଞ୍ଜନ ହୋତା ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚିତ୍ତ ଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପଶ୍ଚିମ ଓଡ଼ିଶା ଶାଖା ପକ୍ଷରୁ ଆସନ୍ତା ଜାନୁଆରୀ ୨୬ ସଧାରଣ ତନ୍ତ୍ର ଦିବସ ରେ ମାଁ ସୁରେଶ୍ୱରୀ ଙ୍କ ଠାରେ ପୂଜା ଅର୍ଚ୍ଚନା ପରେ ସୋନପୁର ଘୋଡାଘାଟପଡ଼ା (ମହାରଣାପଡ଼ା) ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ର ଶୁଭାରମ୍ଭ କରାଯିବ । ଏନେଇ ଆଜି ପ୍ରଫେସର୍ ଦଣ୍ଡେଶ୍ୱର ହୋତା ଙ୍କ ଅଧ୍ୟକ୍ଷତା ରେ ଅବସର ପ୍ରାପ୍ତ ବିଚାରପତି (ଓଡ଼ିଶା ହାଇକୋର୍ଟ) ଶ୍ରୀ ଚିତ୍ତ ରଞ୍ଜନ ଦାଶ ଙ୍କ ଉପସ୍ଥିତି ରେ ତାଙ୍କ ସୋନପୁର ବାସ ଭବନ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲା ର ସମସ୍ତ ଅଞ୍ଚଳ ର ଗରିବ ଲୋକ ଙ୍କ ପାଇଁ ମାଗଣା ରେ ପରୀକ୍ଷା ଓ ଚିକିତ୍ସା ର ସୁ - ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୬ ତାରିଖ ଦିନ ସୋନପୁର ଘୋଡ଼ାଘାଟପଡ଼ା ରେ ଏହି ମା ଘର ର ଶୁଭାରମ୍ଭ ହେବ ଏବଂ ପ୍ରଥମେ ତେଲେଣ୍ଡା ଓ ସେଲେଡି ଗାଁ ର ଗରିବ ରୋଗୀ ଙ୍କ ପାଇଁ ଚିକିତ୍ସା ସେବା ଓ ମାଗଣା ଔଷଧ ପ୍ରଦାନ କରାଯିବ । ପ୍ରତି ମାସ ଦ୍ୱିତୀୟ ଶନିବାର ଓ ରବିବାର ଦିନ ରେ ଏହି ଘୋଡ଼ାଘାଟପଡ଼ା ମା ଘର ସୋନପୁର ରେ ଗରିବ ଶ୍ରେଣୀର ରୋଗୀ ଙ୍କ ପାଇଁ ମାଗଣା ରେ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଡ଼ା .ଦଣ୍ଡେଶ୍ୱର ହୋତା ପ୍ରକାଶ କରିଛନ୍ତି ।

# ଆର୍. ଡି. ଏସ୍ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଉଦଳା,୨୪।୧(ସଂଚାର ବ୍ୟୁରୋ):** ଶିମିଳିପାଳ ପାଦଦେଶରେ ଅବସ୍ଥାପିତ ମା ଅମ୍ବିକାଙ୍କ ନିକଟତମ ଗାଁ କୁଣ୍ଡାବାଇ ସ୍ଥିତ ଆର୍. ଡି. ଏସ୍ ମହାବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଦ୍ୱାରା ସୁସ୍ଥ ସାମାଜ ଗଠନ ସହ ଭାରତ ଭୂଖଣ୍ଡର ପ୍ରଗତିରେ ଛାତ୍ର ଛାତ୍ରୀ ମାନଙ୍କର ଭୂମିକା ବିଷୟରେ ମଞ୍ଚାସୀନ ଅତିତିଥି ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ସଭାପତିତ୍ୱ କରି ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ଉତ୍ତରୀୟ ଓ ଫଟୋ ଚିତ୍ର ଦେଇ ସ୍ୱାଗତ୍ କରିଥିଲେ। ମୁଖ୍ୟ ଅତିଥି ତଥା ଉଦ୍ଘାଟକ ଭାବେ ରାଜ୍ୟ ସଭା ସାଂସଦ ମମତା ମହାନ୍ତ, ସ୍ୱତନ୍ତ୍ର ଅତିଥିଭାବେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢ଼େଇ, ମୁଖ୍ୟ ବକ୍ତା ଭାବେ ସୃଜନଶୀଳ ଲେଖକ, ସମାଜସେବୀ ଏବଂ ସୁସଂଗଠକ ଇଂଜିନିୟର ଅଭୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ, କପ୍ତିପଦା, ଉଦଳା ତଥା ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ବାରିକ ଯୋଗ ଦେଇ ଉପାନ୍ତ ଅଞ୍ଚଳରେ ଏଭଳି ଅନୁଷ୍ଠାନ ରେ ଛାତ୍ରଛାତ୍ରୀ ମାନେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ଲାଭ କରି କିଭଳି ଦେଶର ପ୍ରଗତିରେ ସାମିଲ ହୋଇ ଏକ ସଶକ୍ତ, ସମୃଦ୍ଧ ଓ ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ନିଜକୁ ସାମିଲ କରିପାରିବେ ସେ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।




# ବିଦ୍ୟା ଶ୍ରୀନିକେତନର ବାର୍ଷିକ ଉତ୍ସବ ଓ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




**କଳାହାଣ୍ଡି,୨୪।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ସ୍ଥିତ ଭାରତୀୟ ବିଦ୍ୟା ଶ୍ରୀନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସ୍ୱନକ୍ଷତ୍ର ଉତ୍ସବ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ବରେ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ବିଦ୍ୟାଳୟ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ଯତ କାମନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଦନ୍ତେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଚକ୍ରଧର ବାରିକ, ସମ୍ମାନୀତ ଅତିଥି ଭାବେ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ମନୀଷା ମିଶ୍ର ପ୍ରମୂଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଅନୁଷ୍ଠାନର ଶ୍ରେଷ୍ଠ ଅଧ୍ୟାପକ, ଅଧ୍ୟାପିକାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା। ପରେ ପରେ ବିଦ୍ଯାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା। ଅଧ୍ୟକ୍ଷ ସୁରେନ୍ଦ୍ର ନାଏକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଭୁଜବଳ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଜୁନାଗଡ଼ ଶ୍ରୀ ଗଣେଶ ଉଚ୍ଚ ମାଧ୍ଯମିକ ବିଦ୍ଯାଳୟର ଉଦ୍ଧବ ନାଏକ, କୁମୁଦିନୀ ଅଧିକାରୀ, ତ୍ରୟଲକ୍ଷ୍ମୀ ପଣ୍ଡା, ଚନ୍ଦନ ସାହୁ, ମାଧବ ସୁନାନୀ, ଅଜିତ କୁମାର ମେହେର, ସୌମ୍ୟରଞ୍ଜନ ପଣ୍ଡା, ରଶ୍ମୀରଂଜନ ଛତ୍ରିଆ, ଚନ୍ଦନ ଛତ୍ରିଆ, ହିତେଶ କୁମାର ନାଏକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଦେବରାଜ ସତନାମୀ, ଭାଗ୍ଯବାନ ଦାସ, ରିଙ୍କୁ ଖମାରୀ, ପୁସ୍ତମ ବଣିଆ, ଶାନ୍ତନୁ ବାଗ, ଦେବେନ୍ଦ୍ର ରଣା, ଭାସ୍କର ଗୋପାଳ ଅଧ୍ୟାପିକା ସୁମନ ସିନ୍ଧୁର ପ୍ରମୁଖ ସହଯୋଗ କରିଥିଲେ।

# ଅଗ୍ନି ନିରାପତ୍ତା ଆଇନ୍‌କୁ ଫୁଁ’

## ଶୁଭମ୍ ଗେଷ୍ଟ ହାଉସ ଲୋକଙ୍କ ଜୀବନ ସହ ଖେଳୁଛି

**ବାଲିଆପାଳ,୨୪।୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଛକ ନିକଟରେ ଥିବା ଜଣାଶୁଣା ଶୁଭମ୍ ଗେଷ୍ଟ ହାଉସ ରେ ବିଭିନ୍ନ କମ୍ପାନୀ ର ବୈଠକ ସଭା, ସମିତି, ରାଜନୈତିକ ମିଟିଂ, ସାଂସ୍କୃତିକ କାର୍ଯ୍ୟକ୍ରମ ବିବାହ, ବ୍ରତଘର ଜିରୋନାଇଟ୍ ସେଲିବେସ୍ରନ ଭଲି ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଏହାଛଡା ଦୂରଦୂରାନ୍ତର ରୁ ଆସୁଥିବା ଲୋକ ମାନେ ରୁମ୍ ଭଡ଼ା ନେଇ ରାତ୍ରି ଯାପନ କରିବା ସହିତ ଗେଷ୍ଟ ହାଉସ ରେ ଥିବା ହୋଟେଲ ରୁ ଖାଦ୍ୟ ଖାଇଥାନ୍ତି। ଏହି ଗେଷ୍ଟ ହାଉସ ପରିସରରେ ଏକ ଜାତୀୟ ବ୍ୟାଙ୍କ ରହିଛି।ଶହଶହ ଲୋକ ତାଙ୍କ ର ଉର୍ପାଜିତ ଟଙ୍କା, ଅଳଙ୍କାର, ବ୍ୟାଙ୍କ ରେ ସଞ୍ଚିତ କରି ରଖିବା ପାଇଁ ଆସିଥାନ୍ତି। ଏଭଳି ଏକ ଜନଗହଳି ପୂର୍ଣ୍ଣ ସ୍ଥାନ ରେ ଅଗ୍ନି ନିରାପତ୍ତା ପ୍ରତି ଗୁରୁତ୍ୱ ନଦେବା ଅତ୍ୟନ୍ତଦୁର୍ଭାଗ୍ୟଜନକ ବିଷୟ ସାମ୍ନାକୁ ଆସିଛି। ଲୋକ ଙ୍କ ସୁରକ୍ଷା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଅଗ୍ନି ଶମ ବିଭାଗ ପକ୍ଷରୁ ମିଳିଥିବା ସୁଚନା ଅନୁଯାୟୀ ଅଗ୍ନି ନିରାପତ୍ତା ପାଇଁ ଗେଷ୍ଟ ହାଉସ ରେ ଲାଇସେନ୍ସ ନାହିଁ, ସର୍ତକ ସୁଚନା ପାଇଁ ଘଣ୍ଟା ର ବ୍ୟବସ୍ଥା ନାହିଁ, ପ୍ରତ୍ୟେକ ରୁମ୍ କୁ ପାଣି ଛିଞ୍ଚନ ପାଇଁ ପାଇପ୍ କନକସନ ନାହିଁ, ଅଗ୍ନି ନିରାପତ୍ତା ପାଇଁ କର୍ମଚାରି ମାନଙ୍କୁ ଟ୍ରେନିଂ ଦିଆଯାଇନାହିଁ, ହଠାତ୍ ନିଆଁ ଲାଗି ଗଲେ ଦମକଳ ଗାଡି ଚର୍ତୁପାର୍ଶ୍ୱର୍ରେ ବୁଲିବା ପାଇଁ ସୁବିଧା ନାହିଁ, ଅଗ୍ନି ନିର୍ବାପକ ଗ୍ୟାସ ନଥିବା ସ୍ଥଳେ ଅଳ୍ପ କେତେକ ଜାଗାରେ ଅମ୍ଳଜାନ ସିଲିଣ୍ଡର ଅକାମୀ ଅବସ୍ଥାରେ ରହିଛି।ଏପରି ଅବ୍ୟବସ୍ଥା କୁ ଆଖି ଆଗରେ ରଖି ଗେଷ୍ଟ ହାଉସ ମାଲିକ ସଞ୍ଜୟ କୁମାର ଦେ ଙ୍କୁ ବାଲିଆପାଳ ଅଗ୍ନିଶମ ବିଭାଗ ପକ୍ଷରୁ୨୩/୪/୨୦୨୪ ରେ ଚିଠି ନଂ ୩୧୫ ଯୋଗେ ଜଣାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶ୍ରୀ ଦେ କୌଣସି ଲାଇସେନ୍ସ କରିନାହାନ୍ତି ବୋଲି ଅଗ୍ନି ଶମ ଅଧିକାରୀ କାଶୀନାଥ ମାରାଣ୍ଡି କହିଛନ୍ତି। ଏବାବାଦରେ ଗେଷ୍ଟ ହାଉସ ମାଲିକଙ୍କ ର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ କେବଳ ଶୁଭମ୍ ଗେଷ୍ଟ ହାଉସ ନୁହଁ ବାଲିଆପାଳ ରେ ଥିବା ବିଭିନ୍ନ ହୋଟେଲ, ସଙ୍ଗୀମହଲ ରେ ସମାନ ଅବସ୍ଥା ଦେଖିବା କୁ ମିଳୁଛି।




## ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

**ସୋହେଲା,୨୪।୧(ସଂଚାର ବ୍ୟୁରୋ):** ସୋହେଲା ବ୍ଲକ ସଭାଗୃହରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋଟ ୧୯୬ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ । ଏମାନଙ୍କ ମଧ୍ୟରୁ ଭିନ୍ନକ୍ଷମ ଭତ୍ତା ୫୦ ଜଣ , ବିଧବା ଭତ୍ତା ୮୫ ଜଣ, ବାର୍ଦ୍ଧକ୍ୟ ଭତ୍ତା ୫୮ ଜଣ ,ଅବିବାହିତ ଭତ୍ତା ୧ ଜଣ,ସ୍ୱାମୀ ପାରିତ୍ୟକ୍ତ ଭତ୍ତା ୨ ଜଣଙ୍କୁ ପ୍ରଦାନ କରାଯାଇଥିଲା । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ ବିର୍ଜିଲ ଲାକ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଭାଜପା ସୋହେଲା ମଣ୍ଡଳ ପ୍ରତିନିଧି ରଘୁବିର ଭୋଇ , ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ କୁମାର ପାତ୍ର, ଦଶ ମାଇଲ ମଣ୍ଡଳ ସଭାପତି ଭବାନୀ ଶଙ୍କର ପଧାନ ,ବରିଷ୍ଠ ନେତା ଲୋକେଶ୍ୱର ସିଂ ବରିହା , ପାରେଶ୍ୱର ସାହୁ , ଶିବ ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ଥାୟୀ ନିଯୁକ୍ତି ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**କୋରାପୁଟ,୨୪।୧(ସଂଚାର ବ୍ୟୁରୋ):** ଜୀବିକା ମିଶନ ଏବଂ ମିଶନ ଶକ୍ତିରେ କାର୍ଯ୍ୟରତ ଇସି ସଦସ୍ୟଙ୍କ ସ୍ଥାୟୀ ନିଯୁକ୍ତି ସମେତ ୧୧ଦଫା ଦାବି ନେଇ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ମିଶନ ଶକ୍ତି ସଭାନେତ୍ରୀ ଜ୍ୟୋତିରେଖା ଚେଟ୍ଟୀଙ୍କ ନେତୃତ୍ୱରେ ଶତାଧିକ ସିଆର୍‌ପି, ଏମ୍‌ବିକେ, ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ଇସିମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୧ ଦଫା ଦାବି ମଧ୍ୟରେ ମିଶନ ଶକ୍ତି ବିଭାଗ ଅଧୀନ ଜୀବିକା ମିଶନ ଓ ମିଶନ ଶକ୍ତି ଇସିଙ୍କ ରିଷ୍ଟ୍ରକଚରିଂ ବନ୍ଦ କରିବା, ସିଏଲ୍‌ଏଫ୍, ଜିପିଏଲ୍‌ଏଫ୍, ବିଏଲ୍‌ଏଫ ଏବଂ ଡିଏଲ୍‌ଏଫରେ ଥିବା ଇସି ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ଇସିମାନଙ୍କୁ ଯୋଗ୍ୟତା ଭିତ୍ତିରେ ସିଆର୍‌ପି ଏବଂ ଏମ୍‌ବିକେ ପଦବୀକୁ ପଦୋନ୍ନତି କରିବା, ମିଶନ ଶକ୍ତି ଇସିମାନଙ୍କୁ ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀଶ୍ରମିକ ଅନୁଯାୟୀ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା ସହ ତୁରନ୍ତ ବକେୟା ଭତ୍ତା ପ୍ରଦାନ ଆଦି ଦାବି କରାଯାଇଛି। ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ଉପମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଭି କୀର୍ତ୍ତି ଭାଷନଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ମିଶନ ଶକ୍ତି ସମ୍ପାଦିକା ସୁଜାତା ପାଣିଗ୍ରାହୀ, ରାଜ୍ୟ ନେତା ଜୟନ୍ତ ଦାସ, ଯୁଧିଷ୍ଠିର ରାଉଳଙ୍କ ସମେତ ଜିଲା ମିଶନ ଶକ୍ତିର ବହୁ କର୍ମକର୍ତ୍ତା।